

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୧ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 11 June 2024
Vol.No. 35 ■ No.156 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମୋଦି ୩.୦ ସରକାରର ପ୍ରଥମ କ୍ୟାବିନେଟ

## ନିର୍ମାଣ ହେବ ଆଉ ୩ କୋଟି ଘର



ନୂଆଦିଲ୍ଲୀ, ୧୦/୬ : ମନ୍ତ୍ରଣାଳୟ ବଣ୍ଟନ ହୋଇନି । କିନ୍ତୁ ମୋଦି ୩.୦ ସରକାରର ପ୍ରଥମ କ୍ୟାବିନେଟ୍‌ରେ ହୋଇଛି ବଡ଼ ନିଷ୍ପତ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦେଶରେ ଆଉ ୩ କୋଟି ଘର ନିର୍ମାଣ ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି କ୍ୟାବିନେଟ ବୈଠକ ବସିଥିଲା । ରବିବାର ଶପଥ ନେଇଥିବା ୩୦ ଜଣ କ୍ୟାବିନେଟ ମନ୍ତ୍ରୀ ଆଜିର ବୈଠକରେ ଉପସ୍ଥିତ ରହିଥିଲେ । ସର୍ବସମ୍ମତିକ୍ରମେ ଦେଶର ଗ୍ରାମାଞ୍ଚଳର ଓ ସହରାଞ୍ଚଳରେ ଆଉ ୩ କୋଟି ଘର ନିର୍ମାଣ କରିବା କାମରେ କେନ୍ଦ୍ର ସରକାର ସହାୟତା କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଯୋଗ୍ୟ ହିତାଧିକାରୀଙ୍କୁ ଏହି ଘର ବଣ୍ଟନ କରାଯିବ । ଏଥିପାଇଁ କେନ୍ଦ୍ର ସରକାର ଆର୍ଥିକ ସହାୟତା କରିବେ । ସମସ୍ତଙ୍କ ମୁଣ୍ଡ ଉପରେ ଛାତ ରହିବ ବୋଲି ମୋଦି ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ କ୍ୟାବିନେଟ ଏପରି ନିଷ୍ପତ୍ତି ନେଇଛି । ୨୦୧୫-୧୬ରୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଗୃହ ନିର୍ମାଣ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ଯୋଜନା ଅଧୀନରେ ୪.୨୧ କୋଟି ଘର ନିର୍ମାଣ କରାଯାଇ ହିତାଧିକାରୀଙ୍କୁ ଦିଆଯାଇଛି । ତଥାପି ଅନେକ ହିତାଧିକାରୀ ବାଦ ପଡ଼ିଥିବାରୁ ସେମାନଙ୍କୁ ସହଯୋଗ କରିବା ପାଇଁ ଆଉ ▶▶ପୃଷ୍ଠା ୭

# ଅପରିବର୍ତ୍ତିତ ରହିଲା ଅଶ୍ୱିନୀ, ଧର୍ମେନ୍ଦ୍ର ଓ ଜୁଏଲଙ୍କ ମନ୍ତ୍ରାଳୟ



ଭୁବନେଶ୍ୱର, ୧୦/୬ (ନି.ପ୍ର): ଗତକାଲି ଶପଥ ଗ୍ରହଣ ପରେ, ଆଜି ମୋଦୀ ମନ୍ତ୍ରିମଣ୍ଡଳର ହୋଇଛି ବିଭାଗ ବଣ୍ଟନ । କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶିକ୍ଷା ମନ୍ତ୍ରାଳୟ, ଅଶ୍ୱିନୀ ବୈଷ୍ଣବଙ୍କୁ ରେଳ ମନ୍ତ୍ରାଳୟ ଓ ଜୁଏଲ ଓରାମଙ୍କୁ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ମିଳିଛି । ପୂର୍ବ ସରକାରରେ ବି ଏହି ତିନିଜଣ ଏହି ମନ୍ତ୍ରାଳୟର ମନ୍ତ୍ରୀ ଥିଲେ । ଜୁଏଲ ତୃତୀୟ ଥର ପାଇଁ ଏହି ମନ୍ତ୍ରାଳୟର ମନ୍ତ୍ରୀ ହୋଇଛନ୍ତି । ଅଟଳ ବିହାରୀ ବାଜପେୟୀଙ୍କ ସରକାର ଓ ନରେନ୍ଦ୍ର ମୋଦୀଙ୍କ ସରକାରର ପ୍ରଥମ ପାଳିରେ ସେ ମନ୍ତ୍ରୀ ହୋଇଥିଲେ । ଦୁଇ ଥର ଯାକ ତାଙ୍କୁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ହିଁ ମିଳିଥିଲା । ସେହିପରି ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ପ୍ରଧାନମନ୍ତ୍ରୀ ଲଗାତାର ୧୦ ବର୍ଷ ହେଲା ଭରସା କରିଆସୁଛନ୍ତି । ୨୦୧୪ ମସିହାରୁ ସେ ମୋଦୀଙ୍କ ମନ୍ତ୍ରିମଣ୍ଡଳରେ ପେଟ୍ରୋଲିୟମ ମନ୍ତ୍ରାଳୟ ପାଇଥିବା ▶▶ପୃଷ୍ଠା ୭

# ମୋଦୀ କ୍ୟାବିନେଟରେ ହାଟ୍ରିକ ମାରିଲେ ୫ ମନ୍ତ୍ରୀ



ନୂଆଦିଲ୍ଲୀ, ୧୦/୬ :ନରେନ୍ଦ୍ର ମୋଦୀ ରବିବାର ଦିନ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ମୋଦୀଙ୍କ ହାଟ୍ରିକ ସହ ତାଙ୍କ ମନ୍ତ୍ରୀମଣ୍ଡଳରେ ଏଭଳି ୫ ଜଣ ସାଂସଦ ସ୍ଥାନ ପାଇଛନ୍ତି ଯେଉଁମାନେ କି ମୋଦୀଙ୍କ ସହ ହାଟ୍ରିକ ମାରିଛନ୍ତି । ତେବେ ଆସନ୍ତୁ ଜାଣିବା କିଏ ସେହି ସାଂସଦ ଯେଉଁମାନେ ମୋଦୀଙ୍କ ସହ ତାଳ ନେଇ ଏନଡିଏ ସହ ମନ୍ତ୍ରୀପଦ ପାଇବାରେ ମାରିଛନ୍ତି ହାଟ୍ରିକ–

ରାଜନାଥ ସିଂ: ରାଜନାଥ ସିଂଙ୍କୁ ତୃତୀୟ ଥର ପାଇଁ ମୋଦୀ କ୍ୟାବିନେଟରେ ସ୍ଥାନ ମିଳିଛି । ୨୦୧୪ ରେ ନରେନ୍ଦ୍ର ମୋଦୀ ଯେତେବେଳେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ ସେତେବେଳେ ରାଜନାଥ ସିଂଙ୍କୁ ଗୃହମନ୍ତ୍ରୀ ମିଳିଥିଲା । ଏହାପରେ ୨୦୧୯ ରେ ତାଙ୍କୁ ମୋଦୀ କ୍ୟାବିନେଟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ମିଳିଥିଲା । ଚଳିତ କ୍ୟାବିନେଟରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ମିଳିବ ବୋଲି ଆଶା କରାଯାଉଛି ।

ନୀତିନ ଗଡକରୀ : ରାଜନାଥ ସିଂଙ୍କ ପରେ ଦ୍ୱିତୀୟ ଚେହେରା ହେଉଛନ୍ତି ନୀତିନ ଗଡକରୀ । ୨୦୧୪ ରେ ମୋଦୀ କ୍ୟାବିନେଟରେ ସଡକ ଓ ପରିବହନ ମନ୍ତ୍ରଣାଳୟ ମିଳିଥିଲା ଦ୍ୱିତୀୟ ପାଳିରେ ବି ସମାନ ମନ୍ତ୍ରଣାଳୟ ପାଇଥିଲେ ଗଡକରୀ । ଚଳିତ କ୍ୟାବିନେଟରେ ବି ତାଙ୍କୁ ସ୍ଥାନ ମଳିଛି । ଆଶା କରାଯାଉଛି କି, ଚଳିତ ଥର ମଧ୍ୟ ତାଙ୍କୁ ସମାନ ମନ୍ତ୍ରଣାଳୟ ମିଳିବ ।

ନିର୍ମଳା ସୀତାରମଣ : ନିର୍ମଳା ସୀତାରମଣ ବି ତୃତୀୟ ଥର ପାଇଁ ମୋଦୀ କ୍ୟାବିନେଟରେ ସ୍ଥାନ ପାଇଛନ୍ତି । ୨୦୧୪ ରେ ତାଙ୍କୁ ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ମିଳିଥିବା ବେଳେ ୨୦୧୭ ରେ କିନ୍ତୁ ତାଙ୍କ ରକ୍ଷା ମନ୍ତ୍ରଣାଳୟ ମିଳିଥିଲା । ହେଲେ ୨୦୧୯ ରେ ତାଙ୍କୁ ଅର୍ଥମନ୍ତ୍ରଣାଳୟ ମିଳିଥିଲା । ଚଳିତ କ୍ୟାବିନେଟରେ ବି ତାଙ୍କୁ ସ୍ଥାନ ମିଳିଛି ।

ପୀୟୁଷ ଗୋଏଲ : ମୋଦୀ କ୍ୟାବିନେଟରେ ହାଟ୍ରିକ ମାରିଥିବା ସାଂସଦଙ୍କ ତାଲିକାରେ ପୀୟୁଷ ଗୋଏଲଙ୍କ ନାମ ରହିଛି । ୨୦୧୪ ରେ ତାଙ୍କୁ କୋଇଲା ମନ୍ତ୍ରଣାଳୟ ମିଳିଥିଲା । ୨୦୧୬ ରେ ତାଙ୍କ ଖାଦ୍ୟ ମନ୍ତ୍ରଣାଳୟ, ୨୦୧୬ ରେ କିଛିଦିନ ପାଇଁ ତାଙ୍କୁ ଅର୍ଥମନ୍ତ୍ରଣାଳୟ ମଧ୍ୟ ମିଳିଥିଲା । ଏହାପରେ ୨୦୧୯ ମସିହାରେ ତାଙ୍କୁ ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ମିଳିଥିଲା । ଚଳିତ ଥର ସେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିଲେ ବି କେଉଁ ବିଭାଗ ମିଳିବ ତାହା ସ୍ପଷ୍ଟ ହୋଇନାହିଁ ।

କିରେନ ରିଜିଜୁ : ଉତ୍ତର-ପୂର୍ବରୁ ଆସୁଥିବା କିରେନ ରିଜିଜୁ ବିଜେପିର ଜଣେ ବରିଷ୍ଠ ନେତା । ମୋଦୀ କ୍ୟାବିନେଟରେ ତୃତୀୟ ଥର ପାଇଁ ସେ ସ୍ଥାନ ପାଇଛନ୍ତି । ୨୦୧୪ ରେ ତାଙ୍କୁ ଗୃହ ରାଜ୍ୟମନ୍ତ୍ରୀ ମିଳିଥିଲା । ୨୦୧୯ ରେ ତାଙ୍କୁ ଅଳ୍ପସଂଖ୍ୟକ ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀ ପଦ ମିଳିଥିଲା । ହେଲେ ୨୦୨୧ ରେ ତାଙ୍କୁ ଆଇନ ମନ୍ତ୍ରଣାଳୟ ମିଳିଥିଲା । ଏବେ ତୃତୀୟ ଥର ପାଇଁ ସେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ।

କାହାକୁ ମିଳିଲା କେଉଁ ମନ୍ତ୍ରଣାଳୟ ?.. ୭

# କିଏ ହେବେ ବିରୋଧୀ ଦଳ ନେତା ?




ଭୁବନେଶ୍ୱର, ୧୦/୬ (ନି.ପ୍ର): କିଏ ହେବେ ବିରୋଧୀ ଦଳ ନେତା ? ପଟ୍ଟ ପରିବର୍ତ୍ତନ ପରେ ଏହାକୁ ନେଇ ଚାଲିଛି ସବୁଠି ଚର୍ଚ୍ଚା । ବିଜେପି ସରକାର ଗଠନ କରିବା ପରେ ପ୍ରମୁଖ ବିରୋଧୀ ଆସନରେ ବସିବାକୁ ଯାଉଛି ବିଜେଡି । ତେବେ ବିଜେଡି କାହାକୁ ବିରୋଧୀ ଦଳ ନେତା କରିବ ତାକୁ ନେଇ ଚର୍ଚ୍ଚା ବଢିଛି । ଏନେଇ ନବୀନ ନିବାସରେ କିଛି ବରିଷ୍ଠ ନେତାଙ୍କୁ ନେଇ ଆଲୋଚନା ମଧ୍ୟ ହୋଇଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବିଜେଡିର ସବୁ ବିଧାୟକ ଓ ବରିଷ୍ଠ ନେତା ନବୀନଙ୍କୁ ବିରୋଧୀ ଦଳ ନେତା କରିବାକୁ ପରାମର୍ଶ ଦେଇଛନ୍ତି । ତେବେ ବିଜେଡି ସୁପ୍ରିମୋ, ବିଧାୟକମାନଙ୍କ ଶପଥ ଗ୍ରହଣ ପରେ ଏନେଇ ନିଷ୍ପତ୍ତି ନେବେ । ଅନ୍ୟପଟେ କଂଗ୍ରେସର ସିଟ୍ ୯ରୁ ବଢ଼ି ଏଥର ୧୪ ହୋଇଛି । ୧୪ ବିଧାୟକଙ୍କ ଭିତରୁ କିଏ ହେବ କଂଗ୍ରେସ ବିଧାୟକ ଦଳ ନେତା ତାକୁ ନେଇ ଏବେଠୁ ବିବାଦ ଆରମ୍ଭ ହୋଇଯାଇଛି । ତାରା ଓ ସପ୍ତଗିରି କଳି ତୀବ୍ର ହୋଇଛି । ସପ୍ତଗିରି, ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମଙ୍କ ▶▶ପୃଷ୍ଠା ୭

# କାର ଧକ୍କାରେ ଭାଇଭଉଣୀ ମୃତ

କଟକ, ୧୦/୬ (ନି.ପ୍ର): କଟକ ଜିଲ୍ଲା ବଡ଼ମ୍ବା ଥାନା ଭଙ୍ଗାରିକା ଛକରେ ଏକ କାର ଧକ୍କାରେ ଭାଇଭଉଣୀଙ୍କ ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ହେଉଛନ୍ତି ସନ୍ତୋଷ କୁମାର ସାହୁ ଓ ତାଙ୍କ ଭଉଣୀ ପାଲିଆ ସାହୁ । ସନ୍ତୋଷ କୁମାର ସାହୁଙ୍କ ଘର ବନମାଳୀପୁର ଗାଁରେ । ସେ ଆଜି ତାଙ୍କ ଭଉଣୀ ପାଲିଆ ସାହୁଙ୍କୁ ତାଙ୍କ ଶାଶୁ ଘର ଗାଁ ଚଣ୍ଡିମଙ୍ଗଳକୁ ବାଇକ୍‌ରେ ନେଇ ଦେଉଥିଲେ । ସେମାନେ ଚଣ୍ଡିମଙ୍ଗଳ ଅଭିମୁଖେ ଯାଉଥିବା ବେଳେ ଭଙ୍ଗାରିକା ଛକ ପାଖରେ ଏକ କାର ସେମାନଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ସନ୍ତୋଷଙ୍କର ମୃତ୍ୟୁ ଘଟିଥିଲା । ▶▶ପୃଷ୍ଠା ୭

# ବଡ଼ଦାଣ୍ଡରୁ ହଟିଲା ଏସି ଟନେଲ୍: ଖୋଲିଲା ବ୍ୟାରିକେଡ୍



ପୁରୀ, ୧୦/୬ (ନି.ପ୍ର): ଜୁନ ୨୨ ତାରିଖରେ ପଡୁଛି ଦେବସ୍ନାନ ପୂର୍ଣ୍ଣିମା । ଆଉ ଜୁଲାଇ ୭ ତାରିଖ ପଡ଼ିବ ମହାପ୍ରଭୁଙ୍କ ଘୋଷଯାତ୍ରା । ସେଥିପାଇଁ ପୁରୀ ବଡ଼ଦାଣ୍ଡରେ ନିର୍ମାଣ ହୋଇଥିବା ଏସି ଟନେଲ୍ ସେଡକୁ ହଟା ଯାଉଛି । ଏଥିରେ ଲାଗିଥିବା ଏୟାରକଣ୍ଡିସନ୍ ମେସିନକୁ ଖୋଲାଯାଇଛି । ବ୍ୟାରିକେଡ କଢା ଯାଉଛି । ଆଗାମୀ ୧୫ ତାରିଖ ଭିତରେ ଖୋଲିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ କେଉଁଠି ଏହାକୁ ଲଗାଯିବ ତାହା ସ୍ପଷ୍ଟ ହୋଇନାହିଁ ବୋଲି କହିଛନ୍ତି ଶ୍ରୀମନ୍ଦିର ପ୍ରଶାସନର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା । ସେପଟେ ଦେଖିବାକୁ ଗଲେ ବଡ଼ଦାଣ୍ଡରେ ନିର୍ମାଣ ହୋଇଥିବା ଏସି ସେଡ୍ ଶ୍ରୀମନ୍ଦିର ପଛପଟ ସାହି ବାସେଳି ସାହି, ମାର୍କେଣ୍ଡେୟଶ୍ୱର ସାହି, ବାଲି ସାହି, ହରଚଣ୍ଡୀସାହିର ବାସିନ୍ଦାଙ୍କପାଇଁ ମରଣଯନ୍ତା ପାଲଟିଥିଲା । ଏହା ହଟିବା ଆବଶ୍ୟକ ବୋଲି ମତପ୍ରକାଶ ପାଉଥିଲା । ଅନ୍ୟପକ୍ଷରେ ଚାରି ଦୁଆର ଖୋଲିଦେଲେ ଏହି ଏସି ଟନେଲ ସେଡ୍‌ର ଆବଶ୍ୟକ ନାହିଁ । ଚାରି ଦୁଆର ଖୋଲିଲେ ମନ୍ଦିର ଭିତରେ ପୁଲିସ୍ ଭିଡ କଣ୍ଟ୍ରୋଲ କଲେ ସମସ୍ତ ଶ୍ରଦ୍ଧାଳୁ ଭଲ ଭାବରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ । କେବଳ ବିଶେଷ ଦିନ ଅର୍ଥାତ ଜାନୁଆରୀ ପହିଲା ଓ ଯାନିଯାତ୍ରା ସମୟରେ କଟକଣା କଲେ ଶୃଙ୍ଖଳିତ ଦର୍ଶନ ହୋଇପାରିବ ବୋଲି ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି ।

# ରଜରେ ଅଥୟ କରିବ ତାତି: ସିଝିବ ପଶ୍ଚିମ ଓ ଉପକୂଳ !



ଭୁବନେଶ୍ୱର, ୧୦/୬ (ନି.ପ୍ର): ପହିଲି ରଜରେ ଅଥୟ କରିବ ତାତି । ରାଜୁତି କରିବ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସମ୍ଭାଳ ଗୁଳୁଗୁଳି । ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଓ ଉପକୂଳ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି ହେବାର ସମ୍ଭାବନା ରହିଛି । ତାପମାତ୍ରା କେତେକ ଜିଲ୍ଲାରେ ୪୩ରୁ ୪୪ ଡିଗ୍ରୀ ଅତିକ୍ରମ କରିପାରେ । ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ଝାରସୁଗୁଡ଼ା, ନୂଆପଡ଼ା,ବଲାଙ୍ଗିର, ବୌଦ୍ଧ, ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର ଓ ବାଲେଶ୍ୱର ଜିଲ୍ଲାର ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି । ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ପୁରୀ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ହେବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବୁଧବାରରୁ ▶▶ପୃଷ୍ଠା ୭

# ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଚୋରି ପିଲା ଜଳେଶ୍ୱରରୁ ଉଦ୍ଧାର

ବାଲେଶ୍ୱର, ୧୦/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଚୋରି ହୋଇଥିବା ପିଲା ଜଳେଶ୍ୱରରୁ ଉଦ୍ଧାର ହୋଇଛି । ଆଉ ଧରା ପଡ଼ିଛି ପିଲା ଚୁରୋଣୀ । ଏହି ମାମଲାରେ ପୁଲିସ୍ ଜଣେ ଆଶା କର୍ମୀ ଓ ପିଲା ଚୋରି କରିଥିବା ମହିଳାଙ୍କୁ ଅଟକ ରଖି ପଚରାଉଚରା କରୁଛି । ବାଲିଆପାଳ କୁଲାଚଡ ଗାଁର ସୁରେନ୍ଦ୍ର ଦଣ୍ଡପାଟଙ୍କ ପତ୍ନୀ ଅନୀତା ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ଗତ ଶୁକ୍ରବାର ବିଳମ୍ବିତ ରାତିରେ ଶିଶୁ ପୁତ୍ର ଜନ୍ମ ଦେଇଥିଲେ । ପିଲା ଜନ୍ମ ପରେ ମେଡ଼ିକାଲ୍‌ର ପ୍ରସୂତି ବିଭାଗ ୱାର୍ଡରେ ଚିକିତ୍ସିତ ହେଉଥିଲେ । ସେହି ସମୟରେ ଜଣେ ମହିଳା ୱାର୍ଡରେ ପଶି ଅନୀତାଙ୍କ ସହିତ କଥାବାର୍ତ୍ତା ହେଉଥିଲେ । ବିନା ଅକୁହାରେ ପିଲାର ସେବା ଯତ୍ନ କରୁଥିଲେ । ଶନିବାର ସକାଳେ ପିଲାକୁ ଟିକା ଦିଆଯିବାର ଥିଲା । ତେଣୁ ମହିଳା ▶▶ପୃଷ୍ଠା ୭

# ବୁଧବାର ଅପରାହ୍ନ ୪ଟା ୪୫ରେ ଶପଥ ନେବେ ନୂଆ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୦/୬ (ନି.ପ୍ର): ବୁଧବାର ଅପରାହ୍ନ ୪ଟା ୪୫ରେ ଶପଥ ନେବେ ଓଡ଼ିଶାର ନୂତନ ମୁଖ୍ୟମନ୍ତ୍ରୀ । ପୂର୍ବରୁ ଜୁନ୍ ୧୦ ତାରିଖରେ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ ବୋଲି ସ୍ଥିର ହୋଇଥିଲା । କିନ୍ତୁ ଗତକାଲି ଏହାକୁ ଜୁନ୍ ୧୨ ତାରିଖକୁ ଅର୍ଥାତ୍ ବୁଧବାରକୁ ଘୁଞ୍ଚାଇ ଦିଆଯାଇଥିଲା । ଓଡ଼ିଶାର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେବେ । ପ୍ରଧାନମନ୍ତ୍ରୀ ସେଦିନ ଅପରାହ୍ନ ୨ଟା ୧୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ । ସେଠାରୁ ସେ ସିଧା ରାଜଭବନ ଯିବେ । ପରେ ରାଜଭବନରୁ ଜନତା ମଇଦାନକୁ ଯିବେ । ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ସମାରୋହ ପାଇଁ ଜନତା ମଇଦାନରେ ସମସ୍ତ ବ୍ୟବସ୍ଥା କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ବିଭିନ୍ନ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଏହି ଶପଥ ଗ୍ରହଣ ଉତ୍ସବରେ ସାମିଲ ହେବେ । ଶପଥ ଗ୍ରହଣ ଉତ୍ସବ ପାଇଁ ଦିନ ଓ ସମୟ ଧାର୍ଯ୍ୟ ହୋଇସାରିଥିଲେ ହେଁ ଏଯାଏଁ ମୁଖ୍ୟମନ୍ତ୍ରୀ କିଏ ହେବେ, ସେ ନେଇ ବିଜେପି ପକ୍ଷରୁ କୌଣସି ଘୋଷଣା କରାଯାଇନାହିଁ । ତେବେ ଇତିମଧ୍ୟରେ ବିଜେପି ସଂସଦୀୟ ବୋର୍ଡ କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂହ ଓ ବରିଷ୍ଠ ନେତା ଭୁପେନ୍ଦ୍ର ଯାଦବଙ୍କୁ ଓଡ଼ିଶା ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି । ସେମାନେ ଆସନ୍ତାକାଲି ଓଡ଼ିଶା ଆସିବେ ଓ ବିଜେପି ବିଧାୟକ ଦଳ ବୈଠକରେ ଯୋଗ ଦେବେ ।

# କାୟା ମେଲାଇଲାଣି ଡେଙ୍ଗୁ: ୨୩୫ ଚିହ୍ନଟ



ଭୁବନେଶ୍ୱର, ୧୦/୬ (ନି.ପ୍ର): ରାଜ୍ୟରେ କାୟା ମେଲାଇଲାଣି ଡେଙ୍ଗୁ । ଚଳିତ ବର୍ଷ ରାଜ୍ୟରେ ଚିହ୍ନଟ ହେଲେଣି ୨୩୫ ଜଣ ଡେଙ୍ଗୁ ରୋଗୀ । ସେଥିମଧ୍ୟରୁ ଗତକାଲି ଆସିଛି ୩ଟି କେସ୍ । ପୁରୀରୁ ୨ ଜଣ ଚିହ୍ନଟ ହୋଇଥିବା ବେଳେ ଭୁବନେଶ୍ୱରରୁ ଜଣେ ଚିହ୍ନଟ ହୋଇଛନ୍ତି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଆଜି ଏହି ସୂଚନା ଦେଇଛନ୍ତି । ଏହି ୨୩୫ ଜଣ ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ସର୍ବାଧିକ ୬୫ ଜଣ ଅଛନ୍ତି । ସେହିଭଳି ▶▶ପୃଷ୍ଠା ୭

# ମଦୁଆଙ୍କ ଚିନ୍ତା ବଢ଼ାଇଛି ରାତିଅଧିଆ ଚେକିଂ: ୨ଦିନରେ ୨୧୭ ଗାଡ଼ି ଜବତ



ଭୁବନେଶ୍ୱର, ୧୦/୬ (ନି.ପ୍ର): କୌଣସି ପରିସ୍ଥିତିରେ ମଦ୍ୟପ ଚାଳକଙ୍କୁ ଛଡ଼ାଯିବ ନାହିଁ। ଜରିମାନା ଗଣିବେ; ଗାଡ଼ି ବି କୋର୍ଟକୁ ଯିବ। ଦରକାର ପଡ଼ିଲେ ଜେଲ୍ ମଧ ଯାଇପାରନ୍ତି। ଖାଲି ଏତିକି ନୁହେଁ ଲାଇସେନ୍ସ ବି ରଦ୍ଦ କରାଯିବ। ଦ୍ୱୈତନଗରୀରେ ଘଟୁଥିବା ବିଭିନ୍ନ ଅପରାଧ ଓ ଦୁର୍ଘଟଣାକୁ ନିୟନ୍ତ୍ରଣ ପାଇଁ କମିସନରେଟ୍ ପୁଲିସ ପକ୍ଷରୁ ଏଭଳି କଠୋର ନୀତି ଆପଣାଇଯାଇଛି। ଦୁଇ ଦିନରେ ବିଭିନ୍ନ ସ୍ଥାନରେ ଚେକିଂ ବ୍ଲକିଂକୁ କଡ଼ାକଡ଼ି କରାଯାଇ ୨୧୭ ଗାଡ଼ି ଜବତ କରାଯାଇଛି। ଗତ ଶୁକ୍ରବାର ଓ ଶନିବାର ରାତିରେ କମିସନରେଟ୍ ପୁଲିସର ୨ ଟ୍ରାଫିକ୍ ଥାନା ସମେତ କ୍ୟାପିଟାଲ ଥାନା, ଖାରବେଳନଗର, ଧଉଳି, ଲିଙ୍ଗରାଜ, ଏୟାରଫିଲ୍ଡ, ଏୟାରପୋର୍ଟ, ତମାଣ୍ଡୋ, ଖଣ୍ଡଗିରି, ଭରତପୁର, ଇନଫୋଭ୍ୟାଲି, ଜଟଣୀ, ବଡ଼ଗଡ଼, ଲକ୍ଷ୍ମୀସାଗର, ବାଲିଅନ୍ତା, ବାଲିପାଟଣା, ପାହାଳ, ନୂଆପଲ୍ଲୀ, ମଞ୍ଚେଶ୍ୱର, ସହିଦନଗର, ମୈତ୍ରୀବିହାର, ଚନ୍ଦକା, ନନ୍ଦନକାନନ, ଇନ୍‌ଫୋସିଟି ଓ ଚନ୍ଦ୍ରଶେଖରପୁର ଆଦି ୨୬ଟି ଥାନା ପକ୍ଷରୁ ୫୦ଟି ସ୍ଥାନରେ ଚେକିଂ ବ୍ଲକିଂ କରାଯାଇଥିଲା। ତେବେ ପ୍ରତି ଜୋନ୍ ଏସିପି, ଥାନା ଅଧିକାରୀଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀଙ୍କ ସମେତ ୧ ସେକ୍ସନ ଲେଖାଏଁ ପୁଲିସ ଫୋର୍ସ ମଧ ସାମିଲ ହୋଇଥିଲେ। ଯାଞ୍ଚ ବେଳେ ମଦ୍ୟପାନ କରି ଗାଡ଼ି ଚାଳନା ଯୋଗୁଁ ୧୦୫ଟି ଗାଡ଼ି, ରଙ୍ଗ ସାଇଡ୍ ଡ୍ରାଇଭ ଯୋଗୁଁ ୧୨୭ଟି ଗାଡ଼ି ଏବଂ ଗାଡ଼ି ଚଳାଇବା ସମୟରେ ମୋବାଇଲ୍‌ରେ କଥାବାର୍ତ୍ତା ଯୋଗୁଁ ୨୨ଟି ଗାଡ଼ି ଜବତ କରାଯାଇଥିଲା। ମୋଟ ୨୫୪ ଅମାନିଆଙ୍କ ଠାରୁ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ନୂଆ ନିୟମ ଅନୁସାରେ ଯେଉଁ ଅଞ୍ଚଳରେ ମଦ୍ୟପ ଚାଳକ ଧରାପଡୁଛନ୍ତି; ସମ୍ପୃକ୍ତ ଥାନା ଚାଳକଙ୍କ ବିରୋଧରେ ମାମଲା ରୁଜୁକରି ଗିରଫ କରିବା ସହ ଗାଡ଼ିକୁ ଜବତ କରି କୋର୍ଟକୁ ପଠାଉଛି। ଫଳରେ ନିୟମ ଉଲ୍ଲଂଘନକାରୀ ଆଉ ଥାନାରେ ନୁହେଁ; ବରଂ ସିଧା କୋର୍ଟରେ ଜରିମାନା ଅର୍ଥଦେଇ ଗାଡ଼ି ମୁକୁଳାଉଛନ୍ତି। ସେହିପରି କିଏ ବାରମ୍ବାର ଏଭଳି ମଦ୍ୟପାନକରି ଗାଡ଼ି ଚଳାଉଛି କାହାର ଅନ୍ୟ କୌଣସି ଅପରାଧିକ ଇତିହାସ ଅଛି କି ସେ ସବୁର ଯାଞ୍ଚ ମଧ କରାଯାଉଛି। ଯେଉଁମାନେ ଅଭ୍ୟାସଗତ ମଦ୍ୟପ ଚାଳକ କମିସନରେଟ୍ ପୁଲିସ ସେମାନଙ୍କ ତାଲିକା କରି ଲାଇସେନ୍ସ ରଦ୍ଦ ପାଇଁ ପରିବହନ ବିଭାଗକୁ ଚିଠି କରିଛି।

## ବିନା ଦୋଷରେ ଦୀର୍ଘ ୬୦ ଘଂଟା ଧରି ଯୁବକଙ୍କୁ ଥାନାରେ ଅଟକ ରଖି ମାଡ ଅଭିଯୋଗ : ଏଏସଆଇ ନିଲମ୍ବିତ

ସୁବର୍ଣ୍ଣପୁର, ୧୦/୬ (ନି.ପ୍ର): ସୁବଳୟା ପୋଲିସର ଦବଙ୍ଗଗିରି, ବିନା ଦୋଷରେ ଦୀର୍ଘ ୬୦ ଘଣ୍ଟା ଧରି ଯୁବକକୁ ଅଟକ ରଖି ମାଡ। ଲହୁଲୁହାଣ ହୋଇ ଡାକ୍ତରଖାନାରେ ଭର୍ତି ହେଲେ ଯୁବକ। ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନାରେ ଘଟିଛି ଏପରି କିଛି ଅଭାବନୀୟ ଘଟଣା । ଅଭିଯୋଗ ଅନୁସାରେ, ସୁବଳୟା ଥାନା ଅର୍ନ୍ତଗତ ଟେଭାପଦର ଗାଁର ଟ୍ରାକ୍ଟର ଲଙ୍ଗଳ ଚୋରି ନେଇ ମହେନ୍ଦ୍ର ମହାଳିକ ନାମକ ଜଣେ ବ୍ୟକ୍ତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହି କେସର ତଦନ୍ତ କରିବା ପାଇଁ ସେହି ଗାଁର ଜଗନ୍ନାଥ କର୍ମୀ ନାମକ ଯୁବକକୁ ସନ୍ଦେହରେ ଥାନାକୁ ଡାକିଥିଲା ସୁବଳୟା ପୋଲିସ। ତେବେ ତାଙ୍କୁ ଦୀର୍ଘ ୩ ଦିନ ପର୍ଯ୍ୟନ୍ତ ଥାନାରେ ରଖି ପ୍ରବଳ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ସୁବଳୟା ଥାନା ଏ.ଏସ.ଆଇ ସନ୍ତୋଷ ସିନ୍ଦିରିଆ ପଚରାଉଚୁରା ଆଳରେ ନିଷ୍ଠୁର ମାଡ ମାରିଥିବା ଅଭିଯୋଗ କରିଛନ୍ତି ଯୁବକ ଜଣକ। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ । ସେ ଏହି ମାମଲାରେ ସଂପୃକ୍ତ ନଥିବା ବାରମ୍ବାର କହିଥିଲେ ହେଁ ଯୁବକକୁ ପୋଲିସ ମାଡ଼ ମାରି ଲହୁଲୁହାଣ କରି ପକାଇଥିଲା। ଜଗନ୍ନାଥଙ୍କ ଭାଇ ପୋଲିସକୁ ଫୋନ କରି ଅନୁରୋଧ କରିବାରୁ ତତେ ବିଭିନ୍ନ ମାମଲାରେ କେସ କରି ଭିତରକୁ କରିଦେବି କହି ଧମକ ଦେଇଥିଲେ । ପରେ ତାଙ୍କ ଭାଇ ସୁବର୍ଣ୍ଣପୁର ଏସପି ଙ୍କୁ ଯୋଗାଯୋଗ କଲା ପରେ ପୁଲିସ ତାଙ୍କୁ ଛାଡି ଦେଇଥିଲା । ଜଗନ୍ନାଥଙ୍କ ଅଭିଯୋଗ ଅନୁସାରେ, ପୁଲିସକୁ ପାଣି ମାଗିଲେ ପରିସ୍ରା ପିଆଇ ଦେବି ବୋଲି କହି ଅକଥନିୟ ଅତ୍ୟାଚାର କରିଥିଲେ ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ପରେ ସମ୍ପୃକ୍ତ ପୋଲିସ ଏଏସଆଇ ସନ୍ତୋଷ ସିନ୍ଦରିଆଙ୍କୁ ତାଙ୍କ ପଦରୁ ନିଲମ୍ବନ ଆଦେଶ ଦିଆଯାଇଛି।

## ଡ୍ରେନ ସଫେଇ ପାଇଁ ଦାବି

ଗଞ୍ଜାମ, ୧୦/୬ (ନି.ପ୍ର): ଶେରଗଡ଼ ବ୍ଲକର ପିତଳ ପଂଚାୟତ ଡେଙ୍ଗୁ, ମାଲେରିଆ, ଝାଡ଼ାବାନ୍ତି ଭଳି ସଂକ୍ରମଣ ପ୍ରବଣ ଅଂଚଳ। ଦୀର୍ଘ ଏକ ବର୍ଷ ହେଲା ପିତଳ ଅଂଚଳର ବଜାରରେ ଡ୍ରେନ ଗୁଡିକୁ ପଂଚାୟତ ପକ୍ଷରୁ ସଫା କରାଯାଇନଥିବାରୁ ଏହି ଅଂଚଳରେ ମଶାମାଛିଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଲୋକେ ରାତିରେ ଭଲରେ ଶୋଇ ପାରୁନାହାଁନ୍ତି କି ଦିନରେ ଖାଇପାରୁ ନାହାନ୍ତି। ବଜାରରେ ଜଣେ ବ୍ୟକ୍ତି ସର୍ବସାଧାରଣ ଡ୍ରେନରେ ମାଟି, ମଇଳା ଗଦେଇ ରଖିବା ଫଳରେ ଡ୍ରେନର ପଚା ମଇଳା ପାଣି ନିଷ୍କାସିତ ନହୋଇ ଏହି ଅଂଚଳ ଦୁର୍ଗନ୍ଧମୟ ହୋଇପଡୁଛି। ପିତଳ ପଂଚାୟତ କର୍ତ୍ତୃପକ୍ଷ ସଂପୃକ୍ତ ଅବରୋଧକାରୀ ବ୍ୟକ୍ତିଙ୍କୁ ଡ୍ରେନ ସଫା ରଖିବାକୁ ତାଗିଦ୍ କରିବା ସହ ବର୍ଷାଋତୁ ଆସିବା ପୂର୍ବରୁ ପିତଳର ସମସ୍ତ ଡ୍ରେନ ଲଟାବୁଦା ଗଳିକନ୍ଦିର ଅଳିଆଆବର୍ଜନା ସଫା କରିବାକୁ ସାଧାରଣରେ ଦାବି ହେଉଛି ।

# ଗୋଟିଏ ଗାଁ, ଦୁଇଟି ନାଁ: ୪୧ ବର୍ଷ ହେଲା ଦୁଃଖ ଭୋଗୁଛନ୍ତି ରେଙ୍ଗାଳି ବିସ୍ଥାପିତ






ପାଳଲହଡ଼ା, ୧୦/୬ (ନି.ପ୍ର): ଗାଁ ଗୋଟିଏ, ନାଁ ଦୁଇଟି। ଏଥିଯୋଗୁଁ ଗତ ୪୧ ବର୍ଷ ଧରି ଦହଗଞ୍ଜ ହେଉଛନ୍ତି ଅଧିବାସୀମାନେ। ପ୍ରଶାସନ, ରାଜନେତାଙ୍କୁ ଜଣାଇଲେ ମଧ କିଛି ପଦକ୍ଷେପ ନିଆଯାଉନାହିଁ। ଏଥିଯୋଗୁଁ ଅଧିବାସୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ରେଙ୍ଗାଳି ପ୍ରକଳ୍ପ ନିର୍ମାଣ ପରେ ଏହାର ଜଳ ଭଣ୍ଡାରରେ ବୁଡ଼ି ଯାଇଥିଲା ପାଳଲହଡ଼ା ବ୍ଲକ୍‌ର ପୁରୁଣାପାଣି ଗାଁ। ଏହି ଗାଁର ଅଧିବାସୀମାନଙ୍କୁ ପାଳଲହଡ଼ା ବ୍ଲକ୍ ଆଲୁରି ପଞ୍ଚାୟତର ଅର୍ଜୁନଝରି ଗାଁରେ ଅବସ୍ଥାପିତ କରାଗଲା। ୧୯୮୩ ମସିହାରେ ଏହି ଗାଁର ନାମ ହେଲା ଅର୍ଜୁନଝରି। ପଞ୍ଚାୟତର ୧ ନମ୍ବର ୱାର୍ଡ ଏହି ଗାଁର ଜନସଂଖ୍ୟା ୨ଶହ ଓ ଭୋଟର ସଂଖ୍ୟା ୧୫୫। ଏହି ଗାଁରେ ସ୍କୁଲ ଅଛି। ଅର୍ଜୁନଝରି ସ୍କୁଲ୍ ବୋଲି ଏହାର ନାମକରଣ କରାଯାଇଛି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଗ୍ରାମର ଅଧିବାସୀମାନଙ୍କ ଭୋଟର୍ ପରିଚୟପତ୍ରରେ ଗାଁର ନାମ ଅର୍ଜୁନଝରି ଲେଖା ହୋଇଥିବାବେଳେ ସେମାନଙ୍କ ଜମି ପଟ୍ଟାରେ ଗାଁର ନାମ ରହିଛି ନାରାୟଣଚନ୍ଦ୍ରପୁର। ଗ୍ରାମବାସୀଙ୍କ ଆଧାରକାର୍ଡ ଓ ରାସନକାର୍ଡରେ ମଧ ଗାଁର ନାମ ନାରାୟଣଚନ୍ଦ୍ରପୁର ରହିଛି। ଏହି ଗାଁର ୨ଟି ନାମ ଥିବାରୁ ଏହାକୁ ୪୧ ବର୍ଷ ହେଲା ରାଜସ୍ୱ ଗାଁର ମାନ୍ୟତା ମିଳୁନାହିଁ। ଗାଁର କୌଣସି ଗରିବ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇପାରିନାହାନ୍ତି। ଗାଁରେ ପାନୀୟଜଳ ସମସ୍ୟା ଲାଗି ରହିଛି। ଗ୍ରାମବାସୀ କହିଛନ୍ତି, ଏହି ଗାଁର ନାମ ଅର୍ଜୁନଝରି ବା ନାରାୟଣଚନ୍ଦ୍ରପୁର ରଖାଯିବାକୁ ସେମାନେ ୪୧ ବର୍ଷ ହେଲା ପ୍ରଶାସନକୁ ଗୁହାରି କରିଆସୁଛନ୍ତି। ଏହାକୁ ରାଜସ୍ୱ ଗାଁର ମାନ୍ୟତା ଦିଆଯିବାକୁ ଦାବି କରିଆସୁଛନ୍ତି। ରେଙ୍ଗାଳି ଜଳଭଣ୍ଡାରରେ ଭିଟାମାଟି ହରାଇବା ପରେ ସରକାରଙ୍କ ପକ୍ଷରୁ ଏଠାରେ ସେମାନଙ୍କୁ ଅବସ୍ଥାପିତ କରାଗଲା। କିନ୍ତୁ ଏ ପର୍ଯ୍ୟନ୍ତ ସେମାନଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଯାଇଛି। ନିର୍ବାଚନ ଆସିଲେ ନେତାମାନେ ଗାଁକୁ ଆସି ସମସ୍ୟା ଦୂର କରାଯିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ଅବସ୍ଥା ଯଥା ପୂର୍ବଂ ତଥା ପରମ୍। ଏବେ ଓଡ଼ିଶାରେ ନୂଆ ସରକାର ଗଠନ ହେବାକୁ ଯାଉଛି। ଏହି ସରକାର ନିଶ୍ଚୟ ଗାଁର ସମସ୍ୟା ଦୂରକରିବେ ବୋଲି ସେମାନେ ଆଶାବାଦୀ ଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି।

# ପୋଡ଼ିଗଲା କୋଟିକୋଟି ଟଙ୍କାର କେନ୍ଦୁପତ୍ର



ମାଲକାନଗିରି, ୧୦/୬ (ନି.ପ୍ର): ମାଲକାନଗିରି ନିକଟସ୍ଥ ଏମ୍‌ଭି-୩ ଗ୍ରାମରେ ଥିବା କେନ୍ଦୁପତ୍ର ଗୋଦାମରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। କୋଟିକୋଟି ଟଙ୍କାର କେନ୍ଦୁପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି। ସୂଚନା ଅନୁଯାୟୀ, ଗତକାଲି ରାତିରେ କେନ୍ଦୁପତ୍ର ଗୋଦାମ ହଠାତ୍ ହୁତ୍‌ହୁତ୍ ହୋଇ ଜଳିବା ଆରମ୍ଭ କରିଥିଲା। ଶୁଖିଲା ପତ୍ର ରହିଥିବାରୁ ନିଆଁର ପ୍ରକୋପ ବଢ଼ିବା ସହ ଚାରିଆଡ଼କୁ ବ୍ୟାପିବା ଆରମ୍ଭ କରିଥିଲା। ଏହା ଦେଖିବା ପରେ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ ହେଁ ସୁଫଳ ମିଳିନଥିଲା। ଅଗ୍ନିଶମ ବିଭାଗ ଓ ଗୋଦାମ ମାଲିକ ଗୋପାଳ ସିକଦାରଙ୍କୁ ସୂଚନା ଦିଆଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ନିଆଁ ଲିଭାଇବା ପାଇଁ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ଅକ୍ଳାନ୍ତ ପରିଶ୍ରମ ପରେ ଆଜି ସକାଳେ ନିଆଁକୁ ଆୟତ୍ତ କରାଯାଇଥିଲା। ଆଜି ସକାଳୁ ମଧ ଅଗ୍ନିଶମ କର୍ମଚାରୀ କେନ୍ଦୁପତ୍ର ବିଡ଼ାକୁ ଓଲଟାଇ ପାଣି ସିଞ୍ଚନ କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ କେନ୍ଦୁପତ୍ର ଗୋଦାମରେ ଥିବା କୋଟି କୋଟି ଟଙ୍କାର କେନ୍ଦୁପତ୍ର ପୋଡ଼ିଯିବା ପରେ ଗୋଦାମ ମାଲିକ ଶ୍ରୀ ସିକଦାର ଚିନ୍ତାରେ ପଡ଼ିଛନ୍ତି। ଗୋଦାମରେ କିଏ ନିଆଁ ଲଗାଇଲା ନା ଅନ୍ୟ କୌଣସି କାରଣରୁ ନିଆଁ ଲାଗିଛି ତାହା ଅସ୍ପଷ୍ଟ ରହିଛି। ଏହା କୌଣସି ଦୁର୍ବୃତ୍ତଙ୍କ କାମ ହୋଇଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି।

# ସରକାରୀ କଲେଜ ପିଲା ପଛରେ: ମାଟ୍ରିକ୍‌ରେ 'ଏ-୧', ଯୁକ୍ତ୨ରେ ଫେଲ୍



ଭୁବନେଶ୍ୱର, ୧୦/୬ (ନି.ପ୍ର): ରାଜଧାନୀରେ ମାଳ ମାଳ ସରକାରୀ ଉଚ୍ଚମାଧମିକ ବିଦ୍ୟାଳୟ। ତା'ସହ ଅନୁଦାନପ୍ରାପ୍ତ ଓ ଘରୋଇ ଉଚ୍ଚ ମାଧମିକ ବିଦ୍ୟାଳୟ କିଛି କମ୍ ନାହିଁ। ପିଲାଙ୍କୁ ସହରରେ ରଖି ପଢ଼ାଇବାକୁ ବି ଅଭିଭାବକମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ମାତ୍ର ବର୍ଷକୁ ବର୍ଷ ଉଚ୍ଚମାଧମିକ ବିଦ୍ୟାଳୟ(ଯୁକ୍ତ୨ କଲେଜ) ଛାତ୍ରଛାତ୍ରୀ ପରୀକ୍ଷାରେ ଖରାପ ପ୍ରଦର୍ଶନ କରୁଛନ୍ତି। ମାଟ୍ରିକ୍‌ରେ 'ଏ-୧' ଗ୍ରେଡ୍ ହାସଲ କରି ଭଲ ସରକାରୀ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହେଉଛନ୍ତି ସତ ମାତ୍ର ଯୁକ୍ତ୨ରେ ପାସ୍ କରିପାରୁ ନାହାନ୍ତି। ରାଜଧାନୀ ଉଚ୍ଚମାଧମିକ ବିଦ୍ୟାଳୟକୁ ଏକ ଉଦହରଣ ଭାବେ ନିଆଯାଇପାରେ। ଏହି କଲେଜର କଟ ଅଫ୍ ମାର୍କ ରାଜ୍ୟର ଅନ୍ୟ ବିଦ୍ୟାଳୟ ତୁଳନାରେ ଆଗରେ ରହୁଛି। ଏଠାକାର ଛାତ୍ରଛାତ୍ରୀ କଳା, ବିଜ୍ଞାନ ଓ ବାଣିଜ୍ୟରେ ଭଲ ନମ୍ବର ରଖି ଓଡ଼ିଶାରେ ନାଁ କରିବାର ନଜିର ରହିଛି। ତେବେ ଗତ କିଛି ବର୍ଷ ହେବ ଏଠାରେ ଯୁକ୍ତ୨ରେ ପାସ୍‌ହାର କମୁଥିବା ଦେଖିବାକୁ ମିଳୁଛି। ୨୦୨୨ରେ ବିଜ୍ଞାନ ବିଭାଗରେ ପରୀକ୍ଷା ଦେଇଥିବା ୩୪୧ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୨ ଜଣ ଛାତ୍ରଛାତ୍ରୀ ବିଜ୍ଞାନରେ ଫେଲ୍ ହୋଇଥିଲେ। ୨୦୨୩ରେ ପରୀକ୍ଷା ଦେଇଥିବା ୩୮୨ଜଣଙ୍କ ମଧ୍ୟରୁ ୬୩ ଜଣ ସଫଳ ହୋଇପାରି ନଥିଲେ। ସେହିପରି ୨୦୨୨ରେ ବାଣିଜ୍ୟରେ ପରୀକ୍ଷା ଦେଇଥିବା ୧୨୨ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨ଜଣ ଫେଲ୍ ହୋଇଥିଲେ। ୨୦୧୩ରେ ୨୧ ଜଣ ଫେଲ୍ ହୋଇଥିଲେ। ଚଳିତ ଥର ପରୀକ୍ଷା ଫଳ ଆହୁରି ନୈରାଶ୍ୟଜନକ ହୋଇଛି। ବିଜ୍ଞାନରେ ୩୮୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୭୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୮୦ ଜଣ ଫେଲ୍ ହୋଇଛନ୍ତି। ବାଣିଜ୍ୟରେ ମଧ ୧୨୪ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୬ ଜଣ ଫେଲ୍ ହୋଇଛନ୍ତି। ସହରର ସମସ୍ତ ସରକାରୀ ଉଚ୍ଚମାଧମିକ ବିଦ୍ୟାଳୟରେ ସମାନ ଅବସ୍ଥା। ଭୁବନେଶ୍ୱରର ଛାତ୍ରଛାତ୍ରୀଙ୍କ ସ୍ଥିତିକୁ ଦେଖିଲେ ବିଜ୍ଞାନ ବିଭାଗର ଶ୍ରେଷ୍ଠ ଶହେ ମଧରେ ସହରର ୨୦ଜଣ ଛାତ୍ରଛାତ୍ରୀ ରହିଛନ୍ତି। ସେଥିମଧରୁ ସରକାରୀ ଶିକ୍ଷାନୁଷ୍ଠାନର ମାତ୍ର ୬ଜଣ। ବିଜେବି ଉଚ୍ଚମାଧମିକ ବିଦ୍ୟାଳୟର ସର୍ବାଧିକ ୪ଜଣ ରହିଥିବା ବେଳେ ବେସିକ୍ ସାଇନ୍ସ ଓ ରମାଦେବୀ ମହିଳା ଉଚ୍ଚମାଧମିକ ବିଦ୍ୟାଳୟର ଜଣେ ଲେଖାଏ ସ୍ଥାନ ପାଇଛନ୍ତି। ସହରର ସେଲ୍ଫ ଫାଇନାନ୍ସିଂ କଲେଜର ଛାତ୍ରଛାତ୍ରୀ ବିଜ୍ଞାନରେ ପୂର୍ବଭଳି ୯୦%ରୁ ଅଧିକ ମାର୍କ ରଖିଛନ୍ତି। କଳା ବିଭାଗରେ ମଧ ଅନୁରୂପ ଅବସ୍ଥା। ଶ୍ରେଷ୍ଠ ୫୦ ମଧରେ ଭୁବନେଶ୍ୱରର ମାତ୍ର ୫ଜଣ ରହିଛନ୍ତି। ବିଜେବି ଉଚ୍ଚମାଧମିକ ବିଦ୍ୟାଳୟର ୩ ଓ ରମାଦେବୀର ଦୁଇ ଜଣ ତାଲିକାରେ ସ୍ଥାନ ପାଇଛନ୍ତି। ବାଣିଜ୍ୟ ବିଭାଗର ଶ୍ରେଷ୍ଠ ୫୦ଜଣଙ୍କ ମଧରେ କେବଳ ବିଜେବି ଉଚ୍ଚମାଧମିକ ବିଦ୍ୟାଳୟର ହିଁ ୩ଜଣ କୃତୀ ପରୀକ୍ଷାର୍ଥୀ ରହିଥିବା ସୂଚନା ମିଳିଛି। ଯୁକ୍ତ୨ ବିଜ୍ଞାନ ନାମଲେଖା ସମୟରେ କଟ୍ ଅଫ୍ ମାର୍କରେ ସବୁଠାରୁ ଆଗରେ ରହୁଥିବା ମହର୍ଷି କଲେଜ ଅଫ୍ ନାଚ୍ୟୁରାଲ ଲ', ରାଜଧାନୀ କଲେଜ, ଏକାମ୍ର କଲେଜର କୌଣସି ବି ଛାତ୍ରଛାତ୍ରୀ ୯୦% ରଖିବାରେ ସଫଳ ହୋଇନାହାନ୍ତି। ରମାଦେବୀ ଓ ବେସିକ୍ ସାଇନ୍ସର ମାତ୍ର ଜଣେ ଲେଖାଏ ବିଦ୍ୟାର୍ଥୀ ବିଜ୍ଞାନ ବିଭାଗର ଶ୍ରେଷ୍ଠ ଶହେରେ ସ୍ଥାନ ପାଇଛନ୍ତି। ବିଜେବି ଓ ରମାଦେବୀ ଉଚ୍ଚମାଧମିକ ବିଦ୍ୟାଳୟରେ ମଧ ପୂର୍ବବର୍ଷ ତୁଳନାରେ ଅଧିକ ଛାତ୍ରଛାତ୍ରୀ ସଫଳ ହୋଇପାରି ନାହାନ୍ତି। ମହର୍ଷି କଲେଜରେ ଚଳିତ ବର୍ଷ କଳାରେ ୨୦ଜଣ, ବାଣିଜ୍ୟରେ ୨୪ଜଣ ଓ ବିଜ୍ଞାନରେ ଶତାଧିକ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି। ଶିକ୍ଷାବିତ୍ ସଦାଶିବ ସାହୁଙ୍କ ମତରେ ଏବେ ସହରର ପ୍ରମୁଖ କଲେଜରେ ଦିନକୁ ଦିନ ଅଧିକରୁ ଅଧିକ ବିଦ୍ୟାର୍ଥୀ ଫେଲ୍ ହେଉଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକର ଫଳ ମଧ ଆଶାନୁରୂପ ହେଉନାହିଁ। ଏହା ପଛରେ ମୁଖ୍ୟତଃ ସରକାରୀ କଲେଜଗୁଡ଼ିକର ଭିତ୍ତିଭୂମି ଓ ଶିକ୍ଷାଦାନ ପ୍ରଣାଳୀ ହିଁ ଦାୟୀ। ଅଧିକାଂଶ ଶିକ୍ଷାନୁଷ୍ଠାନରେ ଲାଇବ୍ରେରି, ଲାବରେଟୋରି, ଶିକ୍ଷକ ଅଭାବ ରହିଛି। ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳୁ ନଥିବାରୁ ଛାତ୍ରଛାତ୍ରୀ ଆଉ ଆଗଭଳି ପ୍ରଦର୍ଶନ କରୁନାହାନ୍ତି। ମାଟ୍ରିକ୍ ?ରେ 'ଏ-୧' ଗ୍ରେଡ୍ ହାସଲ କରୁଥିବା ଛାତ୍ରଛାତ୍ରୀ ସରକାରୀ କଲେଜରେ ପଢୁଥିବା ବେଳେ ପରବର୍ତ୍ତୀ ସମୟରେ କାହିଁକି ଭଲ ପ୍ରଦର୍ଶନ କରିପାରୁନାହାନ୍ତି ତାହା ଉପରେ ଚିନ୍ତା କରିବାର ସମୟ ଆସିଛି। ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେବା ଆବଶ୍ୟକ।

## ଆଗାମୀ ୧୩ ରୁ ୧୭ ତାରିଖ ଜିଲ୍ଲାସ୍ତରୀୟ ରଜ ଉତ୍ସବ ଓ ସାଂସ୍କୃତିକ ମେଳା

କନ୍ଧମାଳ, ୧୦/୬ (ନି.ପ୍ର): ଫୁଲବାଣୀ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ତରଫରୁ ଆଗାମୀ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଂଚ ଦିନ ବ୍ୟାପି ରଜ ଉତ୍ସବ ଓ ସାଂସ୍କୃତିକ ମେଳା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଉତ୍ସବ ଚଳିତ ବର୍ଷ ମାଷ୍ଟରପଡା ସ୍ଥିତ ପାରିଜାତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେବ । ଉତ୍ସବକୁ ନିଶୁଳ୍କ ଭାବେ ସମସ୍ତ ଜନତା ଉପଭୋଗ କରିପାରିବେ । ପ୍ରତିଦିନ ଅପରାହ୍ନ ୪ଟା ରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ମେଳା ଜାରି ରହିବ । ଏଥିରେ ବିଭିନ୍ନ ବର୍ଗର ମହିଳା ମାନଙ୍କ ସମେତ କିଶୋର, କିଶୋରୀ ଏବଂ ଛୋଟ ପିଲାଙ୍କ ପାଇଁ ଓଡିଆ ସଂସ୍କୃତି ଭିତିକ ପାରମ୍ପରିକ କ୍ରୀଡା, ନୃତ୍ୟ, ଗୀତ, ମଂଚ ପ୍ରତିଯୋଗିତା ସହିତ ରଜପାନ, ପିଠା, ରଜ ଦୋଳି, କାଚ କଉଡି, ଲୁଡୁ, କାଂଜିଆ ପଟା, ଗଂଜପା ଖେଳ ସମେତ ମେଳା ପରିସରରେ ବିଭିନ୍ନ ପ୍ରକାର ବିପଣୀ ସାମଗ୍ରୀ, ଚଟପଟା ଖାଦ୍ୟର ବ୍ୟବସ୍ଥା କରାଯାଇଛି । ବହୁ ସାଂସ୍କୃତିକ ଦଳ ସେମାନଙ୍କ କାର୍ଯ୍ୟକ୍ରମ ପରିବେଷଣ କରିବେ । ପ୍ରତିଦିନ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିବା ସହ ୧୬ ତାରିଖ ଅପରାହ୍ନ ୩ଟା ରେ ଦ୍ୱିଭାଷି କବି ସମ୍ମିଳନୀର ଆୟୋଜନ କରାଯାଇଛି । ଏଥିରେ ବହୁ ଓଡିଆ ଓ କୁଇ ଭାଷାର କବି ଅଂଶଗ୍ରହଣ କରିବେ । ଏହି ଦିନ ଜିଲ୍ଲାର ବହୁ ପ୍ରତିଭାଧାରୀ ମହିଳା ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ପାଂଚ ଦିନର ଏହି କାର୍ଯ୍ୟକ୍ରମରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯିବ । ଏହି ରଜ ଉତ୍ସବରେ ବିପୁଳ ସଂଖ୍ୟାରେ ଜିଲ୍ଲାବାସୀ ଯୋଗ ଦେବାକୁ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ତରଫରୁ ଅନୁରୋଧ କରାଯାଇଛି । ଆଜିର ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ଶରତ ଚନ୍ଦ୍ର ମହାନ୍ତି, ସୋମନାଥ ସାହୁ, କଳ୍ପନା ରାଣୀ ପାତ୍ର, ବିରାଜିନୀ ମହାପାତ୍ର, ସୁଶ୍ରୀ ମୁସ୍କାନ, ଶୁଭ୍ରାରାଣୀ ପଟ୍ଟନାୟକ, ସରସ୍ୱତୀ ସାହୁ, ବୈଜୟନ୍ତୀ ମାଳା ମହାପାତ୍ର, ରୂପମ୍ୱୀକା ତ୍ରିପାଠୀ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁ ଚରଣ ଶତପଥୀ ସଭାକାର୍ଯ୍ୟ ସଂଚାଳନ କରିଥିଲେ ।

# ବିକ୍ରମ ଦେବଙ୍କ ପ୍ରତିମୂର୍ତ୍ତି ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ସ୍ଥାପନ ନେଇ ଚିଠି

ଜୟପୁର, ୧୦/୬ (ନି.ପ୍ର): ରାଜା ବିକ୍ରମଦେବଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତି କୋରାପୁଟ ଜିଲ୍ଲାର ଜୟପୁର ଠାରେ ସ୍ଥାପନ କରାଯିବା ନେଇ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ କୋରାପୁଟ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି । ବିଭାଗର ଯୁଗ୍ମ ଶାସନ ସଚୀବ ତଥା ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ କୋରାପୁଟ ଜିଲ୍ଲାପାଳଙ୍କୁ ବିଭାଗ ଚିଠି ସଂଖ୍ୟା ୬୨୭୨ରେ ଜଣାଇଛନ୍ତି ଯେ, ରାଜା ବିକ୍ରମ ଦେବଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତି ଜୟପୁରସ୍ଥ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପ୍ରବେଶ ଦ୍ୱାର ଠାରେ ସ୍ଥାପନ କରାଯିବା ପାଇଁ ବିଭାଗୀୟ ପ୍ରତିମୂର୍ତି ଚୟନ କମିଟି ବୈଠକରେ ନିଷ୍ପତି ନିଆଯାଇ ପ୍ରତିମୂର୍ତି ନିର୍ମାଣ କାର୍ଯ୍ୟ ଚାଲୁ ରହିଅଛି । ଏହାର ସ୍ଥାପନା ନିମନ୍ତେ ତୁରନ୍ତ ବିଶ୍ୱବିଦ୍ୟାଳୟ ପ୍ରବେଶ ଦ୍ୱାରରେ ଏକ ପ୍ରମୁଖ ସ୍ଥାନ ନିରୂପଣ କରି ଯଥାଶୀଘ୍ର ବିଭାଗକୁ ଜଣାଇଲେ ବିଭାଗ ପକ୍ଷରୁ ପିଣ୍ଡି ନିର୍ମାଣ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି । ଏହି ଚିଠିର ଏକକିତା ନକଲ ବିଭାଗର କମିଶନର, କୋରାପୁଟ ଜିଲ୍ଲା ସଂସ୍କୃତି ଅଧିକାରୀ, ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ସହାୟକ ଯନ୍ତ୍ରୀ, ଭୁବନେଶ୍ୱର ଏସ୍ୱି କ୍ରିଏସନ୍ସ ସରୋଜ କୁମାର ଭଞ୍ଜଙ୍କ ସହ ଜୟପୁରର ଆଇନଜୀବୀ ଅନୁପ କୁମାର ପାତ୍ରଙ୍କ ନିକଟକୁ ଅବଗତି ନିମନ୍ତେ ପ୍ରେରଣ କରାଯାଇଥିବା ଜଣାଯାଇଛି । ଅପରପକ୍ଷେ କିଛି ମାସ ପୂର୍ବରୁ ଉକ୍ତ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକରେ ରାଜଶ୍ରୀ ବିକ୍ରମଦେବ ବର୍ମାଙ୍କ ଏକ ପ୍ରତିମୂର୍ତି ସ୍ଥାପନ କରାଯାଇଛି । ଏହାକୁ ଉଠାଯାଇ ତାହା ସ୍ଥାନରେ ବ୍ରୋଞ୍ଜ ମୂର୍ତି ସ୍ଥାପନ ହେବ ନା ପ୍ରଶାସନ ଅନ୍ୟ କୌଣସି ନିଷ୍ପତି ନେବ ତାହାକୁ ନେଇ ଅପେକ୍ଷା ରହିଛି।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଓ ୨ କିଲୋମିଟର ଶୋଭାଯାତ୍ରା

ନୂଆପଡ଼ା, ୧୦/୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଖାସବାହାଲ ପଂଚାୟତ ବଙ୍କାପୁର ଗ୍ରାମ ସ୍ଥିତ ଓଁ ଖାସବାହାଲ୍ ଉଚ୍ଚ ବିଦ୍ୟାଳୟ ବଙ୍କାପୁରର ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏନେଇ ବଙ୍କାପୁର ଗ୍ରାମରେ ଆୟୋଜିତ ସଭାରେ ପୂର୍ବତନ ସରପଂଚ ଫକିର ମୋହନ ବେହେରା ସଭାପତିତ୍ୱ କରିଥିବା ବେଳେ ସ୍ଥାନୀୟ ସରପଂଚ କୁନୁ ଚରଣ ବେହେରା ମୁଖ୍ୟ ଅତିଥି, ସ୍ଥାନୀୟ ସମିତି ସଭ୍ୟ ହେମନ୍ତ ଶବର, ପୂର୍ବତନ ସରପଂଚ ସନ୍ତୋଷ କୁମାର ନିଆଲ, ଶିକ୍ଷକ ନେହେରୁ ଲାଲ ବେହେରା, ବେଣୁପାଣି ବେହେରା, ହରିରାମ ବେହେରା, ରାଣୀମୁଣ୍ଡା ସରପଂଚ ତୁକାରାମ ହିଆଲଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ସହ ବିତିଥିବା ଅନେକ ସ୍ମୃତି ଉପରେ ଆଲୋଚନା କରିଥିଲେ। ଉକ୍ତ ବିଦ୍ୟାଳୟ ବେସରକାରୀ ଭାବରେ ୧୯୮୯ ରେ ଆରମ୍ଭ କରାଯାଇଥିବା ବେଳେ ବିଦାୟୀ ଶିକ୍ଷକ ସେହି ମସିହାରେ ଶିକ୍ଷକ ଭାବରେ ଯୋଗଦେଇ ଦୀର୍ଘ ୩୫ ବର୍ଷକାଳ ନିରବଚ୍ଛିନ୍ନ ଭାବରେ ଶହଶହ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିଛନ୍ତି । ସେ ଜଣେ ଜଣେ ସରଳ ନିଷ୍କପଟ ମିଷ୍ଟଭାଷୀ ଓ ମିଳାପୀ ବ୍ୟକ୍ତିତ୍ୱ ଅଟନ୍ତି । ଜଣେ ଆଦର୍ଶ ଶିକ୍ଷକ ଭାବରେ ସେ ଚିର ସ୍ମରଣୀୟ ରହିବେ ବୋଲି ବକ୍ତା ଓ ଅତିଥି ମାନେ ମାନେ ପ୍ରକାଶ କରି ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ । ପୁରାତନ ଛାତ୍ର ଉଦ୍ଧବ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଓ ବିଷ୍ଣୁ ଚରଣ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀ ତଥା ଶିକ୍ଷକ ମଣ୍ଡଳୀ ଓ ସହକର୍ମୀ ଉପସ୍ଥିତ ଥିଲେ। ପରେ ତାଙ୍କୁ ଗାଁ ପରିକ୍ରମା କରାଯାଇଥିଲା ଓ ଗାଁ ର ବିଭିନ୍ନ ଜାଗାରେ ମହିଳା ମାନେ ବନ୍ଦାପନା କରିଥିଲେ। ଗ୍ରାମବାସୀ ନିଜ ଗାଁ ରୁ ପ୍ରିୟ ଶିକ୍ଷକଙ୍କ ଗାଁ ଦୋହେଲପଡ଼ା ପର୍ଯ୍ୟନ୍ତ ଦୁଇ କିଲୋମିଟର ଧରି ଶୋଭାଯାତ୍ରା କରି ତାଙ୍କ ଘରକୁ ଛାଡିଥିଲେ। ତାଙ୍କ ଘରେ ମଧ ତାଙ୍କୁ ବନ୍ଦାପନା କରାଯାଇଥିଲା । ମହିଳା ଓ ପରିଜନ ମାନେ ତାଙ୍କରି କର୍ମମୟ ଜୀବନ ପାଇଁ ସ୍ମୃତି ଚାରଣ କରିଥିଲେ। ଏକ ଚମତ୍କାର ବିଦାୟ ଶୋଭାଯାତ୍ରା ପାଇଁ ଗ୍ରାମବାସୀଙ୍କୁ ଧନ୍ୟବାଦ ଦିଆଯାଇଥିଲା। ସୁଶାନ୍ତ ବେହେରା, ଟୁନା ଚରଣ ବେହେରା, ନିବାସତମ ମହାନନ୍ଦ, ସୁଶାନ୍ତ ନିଆଲ, ମେଘରାମ ବେହେରା, ଦିବ୍ୟ ବେହେରା, ମନୋଜ ବେହେରା, ଜୟଦେବ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ପଛୁଆ ଚାଲନ୍ତୁ ଫିଟ୍ ରୁହନ୍ତୁ: ସପ୍ତାହରେ ୧୦ରୁ ୨୦ ମିନିଟ୍ ପଛୁଆ ଚାଲିଲେ ମିଳିଥାଏ ଅନେକ ଫାଇଦା

ଫିଟନେସ୍ ରଖିବା ପାଇଁ ଆଜିକାଲି ପ୍ରାୟ ସମସ୍ତେ କିଛି ନା କିଛି ଶାରୀରିକ ପରିଶ୍ରମ କରୁଛନ୍ତି । ହେଲେ ଫିଟ୍ ରହିବା ପାଇଁ ପ୍ରତିଦିନ ସମାନ ରୁଟିନ୍ ଅନୁସରଣ କରିବା ଦ୍ୱାରା କିଛି ସମୟ ପରେ ଆପଣ ବିରକ୍ତି ଅନୁଭବ କରିପାରନ୍ତି । କିନ୍ତୁ ଏହାର ଏକ ସରଳ ସମାଧାନ ଅଛି, ଯାହା ଦ୍ୱାରା ଆପଣଙ୍କୁ ପ୍ରତିଦିନ ବ୍ୟାୟମ କରିବାକୁ ପଡିବ ନାହିଁ । ତାହା ହେଉଛି ପଛୁଆ ଚାଲିବା । ସପ୍ତାହରେ କିଛି ଥର ୧୦ରୁ ୨୦ ମିନିଟ୍ ପଛକୁ ଚାଲିବା ଚାଲିବା ଅବା ଜଗିଂ କରିବା ଭଳି ସୁକ୍ଷ୍ମ ବ୍ୟାୟାମ ଦ୍ୱାରା ଆପଣଙ୍କ ଶରୀର ସହ ମସ୍ତିଷ୍କ ମଧ୍ୟ ବିକାଶ ହୋଇଥାଏ । ସେଥିପାଇଁ ଡାକ୍ତର ପଛୁଆ ଚାଲିବାକୁ ପରାମର୍ଶ ମଧ୍ୟ ଦେଇଥାନ୍ତି । ଆସନ୍ତୁ ଜାଣିବା ପଛୁଆ ଚାଲିବାରେ ଲାଭ କ'ଣ ?



*ପଛକୁ କାହିଁକି ଚାଲିବେ ?*

ଭୂପୃଷ୍ଠରେ ପଛକୁ ଚାଲିବା ବୋକା ଅବା ଅଦରକାରୀ ମନେହୁଏ

ଗଭୀର ଭାବେ ଦୃଷ୍ଟି ଦେଲେ ଏହାର ଉପକାରିତା ଜଣାପଡେ

ଏହା ଆପଣଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ସୁସ୍ଥତା ପ୍ରଦାନ କରିଥାଏ

ସରଳ ଉପାୟରେ ଆପଣ ଆପଣଙ୍କର ମାଂସପେଶୀ ଏବଂ ମନକୁ ଚ୍ୟାଲେଞ୍ଜ କରିଥାନ୍ତି

ମାଂସପେଶୀ ଏବଂ ମନକୁ ଭିନ୍ନ ଚିନ୍ତା ଏବଂ କାର୍ଯ୍ୟ କରିବାକୁ ବାଧ କରିଥାନ୍ତି

ଯାହା ଆପଣଙ୍କ ମନ ଏବଂ ଶରୀର ପାଇଁ ଅନେକ ଲାଭ ହୋଇଥାଏ

*ମାନସିକ ଲାଭ:*

ଶରୀରରେ ସଚେତନତା ବୃଦ୍ଧି ଭାବନା ଆସିଥାଏ

ଶରୀରରେ ସମନ୍ୱୟ ଏବଂ ଗତି ବୃଦ୍ଧି କରିଥାଏ

ବ୍ୟାୟମ କରିବା ବେଳେ ବିରକ୍ତିଭାବ ଦୂର କରିବାରେ ସହାୟକ ହୁଏ

ସାମଗ୍ରିକ ଭାବେ ମନୋବଳ ବୃଦ୍ଧି କରେ

ଶୋଇବା ଚକ୍ର ତଥା ଭଲ ନିଦ୍ରା ହେବାରେ ସହାଯ୍ୟ କରେ

କମଫର୍ଟ ଜୋନରୁ ବାହାରିବାକୁ ପ୍ରେରଣା ଦିଏ

ଅନୁମାନ ତଥା ଆକଳନ କରିବାରେ ସହାୟକ ହୁଏ

ଚିନ୍ତାଧାରା ଦକ୍ଷତା ଏବଂ ବୁଝିପାରିବା ଶକ୍ତି ତିକ୍ଷ୍ଣ କରେ

ଦୃଷ୍ଟିଶକ୍ତି ବୃଦ୍ଧି କରିବା ସହ ଇନ୍ଦ୍ରୀୟଗୁଡିକ ନିୟନ୍ତ୍ରଣରେ ରଖେ

*ଶାରୀରିକ ଲାଭ :*

କମ୍ ବ୍ୟବହୃତ ହେଉଥିବା ଗୋଡ ମାଂସପେଶୀରେ ଶକ୍ତି ବୃଦ୍ଧି କରେ

ଆଣ୍ଠୁ ଆଘାତରୁ ସୁସ୍ଥ ହେବାରେ ସାହାର୍ଯ୍ୟ କରେ

ଚାଲିବା କୌଶଳରେ ବିକାଶ ହୁଏ

ଶାରୀରିକ ସ୍ଥିରତା ରଖିବାରେ ସହାୟ ହୋଇଥାଏ

ଶରୀରକୁ ସନ୍ତୁଳିତ କ୍ୟାଲୋରୀ ପ୍ରଦାନ କରେ

ଏକ ସୁସ୍ଥ ଓଜନ ବଜାୟୀ ରଖିବାରେ ସହାଯ୍ୟ କରେ

ହାଡ ଏବଂ ମାଂସପେଶୀକୁ ଶକ୍ତିଶାଳୀ କରେ

ଶରୀରରେ ଶକ୍ତି ସ୍ତର ବୃଦ୍ଧି ହୁଏ

ଶରୀରର ବିକାଶ ପାଇଁ ଆବଶ୍ୟକ ମେଟାବୋଲିଜିମ୍ ବୃଦ୍ଧି କରେ

## ସପିଂ ପାଇଁ ସ୍ୱତନ୍ତ୍ର ସାଇକେଲ




ଲୋକେ ଦାମୀ ଗାଡ଼ିରେ ବୁଲିବା ସହ ସପିଂ ମଲରେ ନିୟମିତ ଭାବେ ସପିଂ କରିବାକୁ ଉତମ ଜୀବନଶୈଳୀ ଭାବେ ଅଧିକାଂଶ ଭାରତୀୟ ବଖାଣି କରିଛନ୍ତି । ପରିବେଶ ସଚେତନତା ବାବଦରେ ଖୁବ କମ ଭାରତୀୟ ସଚେତନ ବୋଲି ପ୍ରକାଶ । ସର୍ବେକ୍ଷଣରୁ ଜଣାପଡ଼ଚି ୩%ରୁ କମ ଭାରତୀୟ ନାଗରିକ ପରିବେଶ ପ୍ରଦୂଷଣ ବାବଦରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଏପରିକି କେତେକ ବର୍ଗର ଲୋକେ ମଧ୍ୟ ପ୍ରଦୂଷଣରୁ ବର୍ତିବା ପାଇଁ ଗାଡ଼ି ମଟର ବଦଳରେ ସାଇକେଲରେ ଯାଆସ କରୁଛନ୍ତି । ଆମ ରାଷ୍ଟ୍ର ତୁଳନାରେ କିନ୍ତୁ ବିଦେଶୀ ରାଷ୍ଟ୍ର ଏ ବାବଦରେ ଖୁବ୍ ସଚେତନ । ନିକଟରେ ସ୍ୱିଡ଼େନର ଏକ କମ୍ପାନୀ ସେଠାକାର ଲୋକଙ୍କ ସପିଂ କାର୍ଯ୍ୟକୁ ସୁବିଧା ତଥା ସହଜରେ ଶେଷ କରିବା ନିମନ୍ତେ ସପିଂ ସାଇକେଲ ତିଆରି କରିଛି । ସାଇକେଲ ପଛରେ ଖୁବ ହାଲୁକା ସପିଂ ବାସ୍କେଟ ଖଞ୍ଜା ହୋଇରହିଛି ।। ସପିଂ ମଲରେ ପ୍ରବେଶ କରିବା ପରେ ସେଠାକାର ବାସ୍କେଟ ବ୍ୟବହାର ନକରି ବରଂ ସାଇକେଲ ଖଞ୍ଜା ହୋଇଥିବା ସପିଂ ବାସ୍କେଟକୁ ସହଜରେ ବାହାର କରି ମଲ ଭିତରକୁ ନେଇହେବ । ଏହି ସପିଂ ମଲ ବିଶେଷ ସାଇକେଲର ମୂଲ୍ୟ ୧୩ ହଜାର ଟଙ୍କା ଧାର୍ଯ୍ୟ ହୋଇଛି ।

## ଡାଲଚିନି ନିୟନ୍ତ୍ରଣ କରେ ମେଦବୃଦ୍ଧି



ଡାଇବେଟିସ ଓ ମେଦବହୁଳ ଲୋକଙ୍କ ପାଇଁ ଏକ ଖୁସି ଖବର । ଡାଲଚିନିର ବ୍ୟବହାର କରି ଡାଇବେଟିସ୍ ଓ ମୋଟାପଣକୁ ନିୟନ୍ତ୍ରଣ କରାଯାଇପାରିବ । ଭାରତୀୟମାନଙ୍କ ଉପରେ ହୋଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଦୈନିକ ୩ ଗ୍ରାମ ଡାଲଚିନି ପାଉଡ଼ର ଖାଇଲେ ମେଦବୃଦ୍ଧି ନିୟନ୍ତ୍ରଣ କରାଯାଇପାରିବ । ଏହାଦ୍ୱାରା ଅଂଟା ପାଖରେ ଜମିଥିବା ଚର୍ବି କମ ହେବା ସହ କୋଲେଷ୍ଟ୍ରୋଲ ଓ ହାଇ ବ୍ଲଡ଼ପ୍ରେସରକୁ ମଧ୍ୟ ନିୟନ୍ତ୍ରଣରେ ରଖାଯାଇପାରିବ । ରିସର୍ଚ୍ଚ ବେଳେ ଡାଇବେଟିସ୍ ପାଇଁ ଡାଲଚିନି ଏକ ଅମୋଘ ଔଷଧ ବୋଲି ଜଣାପଡ଼ିଛି । ଏମସ ଓ ଦିଲ୍ଲୀ ୟୁନିଭର୍ସିଟି ଫୋର୍ଟିସ ସିଡ଼ିଓସି ହସପିଟାଲ ପକ୍ଷରୁ ମିଳିତ ଭାବେ ହୋଇଥିବା ଏହି ରିସର୍ଚ୍ଚରେ ୧୩୦ଜଣ ରୋଗୀଙ୍କୁ ୧୬ ସପ୍ତାହ ଧରି ଡାଲଚିନି ପାଉଡ଼ର ଦିଆଯାଇଥିଲା । ପ୍ରତ୍ୟେକ ରୋଗୀଙ୍କୁ ଦୈନିକ ୩ଗ୍ରାମ ଡାଲଚିନି ପାଉଡ଼ର ଦିଆଯାଇଥିଲା, ଯେଉଁଥିରେ ସେମାନଙ୍କ ଓଜନ ୩.୮ ପ୍ରତିଶତ କମିଯାଇଥିବା ଦେଖାଯାଇଥିଲା । ସେହିଭଳି ଶରୀରର ଚର୍ବି ୪.୩ ପ୍ରତିଶତ ଓ ଅଣ୍ଟା ଚଉଡ଼ା ୫.୩ ପ୍ରତିଶତ କମିଯାଇଥିଲା । ବ୍ଲଡ୍‌ପ୍ରେସର ୯.୭ ପ୍ରତିଶତ କମିଥିଲା ଓ ରକ୍ତରେ ଫାଷ୍ଟିଂ ଗ୍ଳୁଗୋଜ୍‌ର ସ୍ତର ୭.୧ ପ୍ରତିଶତ କମିଯାଇଥିଲା । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଦୈନିକ ୩ ଗ୍ରାମ ଡାଲଚିନି ପାଉଡ଼ର ଖାଇଥିଲେ ମଧ୍ୟ ରୋଗୀଙ୍କର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହୋଇ ନଥିଲା । ଏହି ରିସର୍ଚ୍ଚ ସମ୍ପର୍କରେ ଅନ୍ତର୍ଜାତୀୟ ପତ୍ରିକା 'ଲିପିଡ୍ ଇନ୍ ହେଲଥ୍ ଡିଜିଜ୍‌ରେ ପ୍ରକାଶ ପାଇଛି ।

## ନଖ ଦେଖି ସଚେତନ ହୁଅନ୍ତୁ



ପ୍ରତ୍ୟେକ ବ୍ୟକ୍ତି ନିଜ ନଖର ଆକାର କିମ୍ବା ରଙ୍ଗ ବଦଳିଲେ, ତତକ୍ଷଣାତ୍ ସଚେତନ ହେବା ଜରୁରୀ । ଏହା ବିଭିନ୍ନ ରୋଗର ସୂଚନା ଦେଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସାଧାରଣ ଲୋକଙ୍କୁ କେତୋଟି ଉପଦେଶ ଦେଇ ଏ ବାବଦରେ ସଚେତନ କରାଇଛନ୍ତି । ନଖ ଅଙ୍କାବଙ୍କା ହୋଇ ବଢ଼ିଲେ ସୋରିୟାସିସ ରୋଗ ହୋଇଥିବାର ଆଶଙ୍କା ଥାଏ । ନଖର ରଙ୍ଗ ଧଳା ହୋଇଗଲେ, ଯକୃତ ସମସ୍ୟା ଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି । ଅଧିକାଂଶଙ୍କର ନଖ ମଝିରୁ ଭାଙ୍ଗିଯାଏ । ଶରୀରରେ ବିଭିନ୍ନ ପୋଷକତତ୍ତ୍ୱ ଅଭାବରୁ ଏହି ଅସୁବିଧା ହୋଇଥାଏ । ଯଦି ନଖରେ କଳା ରଙ୍ଗ ଦେଖାଯାଏ, ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ । କାରଣ ଏହା ତ୍ୱଚା କର୍କଟର ସଙ୍କେତ । ଏନିମିୟା ରୋଗୀଙ୍କ ନଖ ମଧ୍ୟ ଦୁର୍ବଳ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି ।

# କମ୍ ବୟସରୁ ଚନ୍ଦାପଣର ଶିକାର ହେଉଛନ୍ତି କି ? ପ୍ରତିଦିନ କରନ୍ତୁ ଏଭଳି କାମ, ଦେଖାଯିବନି ଚନ୍ଦାପଣର ସମସ୍ୟା

**ବୟସ ବଢିବା ସଙ୍ଗେ ସଙ୍ଗେ ଶରୀରରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ଦେଖାଯାଏ । ଶରୀରରେ ମେଟାବଲିଜମର ମାତ୍ରା ବଢିଥାଏ । ଭାରତରେ ପ୍ରତି ୨ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣଙ୍କ ମଧ୍ୟରେ ଚନ୍ଦାପଣର ସମସ୍ୟା ଦେଖାଯାଏ । ଅକାଳରେ ଚୁଟି ଝଡିପଡ଼େ ଏବଂ ଚନ୍ଦାପଣର ଶିକାର ହେବାକୁ ପଡେ । କିନ୍ତୁ କମ୍ ବୟସରେ ଚନ୍ଦାପଣ ଗ୍ରାସ କରିବା ଏକ ବଡ଼ ସମସ୍ୟା । ତେବେ କିଛି ଟିପ୍ସ ଆପଣାଇ ଆପଣ ନିଜ ଚୁଟିର ଧ୍ୟାନ ରଖିପାରିବେ । ଏବେ ପ୍ରଶ୍ନ ଉଠୁଛି କାହିଁକି ଅଧିକ ଲୋକ ଏହି ଚନ୍ଦାପଣର ଶିକାର ହୁଅନ୍ତି ? ହର୍ମୋନାଲରେ ପରିବର୍ତ୍ତନ , ଶରୀରରେ ପୋଷକ ତତ୍ତ୍ୱର ଅଭାବ , କେମୋଥେରାପି କିମ୍ବା ଅତ୍ୟଧିକ ଔଷଧ ସେବନ ,ଚାପଗ୍ରସ୍ତ ,ଶୀଘ୍ର ଓଜନରେ ହ୍ରାସ,ଗମ୍ଭୀର ରୋଗ ଇତ୍ୟାଦି । ଏହା ଦ୍ୱାରା ଶରୀରରେ ମେଟାବଲିଜମର ମାତ୍ରା ବଢେ ଏବଂ ଚନ୍ଦାପଣର ସମସ୍ୟା ଦେଖାଯାଏ ।**



ଡ଼ାଇଟରେ ନିଅନ୍ତୁ ପ୍ରୋଟିନ୍ : ହେୟାର୍ ଗ୍ରୋଥ୍ ପାଇଁ ପ୍ରୋଟିନ୍ ନିହାତି ଜରୁରୀ । ଅଣ୍ଡା,ମାଛ , କମ୍ ଚର୍ବି ଥିବା ମାଂସରେ ପ୍ରୋଟିନର ମାତ୍ରା ଅଧିକ ଥାଏ । ଯାହା ଚୁଟି ବଢାଇବା ପାଇଁ ଲାଭଦାୟକ ହୋଇଥାଏ । ଖାଦ୍ୟରେ ଜରୁରୀ ଭିଟାମିନ୍ ସାମିଲ୍ କରନ୍ତୁ । ଭିଟାମିନ୍ ଏ ଚୁଟିମୂଳରେ ପ୍ରାକୃତିକ ତେଲ ବିକାଶ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଭିଟାମିନ୍ ଇ ରକ୍ତ ସଞ୍ଚାଳନକୁ ବଢାଇଥାଏ । ବେଳେବେଳେ ଘରୋଇ ଉପଚାର ମଧ୍ୟ ଚୁଟି ବଢାଇବାରେ ସହାୟକ ହୋଇଥାଏ । ରସୁଣ ଏଥିପାଇଁ ଭଲ ମସାଜର୍ ହୋଇପାରେ । ରସୁଣ,ପିଆଜ,ଅଦାର ରସକୁ ଆପଣ ମୁଣ୍ଡରେ ମାଲିସ୍ କରିପାରିବେ । ରାତିରେ ମାଲିସ୍ କରି ସକାଳେ ଧୋଇପାରିବେ । ଆୟୁର୍ବେଦିକ ଡ଼ାକ୍ତରଙ୍କ କହିବାନୁସାରେ,ଏହା କରିବା ଦ୍ୱାରା ଆପଣଙ୍କ ଚୁଟି ପୁନର୍ବାର ବଢିଯିବ । ଆମେ ପ୍ରତିଦିନ ଖାଦ୍ୟ ଖାଇଲା ଭଳି ଚୁଟିକୁ ମଧ୍ୟ ଖାଦ୍ୟ ଦରକାର ଏବଂ ପ୍ରତିଦିନ କିଛି ଡ୍ରପ୍ ତେଲ ନେଇ ହାଲକା ହାଲକା ମସାଜ୍ କଲେ ରକ୍ତ ସଞ୍ଚାଳନ ହେବା ସହ ଚୁଟିର ଗ୍ରୋଥ୍ ମଧ ବଢିଥାଏ ।



ବଜାରରେ ଅନେକ ପ୍ରକାରର କ୍ୟାମିକାଲଯୁକ୍ତ ସାମ୍ପୁ ବିକ୍ରି ହେଉଛି । ବିଜ୍ଞାପନ ଆଳରେ ଯଦି ଏସବୁ ଆପଣ ଚୁଟିରେ ବ୍ୟବହାର କରୁଛନ୍ତି ତାହେଲେ ଚୁଟି ଝଡ଼ିବା ଭଳି ସମସ୍ୟା ହିଁ ଦେଖାଯିବ । ତେଣୁ ସାମ୍ପୁ କିଣିବା ପୂର୍ବରୁ ପ୍ରଥମେ ସାମ୍ପୁରେ ବ୍ୟବହୃତ ସାମଗ୍ରୀ ଉପରେ ନଜର ପକାନ୍ତୁ । ଜୋଜୋବା,ନଡ଼ିଆ ତେଲ ,ଅଲିଭ୍ ଅଏଲ୍ , ପ୍ରୋଟିନ୍ , ଆଲୋବେରା,କେଫିନ୍ ଭଳି ସାମଗ୍ରୀ ଥିଲେ ହିଁ ସାମ୍ପୁ କିଣନ୍ତୁ ।

୮ ରୁ ୯ ଘଣ୍ଟା ଶୁଅନ୍ତୁ : ନିଦ୍ରେଜ ବା ଶୋଇବା ସମୟରେ ଆମ ଶରୀରର ମରାମତି କାମ କରିଥାଏ । ଗ୍ରୋଥ୍ ହର୍ମୋନ୍ , ସେଲ୍ ପ୍ରଡ଼କ୍ସନ୍ କରିବାରେ ସାହାଯ୍ୟ କରେ ଯାହାଦ୍ୱାରା ହେୟାର୍ ଗ୍ରୋଥ୍ ଶୀଘ୍ର ହୋଇଥାଏ ।

## ସ୍ମୃତି ଶକ୍ତି ବଢ଼ାଏ ଆଲକହଲ



ଆଲକହଲ ଶରୀର ପାଇଁ କ୍ଷତିକାରକ ହୋଇଥାଏ । କିନ୍ତୁ ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏହି ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ବ୍ରିଟେନର ୟୁନିଭରସିଟି ଅଫ ଏକ୍ସିଟରପରୁ ନିକଟରେ ହୋଇଥିବା ଏକ ଗବେଷଣାରୁ ଏହା ଜଣାପଡ଼ିଛି । ୟୁନିଭରସିଟିପକ୍ଷରୁ ଦାବି କରାଯାଇଛି ଯେ ମଦ୍ୟପାନ କରିବା ପୂର୍ବରୁ ଯଦି କୌଣସି ସୂଚନା କିମ୍ବା ତଥ୍ୟ ମନେ ରଖିବାକୁ କୁହାଯାଇଥାଏ, ତାହା ଆଲକହଲ ପ୍ରଭାବରେ ସହଜରେ ମନେ ରହିଥାଏ । ତେବେ ଗବେଷକମାନେ କହିଛନ୍ତି ଯେ, ଅତ୍ୟଧିକ ମଦ୍ୟପାନ ଯୋଗୁଁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିଥାଏ । ଗବେଷକମାନେ ୧୮ରୁ ୫୩ବର୍ଷ ବୟସରେ ୮ଜଣ ଲୋକଙ୍କ ଉପରେ ଗବେଷଣା କରି ତଥ୍ୟ ଦେଇଛନ୍ତି । ଏହି ୮୮ଜଣଙ୍କ ମଧ୍ୟରୁ ୩୧ପୁରୁଷ ଓ ୫୭ ମହିଳା ଥିଲେ ।



## ହେଲଥ୍ ଟିପ୍ସ : କେମିତି ହେବ ଭଲ ନିଦ ?

**ଆଜିର ବ୍ୟସ୍ତବହୁଳ ଓ ଇଣ୍ଟରନେଟ୍ ଯୁଗରେ ଭଲ ନିଦ ହେବା ଓ ଶାନ୍ତିର ଶୋଇବା ମଧ ଏକ ସମସ୍ୟା ପାଲଟିଗଲାଣି । ହେଲେ କ'ଣ କଲେ, କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦେଲେ ଆପଣଙ୍କୁ ଭଲ ନିଦ ହେବ, ସେଥିପ୍ରତି ଧ୍ୟାନ ଦେବା ଦରକାର । ଶୋଇବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ, ବିଳମ୍ବିତ ରାତି ଯାଏଁ ଚେଇଁ ନରହିବା ଏବଂ ଅନ୍ୟ କିଛି ବିଷୟ ପ୍ରତି ଦୃଷ୍ଟି ଦେଲେ ଭଲ ନିଦ ହେବ ।**

- ☐ ଶୋଇବାର ଏକ ନିର୍ଦ୍ଦିଷ୍ଟ ସମୟ ରଖିବାକୁ ପଡ଼ିବ
- ☐ ୧୦ରୁ ୧୧ଟା ଭିତରେ ଶୋଇଲେ ସକାଳ ୬ଟା ୭ଟା ଭିତରେ ଉଠିବେ
- ☐ ଫଳରେ ନିଦ ପାଇଁ ପର୍ଯ୍ୟାପ୍ତ ସମୟ ମିଳିବ
- ☐ ଆପଣ ୬ରୁ ୭ ଘଣ୍ଟା ଶୋଇପାରିବେ
- ☐ ରାତି ୧୦ଟା ପରେ ମୋବାଇଲ ବା ଇଣ୍ଟରନେଟର ଅଧିକ ବ୍ୟବହାର କରନ୍ତୁ ନାହିଁ
- ☐ କାରଣ ମୋବାଇଲ ଚଳାଇବା ଦ୍ୱାରା ବ୍ରେନ ଆକ୍ଟିଭ ରହିଥାଏ
- ☐ ବରଂ ଆପଣ ଭଲ ବହିଟିଏ ପଢ଼ନ୍ତୁ, କିମ୍ବା ମନପସନ୍ଦର ଗୀତ ଶୁଣନ୍ତୁ
- ☐ ସଂଧ୍ୟା ସମୟରେ ବେଶୀ ଚା' କି କଫି ପିଅନ୍ତୁ ନାହିଁ
- ☐ ଦିନରେ ୩୦ରୁ ୪୫ ମିନିଟ୍ ଶାରୀରିକ ବ୍ୟାୟାମ ଓ ଧ୍ୟାନ କରନ୍ତୁ
- ☐ ବିଳମ୍ବିତ ରାତି ଯାଏଁ ଟିଭି ଦେଖନ୍ତୁ ନାହିଁ
- ☐ ରାତିରେ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ



- ☐ ଯଦି ନିଦ ହେଉ ନାହିଁ, ମନ ଇଚ୍ଛା ମେଡିସିନ କିଣି ଖାଆନ୍ତୁ ନାହିଁ
- ☐ ବରଂ ଡାକ୍ତରଙ୍କ ସହ ପରାମର୍ଶ ପରେ ହିଁ କୌଣସି ମେଡିସିନ ଖାଆନ୍ତୁ

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବଜାରରେ ନକଲି ପ୍ରମାଦ...

ବ୍ୟବସ୍ଥାର ବିଫଳତା କୁହନ୍ତୁ କିମ୍ବା ଦୁର୍ନୀତିର ଖେଳ, ସତ କଥା ହେଉଛି, ଯେଉଁମାନେ ମାନବ ଜୀବନ ପ୍ରତି ଯତ୍ନବାନ ନୁହନ୍ତି, ସେମାନେ ଟଙ୍କା ଲୋଭରେ ଶିକାରୀ ହୋଇ ମୃତ୍ୟୁର ବ୍ୟବସାୟୀ ପାଲଟନ୍ତି । ଅପମିଶ୍ରଣ ଓ ନକଲି କାରବାର ଘୃଣ୍ୟ ଓ ଅମାନବୀୟ କାର୍ଯ୍ୟ । ଏହା ମଣିଷ ଜୀବନକୁ ମୃତ୍ୟୁ ଆଡ଼କୁ ଟାଣିନିଏ । ବିଡ଼ମ୍ବନାର ବିଷୟ ହେଉଛି, ବର୍ତ୍ତମାନ ବଜାରରେ ଉପଲବ୍ଧ ପ୍ରାୟ ସମସ୍ତ ଜିନିଷ ଅପମିଶ୍ରଣର ଶିକାର । କ୍ଷୀରରେ ପାଣି, ଶୁଦ୍ଧ ଘିଅରେ ଚର୍ବି, ପନିପରିବାରେ ରାସାୟନିକ ପ୍ରଲେପ, ଦାମୀ ଓ ଉନ୍ନତ ଶସ୍ୟରେ ଶସ୍ତା ଓ ନିମ୍ନମାନର ଶସ୍ୟ ଇତ୍ୟାଦି ଇତ୍ୟାଦି । ମାନବ ଜୀବନଧାରଣ କରିବା ପାଇଁ ଆବଶ୍ୟକ ପ୍ରତ୍ୟେକ ଦ୍ରବ୍ୟ ଆଜି ବିଶୁଦ୍ଧ ନୁହେଁ । ଏହି ନକଲି ପ୍ରକ୍ରିୟା ଭାରତରେ ଦୀର୍ଘଦିନ ଧରି ଚାଲିଆସୁଛି । କେତେବେଳେ ଗୋଚରରେ ତ କେତେବେଳେ ଅଗୋଚରରେ । ବିପୁଳ ଖର୍ଚ୍ଚ ଓ କଠୋର ଆଇନ ସତ୍ତ୍ୱେ ଏପରି କାରବାର ଉପରେ ନିୟନ୍ତ୍ରଣ ଜାରି କରାଯାଇପାରୁନାହିଁ । ନକଲି ସାମଗ୍ରୀ ବଜାର ଓ କାରବାରରେ ସବୁଠାରୁ ଦୁଃଖଦାୟକ ହେଉଛି ଦୁରାରୋଗ୍ୟ ରୋଗର ଉପଶମ ପାଇଁ ବ୍ୟବହୃତ ଔଷଧର ନକଲି କାରବାର । ଭାରତ ଏକ ପ୍ରମୁଖ ଔଷଧ ରପ୍ତାନିକାରୀ ଦେଶ ଏବଂ ଏହାକୁ ବିଶ୍ୱର ଔଷଧ କାରଖାନା କୁହାଯାଏ । ତେଣୁ ଭାରତର ଔଷଧ ସମଗ୍ର ବିଶ୍ୱରେ ବହୁଳ ଆଦୃତ । ଏଭଳି ସ୍ଥିତିରେ ନକଲି ଔଷଧ ଭଳି ଘଟଣା ସାମ୍ନାକୁ ଆସିବା କିମ୍ବା ନକଲି ଔଷଧ ବ୍ୟବସାୟ ଏକ ଜଘନ୍ୟ ଅପରାଧ । ଏହି କାରବାର ବିଶ୍ୱରେ ଭାରତର ପ୍ରତିଷ୍ଠା, ମାନ, ସମ୍ମାନକୁ କ୍ଷତିଗ୍ରସ୍ତ କରୁଛି । ଜୀବନ ରକ୍ଷାକାରୀ ଔଷଧରେ ଅପମିଶ୍ରଣ ରୋଗୀର ସିଧାସଳଖ ମୃତ୍ୟୁର କାରଣ ହୋଇଥାଏ । ଔଷଧ ବ୍ୟବସାୟରେ ଏହି ଅନୈତିକତା ଚିନ୍ତାଜନକ । ତେଣୁ ସରକାର ଔଷଧ କମ୍ପାନିଗୁଡ଼ିକ ପାଇଁ ଗୁଣାତ୍ମକ ନିୟନ୍ତ୍ରଣର ଏକ ନିର୍ଭରଯୋଗ୍ୟ ନିୟମ ପ୍ରଣୟନ କରିବା ସହ ନକଲି ଔଷଧ କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ । ଦେଶର ନାଗରିକଙ୍କ ସ୍ୱାସ୍ଥ୍ୟ ସହିତ ଖେଳିବା ଅଧିକାର କାହାର ନାହିଁ । ମଣିଷ ବଞ୍ଚିବା ପାଇଁ ଖାଦ୍ୟ ଅପରିହାର୍ଯ୍ୟ । କିନ୍ତୁ ଆଜି ଆମେ ଖାଉଥିବା ଖାଦ୍ୟ କେତେ ବିଶୁଦ୍ଧ ତାହା ସମସ୍ତଙ୍କୁ ଜଣା । ଆଗରୁ ଡାଲି, ଚାଉଳ, ବିଭିନ୍ନ ମସଲା ଏବଂ ଖାଦ୍ୟ ସାମଗ୍ରୀରେ ଗୋଡ଼ି, କାଠଗୁଣ୍ଡ ଇତ୍ୟାଦି କିଛି ପରିମାଣରେ ମିଶାଇ ଆଂଶିକ ଭେଜାଲ୍ ସାମଗ୍ରୀ ବଜାରକୁ ଛଡ଼ାଯାଉଥିଲା । ଏବେ ବି ସେହି ଅସାଧୁ ପ୍ରକ୍ରିୟା ଅବ୍ୟାହତ ରହିଛି । କିନ୍ତୁ ତା’ ସାଥିରେ ଏବେ ଆହୁରି ଭୟଙ୍କର ପ୍ରକ୍ରିୟା ଆରମ୍ଭ ହୋଇଛି, ଯାହାକି ସମ୍ପୂର୍ଣ୍ଣ ବିଷାକ୍ତ । ଆମର ଘରୋଇ ବ୍ୟବହାରରେ ହେଉ ବା ପୂଜା ପାର୍ବଣରେ, ଆମେ ସମସ୍ତେ ଅକ୍ଲେଶହୁଡେ ମହୁ ବ୍ୟବହାର କରିଆସୁଛନ୍ତି । ସାଧାରଣତଃ ବଜାରରେ ଉପଲବ୍ଧ ପ୍ୟାକେଟ ମହୁ ହିଁ ସମସ୍ତେ କିଣି ବ୍ୟବହାର କରନ୍ତି । ଚିନ୍ତାର ବିଷୟ ଯେ, ୭୦% କମ୍ପାନୀ ମହୁ ପ୍ରତିବଦଳରେ ଚିନି ଶିରା ହିଁ ବିକ୍ରି କରୁଛନ୍ତି । ପରିତାପର ବିଷୟ ହେଉଛି, ଭାରତରେ ମହୁ ବ୍ୟବସାୟ କରୁଥିବା ଖ୍ୟାତନାମା କମ୍ପାନୀଗୁଡ଼ିକ ନିଜ ନିଜର ଦୋଷତ୍ରୁଟିକୁ ଲୁଚାଇବାକୁ ଯାଇ ପର ଉପରେ ଦୋଷାରୋପ କରନ୍ତି । ଅମୃତ ସମାନ ମହୁକୁ ଆଜି ଲୋଭୀ ବ୍ୟବସାୟୀମାନେ ବିଷରେ ପରିଣତ କରିଛନ୍ତି । ଦେଶରେ ଏମିତି କେଉଁ ଜିନିଷ ନାହିଁ, ଯାହାର ନକଲି ବ୍ୟବସାୟ ନାହିଁ । ଜଣେ ଉପଭୋକ୍ତା ପକେଟରୁ ଅସଲି ଟଙ୍କା ଦେଇ ନକଲି ଜିନିଷ ଘରକୁ ଆଣେ । ବର୍ତ୍ତମାନ ଅପମିଶ୍ରଣ ଖାଦ୍ୟର ଗନ୍ତାଘର ପାଲଟିଛି କଟକ । କେତେବେଳେ ଖାଇବା ତେଲ ତ କେତେବେଳେ ସସ୍ ଆଉ କେତେବେଳେ ନକଲି ଥଣ୍ଡାପାନୀୟଯୁକ୍ତ କାରଖାନା ଏଠାରେ ଧରାପଡ଼େ । ଅପମିଶ୍ରିତ ମସଲା କାରଖାନା ମଧ ଠାବ କରାଯାଇଛି । କାରଖାନାରେ ଅପମିଶ୍ରିତ ଲାଲ ଲଙ୍କାଗୁଣ୍ଡ, ହଳଦୀ ଓ ଅନ୍ୟାନ୍ୟ ମସଲା ପ୍ରସ୍ତୁତ କରାଯାଉଥିବାର ଅଭିଯୋଗ ଆସିଛି । ନକଲି ଯୋଗୁଁ ଶୁଦ୍ଧ ଖାଦ୍ୟ ବିକୃତ କିମ୍ବା କ୍ଷତିଗ୍ରସ୍ତ ହୋଇପାରେ ଏବଂ ଏହାର ପୋଷକ ତତ୍ତ୍ୱ ହ୍ରାସ ପାଇପାରେ । କ୍ଷୀରରୁ କିଛି ଲହୁଣୀ ବାହାର କରି ଶୁଦ୍ଧ କ୍ଷୀର ଭାବରେ ବିକ୍ରି କରିବା କିମ୍ବା ଥରେ ବ୍ୟବହାର ହେବା ପରେ ଚା’ର ପତ୍ରକୁ ଶୁଖାଇ ପୁନଃ ବିକ୍ରୟ କରିବା ମଧ ଅପମିଶ୍ରଣ ସଂପର୍କିତ ଖବର । କିଛିଦିନ ତଳେ ଏକ ପ୍ରମୁଖ ଖବରକାଗଜରେ ପ୍ରକାଶିତ ହୋଇଥିଲା କୋରାପୁଟ ଜିଲ୍ଲା ଜୟପୁରର ସିରିଡି ସାଇ ମନ୍ଦିର ସମ୍ମୁଖରେ ଥିବା ଏକ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲରେ ଅପମିଶ୍ରଣ । ଏଥିରୁ ପାଣି ବାହାରୁଥିବା ଅଭିଯୋଗ କରି ଗ୍ରାହକମାନେ ପାଟିତୁଣ୍ଡ କରିଥିଲେ । କେତେକ ଲୋଭୀ ବ୍ୟବସାୟୀ ନକଲି ମାଧ୍ୟମରେ ଅସହାୟ ଲୋକଙ୍କୁ ଠକୁଛନ୍ତି । ମିଥ୍ୟା ଦାବି ସହ ଆକର୍ଷଣୀୟ ନାମ ଦେଇ ଜନସାଧାରଣଙ୍କୁ ଠକିବା ଅପରାଧ । ଯଦି କୌଣସି କମ୍ପାନୀ କିମ୍ବା ଦୋକାନର ଖାଦ୍ୟସାମଗ୍ରୀରେ ଅପମିଶ୍ରଣ ପ୍ରମାଣିତ ହୁଏ, ତେବେ ତାଙ୍କୁ ୧୦ଲକ୍ଷ ଟଙ୍କା ଅର୍ଥିକ ଦଣ୍ଡାଦେଶ ସହ ଆଜୀବନ କାରାଦଣ୍ଡ ଭୋଗିବାକୁ ପଡ଼ିବ । ଏଭଳି ନିୟମକୁ କାର୍ଯ୍ୟକାରୀ କରିବାକୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫଏସ୍ଏସଏଆଇ) ଦ୍ୱାରା ପ୍ରସ୍ତାବ ଦିଆଯାଇଛି । ହେଲେ ଆଇନ୍ ଆଖିରେ ଧୂଳି ଦେଇ ଅପମିଶ୍ରଣ କାରବାର ଆହୁରି ବଢ଼ିଚାଲିଛି । ଯେଉଁଠି ରୋବୋଟ୍ ପରି ନକଲି ମଣିଷ ଗଢ଼ାହୋଇ ଅସଲିର ଭ୍ରମ ସୃଷ୍ଟି କରିବା ସହ ଅସଲି ମଣିଷର ବୃତ୍ତି ସବୁ ଛଡ଼ାଇ ନେବାକୁ ବସିଛି, ସେଠାରେ ଖାଦ୍ୟ ପଦାର୍ଥ ନକଲି କରିବା କେଉଁ ବଡ଼କଥା ।

## ଶିବ ବିବାହ ଓ ଶୀତଳ ଷଷ୍ଠୀ



### ଡଃ.ଅରୁନ୍ଧତୀ ଦେବୀ

ସଂପ୍ରତି ସୂର୍ଯ୍ୟଦେବଙ୍କ ପ୍ରକୋପ କିଛିଟା ପ୍ରଶମିତ ହୋଇ ପ୍ରାକ ମୌସୁମୀ ଅବସରରେ ପରିବେଶ ଶୀତଳ ହେଉଛି । ଶୀତଳ ଷଷ୍ଠୀ ହେଉଛି ପାର୍ବତୀ ଓ ଦେବାଧିଦେବ ମହାଦେବଙ୍କ ମିଳନର ପର୍ବ କହିବାକୁ ଗଲେ ଶିବ ବିବାହ ଉତ୍ସବ ହିଁ ହୋଇଥାଏ । ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ଦିନ ମାତା ପାର୍ବତୀଙ୍କର ଶିବଙ୍କ ସହ ବିବାହ ହୋଇଥିଲା । ‘ଶୈବ ରସାମୃତ’ରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଶୀତଳ ଷଷ୍ଠୀ ମହୋତ୍ସବ ହେଉଛି ଦେବାଧିଦେବ ମହାଦେବଙ୍କର ବିବାହ ଉତ୍ସବ । ଦାନବ ରାଜା ତାରକାସୁରର ଅତ୍ୟାଚାର, ଅନ୍ୟାୟ ଓ ଦୌରାତ୍ମ୍ୟରୁ ସୃଷ୍ଟିକୁ ରକ୍ଷା କରିବାଲାଗି ଯୋଗେଶ୍ୱର ମହାଦେବ ଓ ଶକ୍ତିସ୍ୱରୂପିଣୀ ମାତା ପାର୍ବତୀଙ୍କ ବିବାହ ବା ମହାମିଳନର ଅବସର । ଶୀତଳ ଷଷ୍ଠୀ ଓଡ଼ିଶାର ବିଭିନ୍ନ ଶୈବଧାମରେ ଅନୁଷ୍ଠିତ ହୋଇଥାଏ । ବିଶେଷକରି ସମ୍ବଲପୁରର ଶୀତଳ ଷଷ୍ଠୀ ଯାତ୍ରା ବେଶ ପ୍ରଖ୍ୟାତ ।

ଶୀତଳଷଷ୍ଠୀ ହେଉଛି ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଧର୍ମବିଶ୍ୱାସର ଆଇନା । ଶିବ-ପାର୍ବତୀଙ୍କୁ ମାନବୀୟ ରୂପଦେଇ ଶୀତଳ ଷଷ୍ଠୀ ଯାତ୍ରାରେ ବିଶ୍ୱ ଭ୍ରାତୃତ୍ୱ, ମୈତ୍ରୀ ସଂହତିର ଯେଉଁ ନିରାଜନା ହୋଇଛି, ତାହା ଏକ ମହାନ ସଂସ୍କୃତିର ସ୍ମାରକୀ । ଦୋଳଯାତ୍ରା ସମୟରେ ଭଗବାନ ଶ୍ରୀକୃଷ୍ଣ ଯେଉଁପରି ବିମାନରେ ବସି ଦ୍ୱାରେ ଦ୍ୱାରେ ଭ୍ରମଣ କରି ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଇଥାନ୍ତି ଠିକ୍ ସେହିପରି ମାନବୀୟ ରୂପରେ ଏ ଶୀତଳ ଷଷ୍ଠୀରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ହୋଇଥାଏ । ଆମ ରାଜ୍ୟର ପଶ୍ଚିମାଞ୍ଚଳରେ ନୂଆଖାଇ ହେଉ ବା ଧନୁଯାତ୍ରା ଠିକ୍ ସେହିପରି ଶୀତଳ ଷଷ୍ଠୀ ଖୁବ୍ ଜାକଜମକ ସହକାରେ ପାଳିତ ହୋଇଥାଏ । ଗ୍ରୀଷ୍ମର ପ୍ରଚଣ୍ଡ ପ୍ରକୋପ ତାପରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ରୁଦ୍ରରୂପୀ ଶିବଙ୍କୁ ପ୍ରସନ୍ନ କରାଇଥାନ୍ତି ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ । ଅନ୍ୟ ଚିନ୍ତନରେ, ମହାବିଷୁବ ସଂକ୍ରାନ୍ତୀ ଠାରୁ ସୂର୍ଯ୍ୟ ଦକ୍ଷିଣରୁ ଉତ୍ତରାୟଣକୁ ଅଗ୍ରସର ହେଉଥିବା ବେଳେ ଜଳବିଷୁବ ସଂକ୍ରାନ୍ତୀରୁ ସେ ଉତ୍ତରରୁ ଦକ୍ଷିଣାସ୍ଥାନକୁ ଗତି କରନ୍ତି । ଯାହାଦ୍ୱାରା ଜ୍ୟେଷ୍ଠମାସର ଶୁକ୍ଳପକ୍ଷ ଷଷ୍ଠୀ ତିଥିରୁ ପୃଥିବୀ କ୍ରମେ କ୍ରମେ ଶୀତଳତା ପାଇବା ସହ ସୂର୍ଯ୍ୟଦେବଙ୍କର ଗତିକ୍ରମରେ ଆକାଶରେ ମେଘ ସୃଷ୍ଟି ହୁଏ ଓ ସେହି ଘନୀଭୂତ ମେଘ ପରବର୍ତ୍ତୀ ସମୟରେ ବର୍ଷାର ରୂପ ନେଇଥାଏ ।

ଆମ ନିତିଦିନିଆ ଜୀବନରେ ବିବାହ ଉତ୍ସବପରି ଶିବ-ପାର୍ବତୀଙ୍କ ବିବାହ ମାନବ ଜଗତର ସମସ୍ତ ବୈବାହିକ ପ୍ରସ୍ତୁତି, ପରିବେଶ ଓ ସାମାଜିକତା ଅନୁସରଣ କରାଯାଏ । ଏହି ଆନନ୍ଦ ଉଲ୍ଲାସ ମହାପାର୍ବଣରେ ସମସ୍ତେ ସାମିଲ ହୋଇଥାନ୍ତି ଏହି ଆନନ୍ଦ ପ୍ରାପ୍ତି କରିବାକୁ । ଭଗବାନ ଶିବ ସମଗ୍ର ଜୀବସତ୍ତାର ନିଦର୍ଶନ ରୂପେ ପ୍ରତୀକିତ ହେଉଥିବାବେଳେ ପାର୍ବତୀ ବିଶ୍ୱ ପ୍ରକୃତିର ନିଦର୍ଶନ ରୂପରେ ଅଭିଶିକ୍ତ । ଶିବ-ପାର୍ବତୀ ବିବାହ ଏ ପରିପ୍ରେକ୍ଷୀରେ ବିଶ୍ୱ ଏକାତ୍ମବୋଧର ଗଭୀର ଦର୍ଶନ ରହିଛି । ଏହାର ପୃଷ୍ଠଭୂମିରେ ଏକ ଉଚ୍ଚତର ସାମାଜିକ ଆଦର୍ଶ ନିହିତ । ତା’ଛଡ଼ା ଆତ୍ମାର ମୁକ୍ତି ପାଇଁ ଅନ୍ତର୍ଜାଗତିକ ଆତ୍ମସତ୍ତା ସହିତ ବହିର୍ଜାଗତିକ ପ୍ରବୃତ୍ତି ସତ୍ତାକୁ ସମରସିତ କରାଇବା ଲକ୍ଷ୍ୟ ନେଇ ଏହାର ଆୟୋଜନ । ଏଇଠି ପ୍ରକୃତି ସହିତ ଆତ୍ମାର ମିଳନ ଶିବତ୍ୱର ଦ୍ୟୋତକ ରୂପେ ଗୃହୀତ ହେବାବେଳେ ଶିବତ୍ୱର ଅର୍ଥାତ୍ ବ୍ୟକ୍ତି ଦ୍ୱାରା ଉପଲବ୍ଧ ଶିବତ୍ୱର ସହିତ ପରଶିବତ୍ୱର ସମନ୍ୱୟ ହିଁ ଏ ଦର୍ଶନର ଚରମ ଲକ୍ଷ୍ୟ ଭାବେ ଗୃହୀତ । ଏହି ମହାମିଳନକୁ ପରାପର ମିଳନ ବା ପରମଜ୍ୟୋତି ମିଳନ ରୂପେ ଗ୍ରହଣ କରାଯାଇଥାଏ । ବିବାହ ପରଦିନ ଶିବପାର୍ବତୀ ବିମାନରେ ଘର ଘର ବୁଲି ଭୋଗ ଖାଇଥାନ୍ତି । ଲୌକିକ ରୀତିନୀତି ଅନୁଯାୟୀ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥାଏ । କଟକ ସହରର ବିଭିନ୍ନ ଶିବ ମନ୍ଦିରରେ ଏହି ଉତ୍ସବ ଲାଗି ରହିଥାଏ । ରୁଦ୍ରରୂପୀ ଶିବ ଓ ମାତା ପାର୍ବତୀଙ୍କ ଯେଉଁ ମିଳନର ପର୍ବ ତାହା ଅଗଣିତ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଇଥାଏ । କହିବାକୁଗଲେ ଶୀତଳ ଷଷ୍ଠୀ ପୁରାଣ ଚେତନା ଓ ଯୁବଚେତନାର ପ୍ରତିଭାଷ ମାତ୍ରନୁହେଁ ଶାନ୍ତିକାମୀ, ମଙ୍ଗଳମୟ ଓ ନ୍ୟାୟ ପ୍ରତିଷ୍ଠାର ଅବସର ମଧ । ଶୀତଳ ଷଷ୍ଠୀ ଏପରି ଏକ ପାରମ୍ପରିକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମସ୍ତଙ୍କ ହୃଦୟରେ ଚେତନାକୁ ଜାଗ୍ରତ କରିଥାଏ । ଚଳିତବର୍ଷ ଜୁନ୍ ୧୧ ଅର୍ଥାତ୍ ମଙ୍ଗଳବାର ଦିନ ଶିବ ବିବାହ ଉତ୍ସବ ଓ ୧୨ ତାରିଖ ଦିନ ଶୀତଳ ଷଷ୍ଠୀ ଉତ୍ସବ ପଡୁଛି । ଭଗବାନ ଶିବ ଓ ମାତା ପାର୍ବତୀ ଆମ ସମସ୍ତଙ୍କୁ ଦିବ୍ୟାଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ କାମନା ।




+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦


## ପାଣିପାଗ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧିରେ ଅର୍ବାନ ଫାର୍ମିଙ୍ଗର ଭୂମିକା



### ଅଲେଖ ଚନ୍ଦ୍ର ସାମଲ

ଦ୍ୱୈତନଗରୀ କଟକ-ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରରେ ବଢୁଛି କଂକ୍ରିଟକରଣ । ସହରରେ ବର୍ଦ୍ଧିଷ୍ଣୁ କୋଠାବାଡ଼ି ସହରକୁ ସୁନ୍ଦର କରୁଥାଇପାରେ, କିନ୍ତୁ ପରିବେଶକୁ କରୁଛି ବିପଦଯୁକ୍ତ । ବିଶ୍ୱ ତାପମାତ୍ରା ବୃଦ୍ଧି ସହ ଅଙ୍ଗାରକାମ୍ଳର ମାତ୍ରାଧିକ ପ୍ରଭାବ କାରଣରୁ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । କଟକ କଥା ଆଲୋଚନା କରାଯାଉ । ସହରର ଦୁଇ ପଟେ ଯାଇଥିବା ନଦୀର ଜଳସ୍ତର ହ୍ରାସ ସହ ବ୍ୟାପକ ଭାବେ ଗଛକଟା ଯୋଗୁଁ ତାପମାତ୍ରା ଏହି କିଛି ବର୍ଷ ହେବ ବଢ଼ିଛି । ତେବେ ସିଏମସି ଓ ଜଙ୍ଗଲ ବିଭାଗ ପକ୍ଷରୁ ଅନେକସ୍ଥାନରେ ବ୍ୟାପକ ବୃକ୍ଷରୋପଣ, ଏ ଦିଗରେ କିଛିଟା ଆଶ୍ୱସ୍ତି କରିଥିବାବେଳେ ପରିବେଶବିତମାନେ ଅର୍ବାନ ଫାର୍ମିଙ୍ଗ ଉପରେ ଗୁରୁତ୍ୱାରୋପ କରିଛନ୍ତି । ତେବେ ଏହି ଅର୍ବାନ ଫାର୍ମିଙ୍ଗ କଣ ସେ ସମ୍ପର୍କରେ ଜାଣିବା ଆବଶ୍ୟକ । ସହରର ବଢ଼ିଥିବା କୋଠାବାଡ଼ି ଉପରେ ବା ଛାତ ଉପରେ ଗଛ ଲଗାଇବା ହେଉଛି ଅର୍ବାନ ଫାର୍ମିଙ୍ଗ । ଯେଉଁମାନେ କଂକ୍ରିଟକରଣକୁ ଗୁରୁତ୍ୱ ଦେଉଛନ୍ତି, ସେମାନେ ଅତିକମରେ ନିଜ ଘର ଛାତ ଉପରେ ବ୍ୟାପକ ଭାବରେ ଗଛ ଲଗାଇବା ଉପରେ ବିଶେଷ ଧ୍ୟାନ ଦେବା ଦରକାର ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି । କରିଡ଼ରରେ କିମ୍ବା ଛାତ ଉପରେ ସବୁଜିମା ସୃଷ୍ଟି କରିବା ନେଇ ବିଶେଷ ଗୁରୁତ୍ୱ ଦିଆଯାଉଥିବା ବେଳେ ଲୋକମାନେ କିପରି ଏନେଇ ଅଧିକରୁ ଅଧିକ ସଚେତନ ହେବେ ସେ ନେଇ ଦାୟିତ୍ୱ ଆମ ସମସ୍ତଙ୍କର । ଦିନକୁ ଦିନ କଟକ ଭଳି ସହରରେ ଅନେକ ଲୋକ ଆର୍ଦ୍ରଭୂମିକୁ ପୋତି ସେହି ସ୍ଥାନରେ କୋଠାବାଡ଼ି କରିବାରେ ଲାଗିଛନ୍ତି । ଏହାଫଳରେ ଜଳସ୍ତର ହ୍ରାସ ଘଟିବା ସହ ବୃକ୍ଷ ରୋପଣ ନେଇ ସୁଯୋଗ ଜମି କମି ଯାଉଛି । ସହରରେ ଯେଉଁମାନେ କିଚେନ ଗାର୍ଡ଼େନ କରୁଛନ୍ତି ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଅନେକ ସମୟରେ ସିଏମସି ପକ୍ଷରୁ ମାଗଣାରେ ଚାରା ବି ଦିଆଯାଉଛି । କିନ୍ତୁ ସଚେତନତାର ଅଭାବ ଘଟୁଥିବାରୁ ଲୋକମାନେ ଏ ଦିଗରେ ବିଶେଷ ଧ୍ୟାନ ଦେଉନଥିବା ଜଣାପଡ଼ିଛି । ହେଲେ ପରିବେଶବିତମାନଙ୍କ କହିବା ଅନୁସାରେ ପ୍ରଶାସନର ସାହାଯ୍ୟ ନେଇ ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ ସହରୀ ଲୋକେ ଏ ଦିଗରେ ବିଶେଷ ଧ୍ୟାନ ଦେବା ଜରୁରୀ । ପାଣିପାଗ ପରିବର୍ତ୍ତନ ଘଟୁଥିବାରୁ ଏବେଠାରୁ ଲୋକେ ଏ ଦିଗରେ ସଚେତନ ନହେଲେ ତାପମାତ୍ରା ବୃଦ୍ଧି ସଙ୍କଟକୁ ଏଡ଼ାଇ ହେବନାହିଁ । ଏହାଛଡ଼ା କଟକର ରିଂ ବନ୍ଧ ରାସ୍ତାର ସମ୍ପ୍ରସାରଣ କରାଯାଉଛି । ବେଲଭ୍ୟୁ ଠାରୁ ମର୍କତନଗର, ମଧୁସୂଦନ ସେତୁଠାରୁ ଯୋବ୍ରା, ସିଏନବିଟି ଠାରୁ ମଧୁପାଟଣା ରିଂ ବନ୍ଧ ରାସ୍ତାର ସମ୍ପ୍ରସାରଣ ଚାଲିଛି । ପୂର୍ତ୍ତ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ୟାପକ ଭାବେ ଗଛକଟା ଯାଇ ରାସ୍ତା ସମ୍ପ୍ରସାରିତ କରାଯାଉଛି । ଆଜିଯାଏ ପ୍ରାୟ ଦୁଇ ଶହ / ତିନି ଶହ ଗଛ କଟା ସରିଥିବା ସୂଚନା ମିଳିଛି । ଟାଇଁ ଟାଇଁ ଖରାରେ ସିଝି ସିଝି ପଥଚାରୀ ବା ବାଟୋଇ ଆଶ୍ରା ନେବା ପାଇଁ ଗଛଟିଏ ପାଉନି । ତତଲା ହାଓ୍ୱା ସହ ଶୁଷ୍କ ବାଲି ଉପରେ ବୋହୁଥିବା ଝାଇଁ ପବନରେ ଆକ୍ରାମାକ୍ରା ହୋଇପଡୁଛି ବାଟୋଇ । ତେବେପ ସହରରେ ବ୍ୟାପକ ଗଛକଟା ଯୋଗୁଁ ଦିନକୁ ଦିନ ତାପମାତ୍ରା ନିୟନ୍ତ୍ରଣ ବାହାରେ ଚାଲିଯାଉଥିବା ପରିବେଶବିତ ମାନେ ପୂର୍ବାଭାଷ ଦେଇଛନ୍ତି । ଏପରି କ୍ଷେତ୍ରରେ ବୁଦ୍ଧିଜୀବୀ ତଥା ପରିବେଶବିତମାନେ ବ୍ୟାପକ ଭାବେ ଅର୍ବାନ ଫାର୍ମିଙ୍ଗ ଉପରେ ଗୁରୁତ୍ୱାରୋପ କରିଛନ୍ତି । ତେଣୁ ଅର୍ବାନ ଫାର୍ମିଙ୍ଗକୁ ସହରୀ ଲୋକେ ଗୁରୁତ୍ୱ ଦେଇ ଅତିକମରେ ନିଜ ଛାତ ଉପରେ କିମ୍ବା ରେସିଡେନ୍ସିଆଲ କମ୍ପ୍ଲେକ୍ସରେ ଅଧିକରୁ ଅଧିକ ଗଛ ଲଗାଇବା ଉପରେ ବିଶେଷ ଗୁରୁତ୍ୱ ଦେବା ଉଚିତ । ଏ ଦିଗରେ ଜଙ୍ଗଲ ବିଭାଗ ସିଏମସି କିମ୍ବା ଜିଲ୍ଲା ପ୍ରଶାସନ ସମୟ ସମୟରେ ମାଗଣା ଚାରା ଦେଇ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା ସହ ଏପରି କରିବାକୁ ପ୍ରୋତ୍ସାହିତ କରିବା ଦରକାର । ବୃକ୍ଷ ହିଁ ଜୀବନ ଏ ନେଇ ସାଧାରଣ ଲୋକେ ସଚେତନ ହେଲେ ପରିବେଶ ବିଗିଡ଼ିବା ପୂର୍ବରୁ କିଛିଟା ରକ୍ଷା ହୋଇପାରନ୍ତା । କଟକରେ ଗଛ ଲଗାଇବାକୁ ମାଟି ନାହିଁ । ଯୁଆଡ଼େ ଦେଖିବେ ସିଆଡ଼େ କଂକ୍ରିଟ ଆସ୍ତରଣ । କୋଠାବାଡ଼ି ସହ ରିଂ ବନ୍ଧ ରାସ୍ତାର ସମ୍ପ୍ରସାରଣ ପାଇଁ ବ୍ୟାପକ ଭାବେ ଗଛକଟା ଚାଲିଛି । ତେବେ ବଦଳୁଥିବା ଜଳବାୟୁ ଓ ପାଣିପାଗର ପରିବର୍ତ୍ତନ ପାଇଁ ସହରରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଛି । ଦିନ ବେଳା ଲୋକେ ବିଶ୍ରାମ ନେବାକୁ ଗଛଟିଏ ପାଉନାହାନ୍ତି । ଏପରିକି ପଶୁପକ୍ଷୀମାନେ ଛାଇ ତଳେ ଛିଡ଼ା ହେବାକୁ ବି ସୁଯୋଗ ପାଉନାହାନ୍ତି । ଏପରି ଏକ୍ଷେତ୍ରରେ ସହରରେ ଅର୍ବାନ ଫାର୍ମିଙ୍ଗର ଆବଶ୍ୟକତା ରହିଛି । ସାଧାରଣ ନାଗରିକମାନେ ନିଜ ନିଜ ଛାତ ଉପରେ ବ୍ୟାପକ ଭାବେ ଗଛ ଲଗାଇବା ଦରକାର । ବ୍ୟାପକ ବୃକ୍ଷରୋପଣ ସହ ପୁରାତନ ବୃକ୍ଷରାଜିର ସୁରକ୍ଷା ମଧ ଆମ ଦାୟିତ୍ୱ ।


ପୂର୍ବତନ ଡିଏଫ୍ଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩


## ପପକର୍ଣ୍ଣ ବ୍ରେନ

### ଡାକ୍ତର ସମ୍ରାଟ କର

ମୋ କ୍ଲିନିକର ତଳ ମହଲାରେ ସହାୟକ ଭାବେ ସୁଜିତ କାର୍ଯ୍ୟ କରେ । ତେବେ ସେ ସେଦିନ ତାର ଜଣେ ବନ୍ଧୁଙ୍କ ବିଷୟରେ ଭାରି ବ୍ୟସ୍ତ ହୋଇ ମୋ ପାଖରେ ଉଦାସ କଣ୍ଠରେ କିଛି କଥା ରଖିଲା । ତାର କଥାନୁଯାୟୀ ତା ବନ୍ଧୁ ଦେବରାଜ ଜଣେ ଉଦ୍ୟୋଗୀ ଭାବେ ବେଶ ପ୍ରତିଷ୍ଠିତ କିନ୍ତୁ ବିଚିତ୍ର କଥା ହେଉଛି ସେ ଏପରିକି ତା କର୍ମକ୍ଷେତ୍ରରେ ସିଟରେ ବସିଥିବା ସମୟରେ ଟିଭି ଦେଖିବା ସମୟରେ ଲଗାତାର ଚ୍ୟାନେଲ ବଦଳାଇ ଚାଲୁଛି । ତାର ଏକାଗ୍ରତା ଆଦୌ ରହୁନାହିଁ ଏବଂ ସେ ଏକ ଅସ୍ଥିର ଭାବରେ କେଉଁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଭିତରେ ନିଜକୁ ବ୍ୟସ୍ତ ନ ରଖି ଲଗାତାର ଏହିପରି ଅସ୍ୱସ୍ତିକର ଆଚରଣ ପ୍ରଦର୍ଶନ କରୁଛି । କେବଳ ସେତିକି ନୁହେଁ ମୋବାଇଲ ଦେଖିବା ସମୟରେ ମଧ ଗୋଟିଏ ପେଜରେ ଧ୍ୟାନ କେନ୍ଦ୍ରିତ କରିପାରୁନାହିଁ । ସେ ମୋ ଠାରୁ ପରାମର୍ଶ ବୁଝିବା ପାଇଁ କହିଲା ଯେ ସାର ସେ ପାଗଳ ହୋଇଯାଇ ନାହିଁତ ? ମୁଁ ତା’କଥା ଶୁଣି ହସିଲି ଏବଂ ତାକୁ ବୁଝାଇ କହିଲି ଯଦି ତୁମ ମସ୍ତିଷ୍କ ପିଲାଙ୍କ ପରି ବାରମ୍ବାର ଅନ୍ୟ ଜିନିଷ ଆଡ଼କୁ ଚାଲିଯାଉଥାଏ ଏବଂ ଆପଣ କୌଣସି ଗୋଟିଏ ଜିନିଷ ଉପରେ ଧ୍ୟାନ କେନ୍ଦ୍ରିତ ହୋଇପାରୁନଥାଏ ତେବେ ତୁମେ ପପକର୍ଣ୍ଣ ବ୍ରେନରେ ପୀଡ଼ିତ । ଏବେ ସାରା ବିଶ୍ୱରେ ପପକର୍ଣ୍ଣ ବ୍ରେନ ସସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ପପକର୍ଣ୍ଣ ବ୍ରେନ ଏକ ପ୍ରକାର ସିଣ୍ଡ୍ରୋମ । ଯେଉଁଥିରେ ମସ୍ତିଷ୍କ ପ୍ରତି ସେକେଣ୍ଡରେ ପରିବର୍ତ୍ତନ ହୋଇଥାଏ । ଗୋଟିଏ ଜିନିଷରେ ଧ୍ୟାନ ରହେ ନାହିଁ । ଡେଇଁ ଡେଇଁ ଗୋଟିଏରୁ ଆଉ ଗୋଟିଏ ଜିନିଷକୁ ଦେଖିବାକୁ ଚାଲିଯାଇଥାଏ ଠିକ ପପକର୍ଣ୍ଣ ଫୁଟିବା ପରି । ସେଥିପାଇଁ ଏହାକୁ କୁହାଯାଉଛି ପପକର୍ଣ୍ଣ ବ୍ରେନ । କୌଣସି କଥାବର୍ତ୍ତା ଏବଂ ଜିନିଷ ତାଙ୍କର ଉତ୍ସୁକତାକୁ ଶାନ୍ତ କରିପାରିନଥାଏ ଏବଂ ସେ କିଛି ନୂଆ ଦେଖିବା ଓ ଜାଣିବା ପାଇଁ ମନରେ ଚଞ୍ଚଳତା ଭରି ରଖିଥାନ୍ତି । ଏପରି ପରିସ୍ଥିତିରେ, ମନରେ ଧୈର୍ଯ୍ୟର ଅଭାବ ରହିଥାଏ ଏବଂ ମନ ଗୁରୁତ୍ୱପୂର୍ଣ୍ଣ ଜିନିଷ ଉପରେ ଧ୍ୟାନ କେନ୍ଦ୍ରିତ କରିପାରେ ନାହିଁ ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଯେତେବେଳେ ଜଣେ ବ୍ୟକ୍ତିର ଧ୍ୟାନ ବ୍ୟବଧାନ କମିଯାଏ ସେତେବେଳେ ସେ ପପକର୍ଣ୍ଣ ବ୍ରେନ ସିଣ୍ଡ୍ରୋମର ଶିକାର ହୋଇଥାନ୍ତି । ୨୦୦୪ ପର୍ଯ୍ୟନ୍ତ ଟିଭି ସ୍କ୍ରିନରେ କୌଣସି ଜିନିଷ ଦେଖିବା ଏବଂ ଚ୍ୟାନେଲ ବଦଳାଇବା ପାଇଁ ଲୋକମାନେ ଦେଢ଼ ମିନିଟ ଖର୍ଚ୍ଚ କରୁଥିଲେ । ୨୦୧୨ରେ ଏହି ବ୍ୟବଧାନ ଏକ ଚତୁର୍ଥାଂଶ ମିନିଟକୁ ହ୍ରାସ ପାଇଥିଲା । ବର୍ତ୍ତମାନ ଲୋକମାନେ ମୋବାଇଲ କିମ୍ବା ଟିଭି ପରଦାରେ ମାତ୍ର ୪୭ ସେକେଣ୍ଡ ରହିବାକୁ ସକ୍ଷମ ହେଉଛନ୍ତି । ଏହାର ଅର୍ଥ ହେଉଛି ୪୭ ସେକେଣ୍ଡ ପରେ ସେମାନଙ୍କ ମନ ଅନ୍ୟ କିଛି ଆଡ଼କୁ ଚାଲିଯାଉଛି । ଏହାର ଅର୍ଥ ହେଉଛି ସେମାନଙ୍କ ଧ୍ୟାନ ଏବଂ ଧୈର୍ଯ୍ୟ ହ୍ରାସ ପାଉଛି । ପପକର୍ଣ୍ଣ ବ୍ରେନ କାରଣରୁ ଲୋକମାନଙ୍କ ଶିଖିବା, ମନେ ରଖିବା ଏବଂ ଅନୁଭବ କରିବା ପ୍ରବୃତ୍ତି ଗଭୀର ଭାବେ ପ୍ରଭାବିତ ହେଉଛି । ବିଶେଷଜ୍ଞମାନଙ୍କ ମତରେ ମାନସିକ କାର୍ଯ୍ୟକଳାପ ଯେମିତି ଖବରକାଗଜ ପଢ଼ିବା, ଲୋକଙ୍କ ସହିତ ମିଳାମିଶା, ମେଡ଼ିଟେସନ ଭଳି ଅଭ୍ୟାସ ଦ୍ୱାରା ପପକର୍ଣ୍ଣ ବ୍ରେନକୁ ନିୟନ୍ତ୍ରଣ କରାଯାଇପାରିବ । ଏହି ପପକନ ବ୍ରେନ ସିଣ୍ଡ୍ରୋମ ସେପରି ଏକ ବଡ଼ ମାନସିକ ରୋଗ ନୁହେଁ କିମ୍ବା ସମସ୍ୟା ମଧ ନୁହେଁ । କେବଳ ଜଣେ ଏହାକୁ ଚାହିଁଲେ ନିଜକୁ ନିୟନ୍ତ୍ରିତ ମଧ କରିପାରିବ ନାହିଁ । ଏ କ୍ଷେତ୍ରରେ ଅସ୍ଥିର ଚିତ୍ତ ଓ ବିବ୍ରତ ଆଚାରଣ ହିଁ ବଡ଼ ସମସ୍ୟା । ତେଣୁ ପୀଡ଼ିତ ଜଣଙ୍କ କେଉଁ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଛନ୍ତି ଏହାକୁ ଦୃଷ୍ଟିରେ ରଖି ତାଙ୍କ ପାଖଲୋକ ଏକ ଭଲ ରୁଟିନ ଅନ୍ତତଃ କିଛି ଦିନ ପାଇଁ ତିଆରି କରି ଦେଖନ୍ତୁ । ଏପରି ପୀଡ଼ିତ ଲୋକମାନଙ୍କୁ ବୁଝାଇବା ଭିତରେ କୌଣସି ଯୁକ୍ତିତର୍କ ମଧ କରନ୍ତୁ ନାହିଁ । କାରଣ ଏହାଦ୍ୱାରା ସେମାନେ ଉତ୍ତେଜିତ ହୋଇ ବିରକ୍ତି ହୋଇପଡ଼ିବେ ଯାହାଦ୍ୱାରା ସେମାନଙ୍କ ଏହି ସିଣ୍ଡ୍ରୋମର ଉଗ୍ରତା ବଢ଼ିଯିବାର ସମ୍ଭାବନା ଥାଏ । ତେବେ ସମସ୍ୟା ବା କୌଣସି ଜଟିଳ ପରିସ୍ଥିତି ଅନୁଭବ କଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।


ମାନସିକ ରୋଗ ବିଶେଷଜ୍ଞ,
ଦି’ବ୍ରେନ, ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩


## କବିତା କୋଣାର୍କ



### ତୁମର ସେ ଗୋରା ମୁହଁ

#### ସିଦ୍ଧେଶ୍ୱର ତ୍ରିପାଠୀ

କାହିଁ କେତେଦିନୁ ଦେଖିନି ପ୍ରିୟାଗୋ
ତୁମର ସେ ଗୋରା ମୁହଁ
ଏବେ ଏବେ ଅବା କେମିତି ଦିଶୁଛ
ପାଇ ନୂଆ ପରିଚୟ ।

ଆଖିରେ ଆଖିଏ ସପନ ଫୁଲକୁ
ତୋଳୁ ଥିବ ତୁମ ସାଥି
ବିର୍ନ୍ଦିତୁଥିବ ନୂଆ ଠିକଣାରେ
ନୂଆ ବିଛଣାରେ ରାତି ।

ଆଉକା ପୀରତି ଚଗଲା ଓଠରେ
ତୁମେ ଯୋଡୁଥିବ ମୋହ
କାହିଁ କେତେଦିନୁ ଦେଖିନି ପ୍ରିୟାଗୋ
ତୁମର ସେ ଗୋରା ମୁହଁ ।

କେଉଁ ମୁଲକରେ ରହିଗଲ ତୁମେ
ମୋତେ କରିଦେଇ ଏକା
ଜାଣିଛି କେବେବି ଆଉ ତୁମ ସାଥେ
ହୋଇପାରିବନି ଦେଖା ।

ଆଜିବି କାହିଁକି ତୁମ କଥା ଭାବି
ମୋ ଦୁଇ ଆଖିରେ ଲୁହ
କାହିଁ କେତେଦିନୁ ଦେଖିନି ପ୍ରିୟାଗୋ
ତୁମରସେ ଗୋରା ମୁହଁ ।

+କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା

### ଭାଗ୍ୟବାଦ - କର୍ମବାଦ

#### ନିରଞ୍ଜନ ସାହୁ

ଭାଗ୍ୟ ଖେଳୁଥାଏ ଚକାଭଉଁରୀ ଯେ
ମଣିଷ ଭାଗ୍ୟର ଦାସ
ଲୋକେ କହିଥାନ୍ତି କର୍ମ କରିଚାଲ
ଫିଟିବ ଭାଗ୍ୟର ଫାଶ ।

କେତେକ କ୍ଷେତ୍ରରେ କର୍ମଟା ଅବଶ୍ୟ
କିଛି ଭାଗ୍ୟ ବଦଳାଏ
ତଥାପି ଭାଗ୍ୟଟା ବଦଳି ପାରେନା
କର୍ମ ମ୍ଳାନ ହୋଇଯାଏ
ସବୁ କ୍ଷେତ୍ରେ କର୍ମ ବଦଳାଏ କିବା
ଭାଗ୍ୟ କରିଥିଲେ ଗ୍ରାସ ?

ଭାଗ୍ୟ ତ ଅଟଇ କପାଳ ଲିଖନ
ବିଧାତା ନିର୍ଦ୍ଦେଶ ତାହା
କର୍ମ ତ ଅଟଇ ମଣିଷ ଅଧୀନ
ମଣିଷ କରିବ ଯାହା
ବିଧାତାର ଇଛା ନିଶ୍ଚେ ପୂର୍ଣ୍ଣ ହେବ
ଛାଇ ପରି ଥାଏ ପାଶ ।

କର୍ମ କରି ଯେଉଁ ଫଳପ୍ରାପ୍ତି ହୁଏ
ତାହା ବି ଭାଗ୍ୟରେ ଲେଖା
ଦଇବ ଟାଣଇ ଦଉଡିକୁ ଧରି
ଯୁଆଡେ ଭାଗ୍ୟର ରେଖା
ଭାଗ୍ୟରେ ଯେଉଁଟା ଲେଖା
ହୋଇନାହିଁ
ସେ କର୍ମ ଅଯଥା ଚାଷ ।

ଭାଗ୍ୟବାଦୀ କହି ଲୋକେ ହସିଥାନ୍ତି
କର୍ମବାଦୀ ସାଜ କହି
ଭାଗ୍ୟରେ ନଥିଲେ କର୍ମ ବି ଜୁଟେନା
ବୁଝ ହେ ଘଡିଏ ରହି
ଭାଗ୍ୟେ ଥିଲେ ଫଳ ଅଚାନକ ମିଳେ
କର୍ମ କଲେ ମାସମାସ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :--- ୯୯୩୮୭୪୧୫୮୩

### ମଉସୁମୀ ଆସୁଚି

#### ଜୟକୃଷ୍ଣ ସାହୁ



ମଉସୁମୀ ଆସୁଚିରେ
ମଉସୁମୀ ଆସୁଚି
ଆକାଶରେ କଳା କଳା
ମେଘ ଖଣ୍ଡ ଭାସୁଚି ।

ମଉସୁମୀ ପହଞ୍ଚିଲେ
ଆମ ସୁଖ ଫେରିବ
ଖରା ତାତି ଗୁଳୁଗୁଳି
ଆମର କି କରିବ ?

ପ୍ରତି ବର୍ଷ ଆସେ ସିଏ
ଏ ବର୍ଷ ବି ଆସୁଚି
ତା’ ଆସିବା କଥା ଶୁଣି
ମନ ମୋର ନାଚୁଚି ।

ନାଆଁ ତା’ର ମଉସୁମୀ
ସିଏ ଭାରି ଫୁଲେଇ
ତା’ର ଇଚ୍ଛା ହେଲେ
ଗତିପଥ ଦେବ ବୁଲେଇ ।
ଚୁଲୁବୁଲି ଝିଅଟିଏ ପରି
ସିଏ ଲାଗୁଚି
ସେଥିପାଇଁ ନାଆଁ ତା’ର
ମଉସୁମୀ ଭାବୁଚି ।

ସେ ଆସିଲେ ସଜେଇବ
ଭିଜେଇବ ଧରାକୁ
ତାତି କଷଣରୁ ତାରି
ପାନେ ଦେବ ଖରାକୁ ।

ଅପଲକ ନୟନରେ
ତା’ ବାଟକୁ ଚାହିଁଚୁ
ବରଷା ପାଇଁକି ଆମେ
ବସି ଗୀତ ଗାଉଚୁ ।

♥କପିଳ ପ୍ରସାଦ,
ଭୁବନେଶ୍ୱର -୨
ମୋ-୯୯୩୭୦୯୨୩୯୭

## ସ୍ମୃତିର ଆଲବମ

### ପ୍ର.ଗିରିଜା ଶଂକର ଶର୍ମା



ତୁମେ ଚାଲିଗଲା ପରେ
ଜଳିବା ଆରମ୍ଭ କଲି ଅଦୃଶ୍ୟ ନିଆଁରେ
ଶିଖା ନାହିଁ, ଧୂଆଁ ନାହିଁ, ପାଉଁଶ ବି ନାହିଁ
ତଥାପି ଅସହ୍ୟ ଉତ୍ତାପ
ମୋତେ ଜାଳି ପୋଡ଼ିଦିଏ

ଗଛ ପାଖକୁ ଗଲି
କାଳେ ଶାଗୁଆ ପତ୍ରମାନେ
ମୋତେ ଶୀତଳତା ଦେବେ,
କାଳେ ପକ୍ଷୀଙ୍କ କାକଳୀରେ
ମୁଁ ଆହ୍ଲାଦିବି ନିଜକୁ
କିନ୍ତୁ କିଛି ହେଲାନି

ଶୃଙ୍ଖଳା ପତ୍ରମାନେ ମୋତେ
ଚାହୁଁ ଥିଲେ ନିରୁପାୟ ଆଖିରେ

ମୁଁ ଯେବେ ବି ଜଳେ
କିଏ ନା କିଏ ସାଉଁଳେଇ ଦିଅନ୍ତି
ମୋ ସତ୍ତାକୁ ତାଂକ କୋମଳ ପାପୁଲିରେ ।
ସୂର୍ଯ୍ୟ ପରି ଉତ୍ତପ୍ତ ହେବା ଆଗରୁ
ଜହ୍ନର ଜ୍ୟୋତ୍ସ୍ନା ବୋଲିଦିଏ

ମୋ ଦେହରେ ଶୀତଳତା
ମୁଁ ଶୀତଳ ହୁଏ
ଯାହା ସବୁ ଘଟିଥାଏ
ସେ ସବୁ ଚିତ୍ର ହୋଇ ଲଟକି ଯାନ୍ତି
ସ୍ମୃତିର ଆଲବମ ଭିତରେ ।

ବେଳେବେଳେ ଇଚ୍ଛା ହୁଏ ଫେରିବାକୁ
ସ୍ମୃତିର ଅଳିନ୍ଦରେ ଉଙ୍କି ମାରିବାକୁ
ବର୍ତ୍ତମାନର ରଂଗ ଯାହା ହେଉପଛେ
ସ୍ମୃତିର ଇନ୍ଦ୍ରଧନୁ ବେଶି ରଂଗୀନ
ବେଶୀ ଗାଢ଼ ଓ ବେଶି ଆପଣାର ।

♥ ଧନକଉଡ଼ା
ସଂବଲପୁର-୭୬୮୦୦୬
ମୋ: ୮୯୧୭୪୯୪୦୯୫

## ଋଣମୁକ୍ତ

### ଶରତ କୁମାର ଦାସ



ଗଲା କେତେଦିନ ହେଲା
ମୋ କବିତା ବନ୍ଧା ପଡିଛି
ଚାରୁଲତା ଘରେ

ଚାରୁଲତା ପରୱାନା ଦେଇଛି
ତା ହକ ତାକୁ ଫେରେଇ ଦବାକୁ

ବଡ଼ ଅଭିମାନୀ ଗରିବୀଣୀ ଝିଅଟିଏ
ମୋ କବିତାର ନୀଳଶାଢ଼ି
ପିନ୍ଧିଥିଲା ଦିନେ
କହିଥିଲା ସାଇତି ରଖିଥିବି
ସବୁ ମେଘରାତି
କାନିରେ ଗଣ୍ଠିବାନ୍ଧି ବଞ୍ଚିଥିବା ଯାଏ
ସେଇ ଚାରୁଲତା
ହାତ ପରେ ହାତ ଥାପି

ବାନ୍ଧୁଥିଲା ଆକାଶକୁ ଶିଡି
ଓ ଗଣି ଗଣି ସମୁଦ୍ରର ନୀଳଢେଉ
ଅଖି ଲୁହ ପୋଛୁଥିଲା
ବେଳାଭୂଇଁ ଆଉ
ଜମା ଛୁଇଁବନି ବୋଲି

ଆଜି ହୁଏତ ମୋ କବିତାରେ
ଉଇ ଚରି ହୁଙ୍କା ଗଢି ସାରିବେଣି
ଓ ଟୁକୁରା ମୁକୁରା କାଗଜର
ଦୋକ୍ତାମଖା ପଂକ୍ତି ସବୁ
ଚେକି ସାପ ପରି ଘାଲେଇ ପଡ଼ିଥିବେ
ତା ଭଙ୍ଗା ଟ୍ରଙ୍କରେ
ଛୁଇଁଲେ ଫଁ ଫଁ ହେବେ
ଭୀତତ୍ରସ୍ତା ପକ୍ଷୀଣୀଟେ
ମନ ମାରି ବସିଥିବ
ଅଶିଣର ଜହ୍ନ ଯାହା
ଗଛତଳେ ପୁଚି ଖେଳୁଥିବ

ଭଲ ହେଲା !
ମୋ କବିତା ଥାଉ ପଛେ ତା ପାଖେ
ତା'ହକ ତାକୁ ଫେରେଇ ମୁଁ ଦେବି
ମୋ ଶାଗ ମୁଗ ସଂସାରର
ସବୁ ସୁଖ ଦେଇ
ଅନ୍ତତଃ ତା'
ଅଖି ଲୁହ କରଜ ସୁଝିବି ।

♥ ବାଲିଆପାଳ
ବଇଁଶୀରିଆ,ଯାଜପୁର
ମୋ:୯୪୩୭୪୨୩୯୮୫

## କାନ ଫୁଲ

### ପ୍ରଦ୍ୟୁମ୍ନ ପଟ୍ଟନାୟକ



ଆନମନା ହୋଇ ବାଳା
ଖୋଜେ ଏଣେ ତେଣେ
ହଜିଗଲା କାନଫୁଲ
କାଶତଣ୍ଡୀ ବଣେ ।

ସ୍ନାନ ସାରି ଫେରୁଥିଲା
ନବୀନା କିଶୋରୀ
କିଏ କାହୁଁ ଆସି କଲା
ଧନ ତାର ଚୋରି ।

ସାକ୍ଷୀ ଅଛି କାଶତଣ୍ଡୀ
ସାକ୍ଷୀ ନଦୀ ଘାଟ
ଅଚିହ୍ନା କେ ଆସିନାହିଁ
ଛେକି ନାହିଁ ବାଟ ।

ଜାଣି ଜାଣି ଦେଇନି ତ
କାହାକୁ ସେ ମନ
କେମିତି କେ ଚୋରାଇଲା
ତା ସାଇତା ଧନ ।

ହସି କହେ କାଶ ଫୁଲ
ଏଡେ ନିରିମାଖି
ଫେରି ଚାହିଁ ଦେଲୁ ଯେବେ
ଦେଲା କିଏ ଡାକି ।

ସରମରେ ମଥା ନଇଁ
କଲୁ ନାହିଁ ନାହିଁ
ଅଜାଣତେ କାନଫୁଲ
ହଜି ଗଲା ତହିଁ ।

♥ ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

## କେବଳ ନାରୀଟିଏ

### ଅଳକା ରାୟ



କେଉଁଠି ନା କେଉଁଠି
ନାରୀଟି ଜଳାଞ୍ଜଳି ଦେଉଥିବ
ତା ଈପ୍ସିତ ସ୍ୱପ୍ନ ମାନଙ୍କୁ
ସିକୁଳି ପକାଇ ଦେଉଥିବ
ଇଚ୍ଛାମାନଙ୍କ ପାଦରେ
ଯାଚି ଦେଉଥିବ ଦେହ ଆଉ ମନକୁ
କର୍ତ୍ତବ୍ୟ କଷଣ ଦାୟରେ
ବିସର୍ଜି ଦେଉଥିବ ଅନ୍ତରର କୋହକୁ
ଲୁହର ନଈରେ ଜଡ କରି ନିଜକୁ।

କେଉଁଠି ନା କେଉଁଠି
ନାରୀଟି ପ୍ରେମର ମନ୍ଦିର
ତୋଳିବାକୁ ଯାଇ
ସମର୍ପି ଦେଉଥିବ ନିଜକୁ ଅପାତ୍ରରେ।

ଯୁଦ୍ଧ ଘରେ ହେଉ ଅବା ବାହାରେ
ଉଲଗ୍ନ ହଉଥିବ, ଅପମାନିତ, ଲାଞ୍ଛି, ଆଉ
ଆତ୍ମସମ୍ମାନକୁ ଜଳାଞ୍ଜଳି ଦେଉଥିବ
କେବଳ ନାରୀଟିଏ।

କେଉଁଠି ନା କେଉଁଠି
ନାରୀଟି ପରିଣତ ହେଉଥିବ
ଗଣିକାରେ, ଅମଲା ତନ୍ତ୍ରର
ଚକ୍ରବ୍ୟୁହରେ, ଅବା
ଭୋକିଲା ପେଟର ଜ୍ୱାଳାରେ
ନିର୍ଜାତୀତ ହେଉଥିବ ସଜ୍ଜନଙ୍କ ହସ୍ତରେ
ଧର୍ଷିତ ହେଉଥିବ ଜନ୍ମକଲା ପିତା
ଘରେ.....
ବାହାରେ.....
ରାବଣ ଓ ଦୁଃଶାସନ ନାମଧାରି
ପୁରୁଷଙ୍କ ମନନ ଚିନ୍ତନରେ।

କେଉଁଠି ନା କେଉଁଠି
ନାରିଟି ସାଲିସ କରେ
ସଂଖା, ସିନ୍ଦୁର ଓ ସମ୍ପର୍କମାନ ସହ
ଦାମ୍ପତ୍ୟ ଜୀବନର ଚହଲା ପାଣିକୁ
ସ୍ଥିର କରିବା ଆଶାରେ।

ଏ କଥା କେତେ ପ୍ରାଚୀନ
ଇତିହାସ, ପୁରାଣ
କିମ୍ବଦନ୍ତୀର ଲକ୍ଷ୍ୟ ଉଦାହରଣ
ଅବା ବର୍ତ୍ତମାନ
ତଥାପି ନାରୀଟି ହସୁଥାଏ ଟହଟହ
ବେଳେ ବେଳେ ପାଲଟିଯାଏ ଦୁର୍ଗା
ମାରିଦିଏ ଯେତେସବୁ ମହିଷାସୁର।

♥ ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧

## ପ୍ରଖର ଗ୍ରୀଷ୍ମ ଜ୍ୱାଳାରେ ଧରିତ୍ରୀ ଓ ବାଦଲ

### ପ୍ରଶ୍ନ କୁମାର ଶତପଥୀ



ଅବାରିତ ଭାବେ
ଅତିଶୟ ବ୍ୟାକୁଳେ
ଅସହ୍ୟରୂପେ ଗ୍ରୀଷ୍ମର ଜ୍ୱାଳା
ବୃଦ୍ଧି ପାଇଛି
ସୁନ୍ଦର ସବୁଜ ଧରିତ୍ରୀ ପୃଷ୍ଠରେ ।
ଧରିତ୍ରୀ ହୁତୁହୁତୁ ହୋଇ
ଜଳୁଛି ଅବାଇମଣ୍ଡଳ ଅଗ୍ନିଶିଖାରେ,
ଧରିତ୍ରୀମଣ୍ଡଳର କୃତିମ ଅଗ୍ନିଶିଖା ତାପରେ
ବାରିମଣ୍ଡଳର ଗରମ ବାଷ୍ପରେ ।
ବଢ଼ିଯାଇଛି ଗରମ ଓ ଗୁଳୁଗୁଳି
ଗ୍ରୀଷ୍ମ ସନ୍ତାପରେ,
ଜୀବସମୂହ ଛଟପଟ ହେଉଛନ୍ତି
ଦିନର ଉତ୍ତାପରେ,
ବାସହୀନ ବାଦଲ ଆକାଶେ ବୁଲିବୁଲି
ଛାଇ ଭରିବାକୁ ଚେଷ୍ଟା କରି
ପରାଜୟ ମନେକରେ ।
ଗଛର ପତ୍ର ସ୍ଥିରରେ,
ଚାତକ ପରି ଅନାଇ ରହନ୍ତି
ଶୂନ୍ୟପାଣି ଆଶାରେ ।
ତଥାପି ଖରା ପୀଡ଼ାରେ
ବାଦଲ ଖର ନିଶ୍ୱାସେ
ଧାଇଁଥାଏ ଗ୍ରୀଷ୍ମର ପ୍ରଖର ପ୍ରବାହରେ,
ଥରକୁଥର ଦୃଢୀଭୂତ ହେଉଥାଏ ଶୂନ୍ୟରେ,
ଖାସ୍ କ୍ଷରିବା ପାଇଁ ଜଗତରେ,
ଶାନ୍ତି ଟିକେ ଭରିଦେବାକୁ ସବୁଜ
ଜଗତରେ,
କିନ୍ତୁ ବାଦଲର ପ୍ରୟାସକୁ
ବୁଝିପାରନ୍ତିନି କେହି,
ସେ ଯେଉଁଠି ଜଳ ଦାନ କରିବାକୁ ଚାହେଁ,
ତା'ଚାହିଁବା ପରିଣତ ହୁଏ ନିରର୍ଥକରେ।
ଚାଲିଯାଏ ଭିନ୍ନ ଇଲାକାକୁ,
ଏଠି କିନ୍ତୁ ଝରି ନ ପାରି
ସବୁଦିନ ମୋ ମୁଣ୍ଡ ଉପର ଆକାଶେ,
ଆକାରବିହୀନ ଆକାଶେ
ବାଦଲ ସୃଷ୍ଟି ହୁଏ
ପ୍ରଖର ଗ୍ରୀଷ୍ମ ଜ୍ୱାଳାରେ ।

♥ ଦୁମାଡ଼ିହି, ଜାମଦା, ମୟୂରଭଞ୍ଜ
ମୋ-୮୯୧୭୬୨୪୯୫୮

## ଏହି ସଂସାର

### ଗଜାନନ ମିଶ୍ର



(ଏହି ସଂସାର ଶୋଇଥିବା ଲୋକଙ୍କୁ
ନେଇ ଭିଡ, ଆଉ ଶୋଇଥିବା ଲୋକେ
ଜାଗ୍ରତଥିବା ଲୋକଙ୍କୁ କରି ପାରନ୍ତିନି
ସହ୍ୟ' - ମହାତ୍ମା ଜ୍ୟୋତି ଫୁଲେ)

ସେଇଥିପାଇଁ କଣ୍ଟାରେ ଫୋଡନ୍ତି,
ବନ୍ଧୁକ ମାରନ୍ତି, ବୋମାରେ ଉଡାନ୍ତି,
ବିଷ ପିଆନ୍ତି, ଜେଲରେ ସଢାନ୍ତି।
ସବୁ ଅଟ୍ଟହାସ, ହା ହା ହି ହି ସଭିଙ୍କର
ସହିବାକୁ ପଡେ ଥରକୁ ଥର
ସେମାନଙ୍କୁ ଯୋଉମାନେ ଥାଆନ୍ତି ଚେଇଁ।

ସଂଖ୍ୟା ହାତଗଣତି ଏମାନଙ୍କର,
ଜାଗ୍ରତଥିବା ଲୋକଙ୍କର, ଯଦିଓ
ବାଜିର ଜିତାପଟ ଯାଙ୍କର ସବୁବେଳେ।

ଶୋଇଥିବା ଲୋକେ ବୁଝନ୍ତି ନି କିଛି,
ବୁଝି ବି ରହନ୍ତି ଅବୁଝା, ଥାଏ
ଯାଙ୍କ ଉପରେ ଅହଂର ପ୍ରଭାବ।
ଏକାଥରକେ ଏମାନେ ଅନ୍ଧାରରେ
ହୁଅନ୍ତି ଧରାଶାୟୀ, ଯାଙ୍କର ନ ଥାଏ
ଠିକ୍ ଠିକଣା ଚିହ୍ନବର୍ଣ କିଛି।

ଜାଗ୍ରତଥିବା ଲୋକେ ଥାଆନ୍ତି
ଜାଗ୍ରତ ସଦା, ଭଲମନ୍ଦ କରନ୍ତି ବିଚାର,
ଜଣାଥାଏ ଯାଙ୍କୁ ସବୁ ଆଲୁଅ ସ୍ରୋତ।

♥ ତପୋବନ,
ଟିଟିଲାଗଡ -୭୬୭୦୩୩

## କି ଗୀତ ଗାଉଛି ପାଗଳୀ ଝରଣା

### ହରିଶ୍ଚନ୍ଦ୍ର ବେହେରା



କି ଗୀତ ଗାଉଛି ପାଗଳୀ ଝରଣା ଆବେଗ ସାଉଁଳା ମୁହଁ
ଜଙ୍ଗଲ ଫାଙ୍କରେ ଖେଳୁଛି ପବନ ଖୋଲା ସବୁ ବାତାୟନ
କିଏ ସେ କଳିଛି ଜଙ୍ଗଲର ଦୁଃଖ ପୋଛିଚି କି ଆଖି ଲୁହ
ପକ୍ଷୀଙ୍କ କାକଳି ପବନ ରେ ଖେଳି ଉଲ୍ଲସିତ କରେ ପ୍ରାଣ ।

ଶିଆଳି ଲଟାରେ କାହା ପାଦ ଦିଶେ ହରିଣୀ ର କାନ ପରି
ମୃଗୟା ବିନୋଦେ କେଉଁ ଶବର ଏ ଆଖି ଦିଶେ ରଢ଼ ନିଆଁ
ଏରକା ଜଂଗଲେ ଲୁଚିଛି କୋକୁଆ କେମିତି ରୂପ ତାହାରି
କାହା ଅଭିଶାପେ ଛଦ୍ମ କରେଇରୁ ଜନ୍ମିଲା ଜୀବନ ଖିଆ ।

ଅଦୂରେ ଦିଶୁଛି ଆଦିବାସୀ ପଲ୍ଲୀ ବାଜୁଛି ଆଡ଼ ବଇଁଶୀ
ଧୁମସା ମାଦଳ ଛନ୍ଦରେ ଛନ୍ଦରେ ଚଇତି ପରବ୍ ଖୁସି
ସଞ୍ଜ ହେଉ ହେଉ ଧାଙ୍ଗିଡ଼ି ବସାରୁ ଟାହି ଟାପରା ର ଧୁମ୍
ଧାଁଗଡ଼ା ବସାରୁ ଡୁଙ୍ଗ ଡୁଙ୍ଗା ବାଜେ ଭାଙ୍ଗିଯାଏ ସବୁ ଘୁମ ।

ଉପରେ ଧରମୁ ତଳେ ଧର୍ତିନୀ ମଝିରେ ଦିଶାରୀ ଲୟ
ବେଜୁଣୀ ବୁଢ଼ୀର ମିଠା ଆଶ୍ୱାସନା କାହାକୁ ନ ଥାଏ ଭୟ ।

♥ କଲ୍ୟାଣ ନଗର, ବାଲେଶ୍ୱର --୧
ମୋ: ୯୪୩୭୮୧୩୭୦୮



## ହଜିଲା ଆବେଗ

### ଅରୁଣ କୁମାର ତ୍ରିପାଠୀ

ହେଇ ଦେଖ ଏଇ ବିସ୍ତୀର୍ଣ୍ଣ ପଥ
ଏଇ ତୁମ ଗାଁ ବାଟ
ଯେଉଁ ପଥରେ ତୁମକୁ
ଅପେକ୍ଷା କରି ଶୋଇପଡୁଥିଲି
ଆଜି ଆଡ଼ ଆଖିରେ ଚାହୁଁନି ସେ ପଥକୁ
ସେହି ମାଦକତା ନାହିଁ ଆଉ ସେ ବାଟର
ଆଖି ବୁଲିଗଲେ ହେଁ
ଚହଲେ ନାହିଁ ଆବେଗ
ଯହିଁ ନିତି ଧୂଳି ମାଟିକୁ କରି ନିଜର
ତୁମ ଗନ୍ତବ୍ୟ ସ୍ଥଳୀରେ ହେଉଥିଲି ହାଜିର
ଏଇ ଦେଖ ସେମାନେ ମୋତେ
ଆଜି ଦିଗହଜା କରେଇବାରେ ବିଫଳ
ଯାହାଙ୍କ ଦିନର ମୁଁ ପୋଷା ମାନୁଥିଲି
ଏବଂ ଥିଲି ତୁମ ପୋଷା ଶ୍ୱାନରୁ ବିଶ୍ୱସ୍ତ !
ତୁମର ଭାଗ୍ୟ ଜଘନ୍ୟ ହେଇ ନପାରେ
କିନ୍ତୁ ତୁମେ ତ ଆଜି ଅସହାୟ ଓ ନିଃଶ୍ୱ
ଯେଉଁଠି ଥିଲ ତୁମେ ପ୍ରତି ହୃଦୟର ସ୍ପନ୍ଦନ
ଆଜି ତମର ଛାଇ କେହି ଛୁଅନ୍ତିନି
ଲୋକଲଜ୍ଜା ଓ ବାସନ୍ଦ ଭୟରେ
ସେହି ବଗିଚାର ଆଜିତମେ କାଗଜ ଫୁଲ
ଯେଉଁଠିକୁ ଭଅଁର ବାଟ ଭୁଲିଗଲାଣି
ଆଉ ମଧୁମକ୍ଷିକାର ଛତାକୁ
ଲୋକେ ନିତି ଭାଙ୍ଗି ଦିଅନ୍ତି
ସମ୍ପତ୍ତି ଠୁଳ କରି ବସିଛ ହେଇ ମହାରାଣୀ
ହେଲେ ଆଜିବି ତୁମ ଯୌବନ
ଦାନ୍ତରେ କୁଟାଧରି ଭିକ ମାଗେ
ଉଷାକାଳେ ସୂର୍ଯ୍ୟୋଦୟର, ସୌରଭର
ହେଲେ ତୁମେ ଦେଇପାରନି ।

♥ ଜୟପୁର
(ମୋ) ୯୦୭୮୮୩୮୬୨୭

## ଆତ୍ମଘାତୀ

### ଆଶୁତୋଷ ମିଶ୍ର

ତୁମେ ଇସାରା ଦେଲ, ଧର୍ମଯୁଦ୍ଧ
ମୋ ଭଳି କୋଟିଏ ଡେଇଁ ପଡିଲେ ନିଆଁକୁ
ଆମେ ମରି ହଜି ଗଲୁ
ଆମ ଭିତରୁ କେଇଟା ହତଭାଗା ବୋମା
ପରି ଫୁଟିଫାଟି ଗଲେ,
ତାଙ୍କ ଅନ୍ତେ ତାଙ୍କ ବିଷ ଖେବାଳି ଖେବାଳି
ଧର୍ମ ବଣ୍ଟନରେ ପୂର୍ଣ୍ଣାହୁତି ଦେଲା

ତୁମେ ହସିଲ ଭିତରୁ,
ଆଉ କେଇଟା ଗୁଡୁବକ ମଲେ
ବାହାରେ କାନ୍ଦିଗଡ଼ି ପ୍ରତିଶୃତି ଦେଲ
ଏମାନଙ୍କ ମୃତ୍ୟୁ ଫାଙ୍କା ଯିବନାହିଁ
ତୁମ ଅମର ଆତ୍ମାର ସଦଗତି ନିମନ୍ତେ,
ଆହୁରି ଅଧିକ ମୃତ୍ୟୁ ବାଣ୍ଟି ଆମେ
ଦେଖେଇବୁ ଶ୍ରଦ୍ଧା

ମାଗି ଆଣି ଫୁଟାଇବୁ ବୋମା
ତମେ ଉପରୁ ଥାଇ ଶୁଙ୍ଘିବ ବାରୁଦର ଗନ୍ଧ

ଦେଖିଲ ତ ସେମାନେ ମରିକରି ଅମର
ହେଲେଣି,
ଚିଲ୍ଲାଇଲା ନେତା
ଆଉ କିଏ ଅମର ହେବ,
ଡେଇଁପଡ଼ ଯୁଦ୍ଧର ଭୂଇଁକୁ
ତୁମେ ମରିଗଲେ, ମୁଁ ଅମର କରେଇବି
ଶପଥ ନେଉଛି
ତମେ ଶଙ୍କା ରଖନାହିଁ
ରାଜନୀତିକୁ ମାର ଗୁଳି
ତୁମ ତ୍ରାଣକର୍ତ୍ତା ଏବେ ଖାଲି ତୁମରି ସେବାରେ

ଆହୁରି ପଲେଙ୍କ ପୁଣି ରକ୍ତ ଟକମକ କଲା
ତାଙ୍କ ମୁଣ୍ଡରେ ବି ଚଢ଼ିଗଲା ଅମର ଲାଳସା
ସେ ମାରିକି ଅମର ହେବେ ନୋହିଲେ ମରିକରି
ହେବେ

ଏଇତ ଦୁଇଟା ପନ୍ଥା ବଳକା ପଡିଛି
ତେବେ ଆଉ କାହିଁ ପଛଘୁଞ୍ଚା ଦେବା

ଆସ ଭାଇ ମାଡ଼ି ଆସ ଧରରେ ବନ୍ଧୁକ
ଘୋଡା ଟିପି ଦେଇ ଆମେ ସାଜିବା ଭକ୍ଷକ

ଗଗନ ପବନରେ ମିଶିଗଲା ରଡ଼ି
ଏକା ବାପର ପୁଅ ମାନେ ମିଳିମିଶି ଗଲେ
ତିଆରିଲେ ଆତ୍ମଘାତୀ ବୋମା
ସେମାନେ ଆଉ କିଛି ଶୁଣିଲେନି
ସତରେ କଣ ଜନ୍ମଭୂମି ଚାହେଁ ତମ ରକ୍ତର
ଆହୁତି
ସେଇଥିରେ ସେ ପୁଣ୍ୟଗର୍ଭା ହେବ
ତମ ମୁଣ୍ଡ ନେଇ ଭବିଷ୍ୟ ଉଜ୍ଜଳ କରିବ ?

♥ ଯାଜପୁର
ମୋ -୭୦୦୮୦୩୦୫୩୩

## ଦେବୀ

### ନିରଞ୍ଜନ ନାୟକ



ଘଟ ମଧ୍ୟେ ବିରାଜମାନ
ତୁମ ଆତ୍ମା
ବିଶ୍ୱାସରେ
ତୁମେ ଜୀବନ୍ତ
ଜଗତର ତୁମେ
ମମତାମୟୀ ମାଆ
ଜାଣେନା
ଥରକୁଥର ନେଇପାର କି ନା
ନିଶ୍ୱାସ ପ୍ରଶ୍ୱାସ
କିନ୍ତୁ ତୁମେ ମୋ ମନ ମନ୍ଦିରର
ଦେବୀ !
ତୁମେ ତ ସକଳ ବିଶ୍ୱାସ
ମାଟି ସୁବର୍ଣ୍ଣ ଅବା ପିତ୍ତଳ ଘଟ ସହ
ତୁମର ଆତଯାତ
ପ୍ରତିବର୍ଷ
ତୁମେ ମୋ ଭାବନାର ଦେବୀ !

ମୁଠା ମୁଠା ପାଳବିଡା ନେଇ
ମାଟିର ପ୍ରଲେପ ଦେଇ
ଶିଳ୍ପୀଟିଏ ତା ହାତର ନିଖୁଣ କଳାରେ
ତିଆରି ଦିଏ ତୁମ ପ୍ରତିମା
ଶେଷ ସ୍ପର୍ଶ ପରେ....
ଯେବେ ହୁଏ ମନ୍ତ୍ର ପାଠ ସହ ଚକ୍ଷୁଦାନ
ପ୍ରତିଟି ଜୀବନ ହୋଇଯାଏ ଶରଣାପନ୍ନ
ତୋ ଚରଣରେ
ଫି ବର୍ଷ ପରି ମାଆ !

♥ ଟିକିରି, ରାୟଗଡା
ମୋ: ୯୪୩୭୩୧୭୪୧୭

## କେହି ଜଣେ

### ମୋହନ ଚରଣ ବିଶି

ଖୋଜିଲି ତମକୁ ଗିରି କନ୍ଦରରେ ଖୋଜିଲି ମୁଁ ଘଞ୍ଚ କାନନ ।
ଖୋଜିଲି ତମକୁ ନଈ ପରବତେ ଅଥଳ ସାଗର ଗହନ ।
ଖୋଜିଲି ତମକୁ ମଠ ମନ୍ଦିରରେ ଭୋଗରାଗ କରି ଅର୍ପଣ ।
ଖୋଜିଲି ତମକୁ ପୋଥି ପୁରାଣରେ ଲଗାଇ ବାସ ଚନ୍ଦନ।

ଖୋଜିଲି ତମକୁ ରୂପ ଯଉବନେ ବିଳାସ ବ୍ୟସନ ଜୀବନ।
ଖୋଜିଲି ତମକୁ ବସନେ ବାସନେ ପ୍ରୀତି ମଧୁରର ବନ୍ଧନ।
ଖୋଜିଲି ତମକୁ ଖରା ବରଷାରେ କାକର ଶୀତଳ ଚନ୍ଦନ।
ଖୋଜିଲି ତମକୁ ଫଗୁଣ ରଂଗରେ ମଳୟରେ ମନ ଉଚ୍ଛନ୍ନ ।

ଖୋଜିଲି ତମକୁ ସଂଗୀତର ସୁରେ ଆନନ୍ଦ ରସରେ ନିମଗ୍ନ।
ଖୋଜିଲି ତମକୁ ରାଗ ଅନୁରାଗେ ସତ ମିଛ ଖେଳ ଦହନ ।

ଖୋଜିଲି ତମକୁ ପାଣି ପବନରେ କାଷ୍ଠ ତରୁଣରେ କାରୁଣ୍ୟ।
ଖୋଜିଲି ତମକୁ ଛଳଛଳ ନୟନେ ସପନରେ ରାତି ଦିନ ।

ଖୋଜିଲି ତମକୁ ଦିଗେ ଦଶଦିଗେ ମନ ହେଲା ମୋ ମଳିନ।
ଖୋଜିଲି ତମକୁ ଫୁଲ ମହକରେ ପାଣି ଫୋଟକାର ଜୀବନ।
ଖୋଜିଲି ତମକୁ ସାରା ଜଗତେ କେଉଁଠି ଅଛ ହୃଦୟ ଧନ ?

ଖୋଜିଲେ ଯେତେ ତ ହଜି ଯାଅ ସେତେ ଆମବସ୍ୟାର ତମେ ଜହ୍ନ।
ଜୀବନ ଅଛି କଷଟି ପଥରେ ଘସି ହେଉଅଛି ସବୁଦିନ ।
ବଞ୍ଚିବା ମରିବା ତମରି ହାତରେ ତମେତ ଆଶାର କିରଣ।
ଖୋଜୁଛି ତଥାପି ଖୋଜୁଥିବି ମୁହିଁ ଜୀବନରେ ଥିଲେ ସ୍ପନ୍ଦନ।

♥ ଗଡରାମାଲ, କୋକସରା, କଳାହାଣ୍ଡି
ମୋ-୯୭୭୭୪୬୮୮୪୧

# ସ୍ୱାଭିମାନ ଅଂଚଳବାସୀଙ୍କୁ ପରିଚୟ ଦେଇଛି ହଳଦୀ ଚାଷ

ମାଲକାନଗିରି, ୧୦/୬ (ନି.ପ୍ର): ଚିତ୍ରକୋଣ୍ଡା ବ୍ଲକ ପୂର୍ବରୁ ଥିବା ବିଛିନ୍ନାଚଂଳ ତଥା ବର୍ତମାନର ସ୍ୱାଭିମାନ ଅଂଚଳରେ ମୁଖ୍ୟତଃ ଜନସାଧାରଣଙ୍କ ଜୀବନ ଧାରଣର ପ୍ରମୁଖ ସାଜିଥିଲା ଗଞ୍ଜେଇ। ଏହି ଚାଷକୁ ଗୁରୁତ୍ୱ ଦେଇ ଚାଷ କରାଯାଉଥିଲା। ଏହି ଅଂଚଳରେ ପ୍ରାୟ ସମସ୍ତେ ଗଞ୍ଜେଇ ଚାଷ କରନ୍ତି ଓ ଏହା ମାଧ୍ୟମରେ ନିଜର ଜୀବିକା ନିର୍ବାହ କରୁଥିଲେ। କିନ୍ତୁ, ସ୍ଥିତି ବଦଳିବା ସହ ସମୟ ସୁଅରେ ସ୍ୱାଭିମାନ ଅଂଚଳରେ ସବୁଜ ଚାଷ ବଦଳରେ ପନିପରିବା ଠାରୁ ଆରମ୍ଭ କରି ଅର୍ଥକରୀ କଦଳୀ, ହଳଦୀ ଭଳି ଅନେକ ଚାଷକୁ ଗୁରୁତ୍ୱ ଦେଇଛନ୍ତି ଲୋକେ। ଏକଦା ମାଓ ଗଡ଼ ଓ ଜଳ ବନ୍ଦୀ ମଧ୍ୟରେ ଗଞ୍ଜେଇ ଚାଷର ଭଣ୍ଡାର ଏବଂ ଅପହଂଚ ଇଲାକାର ପରିଚୟ ପାଇ ରହି ଆସୁଥିବା ମାଲକାନଗିରି ଜିଲ୍ଲାର ବିଛିନ୍ନାଚଂଳରେ ରାଜ୍ୟ ସରକାର ନିଜର ଡ୍ରିମ ପ୍ରୋଜେକ୍ଟ ଗୁରୁପ୍ରିୟା ସେତୁକୁ ୨୦୧୮ ମସିହାରେ ସଫଳତାର ସହ ଶେଷ କରିବା ପରେ ସେହି ଅଂଚଳକୁ ସ୍ୱାଭିମାନ ଅଂଚଳ ନାମରେ ନାମକରଣ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାପରେ ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଂଚଳର ବିକାଶ ପାଇଁ ରାଜ୍ୟ ସରକାର ୧୦୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବା ସହ ବିଭିନ୍ନ ପଦକ୍ଷେପ ନେଇଥିବା ବେଳେ ବିକାଶ ଧାରାରେ ଯୋଡି ହେଉଥିବା ସ୍ୱାଭିମାନ ଅଂଚଳରେ ସମୟ କ୍ରମେ ଲୋକେ ଗଞ୍ଜେଇ ଚାଷ ଅପେକ୍ଷା ହଳଦୀ ଚାଷ ମୁହାଁ ହୋଇଥିଲେ। ଯାହା ଫଳରେ ଅଂଚଳର ଲୋକେ ସ୍ୱାଭିମାନର ସହ ବଂଚିବା ଶିଖିଥିଲେ। ସ୍ୱାଭିମାନ ଅଂଚଳର ବିକାଶ ପାଇଁ ସରକାର ସଦା ସର୍ବଦା ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ବିକାଶ ଧାରାରେ ଯୋଡି ହେଉଥିବା ସ୍ୱାଭିମାନ ଅଂଚଳରେ ବାର୍ଷିକ ୫୦ ଟନ୍ ରୁ ଉର୍ଦ୍ଧ୍ୱ ହଳଦୀ ଅମଳ ହେଉଥିବା ସୂଚନା ମିଳିଛି। ଏହି ହଳଦୀକୁ ବିଶ୍ୱ ସ୍ତରରେ ପହଁଚାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ତେବେ ହଳଦୀ ଚାଷ ପରେ ଅଂଚଳରେ ମହିଳା ଓ ପୁରୁଷମାନେ ବେଶ୍ ସ୍ୱାବଲମ୍ବୀ ହୋଇ ପଡୁଥିବା ବେଳେ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ପ୍ରଥମପର୍ଯ୍ୟାୟରେ ଛୋଟ ଛୋଟ ମିଲ୍ ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ପ୍ରାୟ ୫ଟି ବଡ ୟୁନିଟ୍ କରାଯାଇ କିଭଳି ଭାବେ ଚିତ୍ରକୋଣ୍ଡାର ହଳଦୀକୁ ବିଶ୍ୱ ବଜାରରେ ବିକ୍ରି କରାଯିବ ସେ ନେଇ କାର୍ଯ୍ୟ ଆରମ୍ଭ କରାଯାଇଛି। ସ୍ୱାଭିମାନ ଅଂଚଳର ଲୋକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରାୟ ୫ କୋଟି ଟଙ୍କାର ହଳଦୀ ପ୍ରକଳ୍ପ ହେବାକୁ ଥିବା ବେଳେ ୧୦ କୋଟି ଟଙ୍କା ବ୍ୟୟରେ କୃଷି ଭିତିକ ଶିଳ୍ପ ସ୍ଥାପନ କରାଯିବା ପାଇଁ ମଧ୍ୟ ସମସ୍ତ ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ହଳଦୀ ଚାଷ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ଆଗାମୀ ଦିନରେ ସ୍ୱତନ୍ତ୍ର ହାଇବ୍ରିଡ୍ ହଳଦୀ ମଞ୍ଜି ଦେବା ସହ ସମସ୍ତ ଚାଷୀଙ୍କୁ ସେତୁ ଯୋଜନାରେ ତାଲିମ୍ ଦିଆଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। କନ୍ଧମାଳ ଅପେକ୍ଷା ମାଲକାନଗିରି ଜିଲ୍ଲାର ଏହି ହଳଦୀ ଆହୁରି ଉନ୍ନତମାନର ହୋଇଥିବାରୁ ସ୍ୱତନ୍ତ୍ର ପ୍ୟାକିଙ୍ଗ ୟୁନିଟ୍ ସହ ଜଳସେଚନ ଓ ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ଯୋଗାଇ ଦେବା ଦିଗରେ ସରକାର ପଦକ୍ଷେପ ନେଉଥିବା ବେଳେ ଆଗାମୀ ଦିନରେ ଏହି ହଳଦୀ ବିଶ୍ୱ ଦରବାରରେ ସ୍ଥାନ ପାଇବ ବୋଲି ଆଶା ବାନ୍ଧିଛନ୍ତି ସ୍ୱାଭିମାନ ଅଂଚଳବାସୀ। ବର୍ତମାନ ଅନେକ ମହିଳା ଏହି ହଳଦୀ ଚାଷ କରୁଥିବା ବେଳେ କିଛି ମହିଳା ଏହାକୁ ବିଭିନ୍ନ ବଜାରରେ ବିକ୍ରୟ କରି ବେଶ୍ ଦୁଇପଇସା ରୋଜଗାର କରୁଛନ୍ତି। ଏହି କ୍ରମରେ ଚିତ୍ରକୋଣ୍ଡା ବ୍ଲକର ମା ତାରିଣୀ ଏସଏଚଜି ର ସଦସ୍ୟା ମାନେ ଜୈବିକ ହଳଦୀକୁ ପ୍ରକ୍ରିୟାକରଣ କରି ହଳଦୀ ପାଉଡରକୁ ସୁନ୍ଦର ରୂପେ ପ୍ୟାକେଜିଂ କରିବା ସହ ଜିଲ୍ଲା ପ୍ରଶାସନର ସହଯୋଗରେ ସ୍ୱାଭିମାନ ଅଂଚଳରେ ଥିବା ବିଭିନ୍ନ ବିଏସଏଫ କ୍ୟାମ୍ପକୁ ବିକ୍ରୟ କରି ମହିଳାମାନେ ଆର୍ଥିକ ଲାଭ ପାଇବା ସହ ଆଗାମୀ ଦିନରେ ଆହୁରି ଅଧିକ ପରିଶ୍ରମ କରି ହଳଦୀ ଗୁଣ୍ଡ ପ୍ରସ୍ତୁତ କରି ବିଭିନ୍ନ ବଜାରରେ ବିକ୍ରି ନିମନ୍ତେ ପ୍ରେରଣା ପାଇଛନ୍ତି। ଅଂଚଳରେ ହଳଦୀ ଚାଷ ମଧ୍ୟ ଲୋକଙ୍କ ପାଇଁ ବେଶ୍ ଲାଭଦାୟକ ହୋଇଥିବାରୁ ବଡପଡ଼ା, ଯାନବାଇ, ରାଲେଗଡ଼ା, ସାରକୁବନ୍ଧ ଭଳି ଅନେକ ଗ୍ରାମରେ ଲୋକେ ବର୍ତମାନ ଗଞ୍ଜେଇ ଚାଷରୁ ମୁହଁ ଫେରାଇ ନେଇଥିବା ବେଳେ ହଳଦୀ ଚାଷ ସହ ଅନ୍ୟାନ୍ୟ ଅର୍ଥକାରୀ ଫସଲ ମଧ୍ୟ ଚାଷ କରୁଛନ୍ତି।

# କ୍ଷୁଦ୍ର ଚଳଚ୍ଚିତ୍ର 'ତାରା'ର ଶୁଭ ମହୁରତ

ଜୟପୁର, ୧୦/୬ (ନି.ପ୍ର): ଆଜି କୁନ୍ଦନ କ୍ରିଏସନ ଦ୍ୱାରା ପ୍ରାୟୋଜିତ କ୍ଷୁଦ୍ର ଚଳଚ୍ଚିତ୍ର 'ତାରା'ର ଶୁଭ ମହୁରତ ଗୀତାଞ୍ଜଳି କଲ୍ୟାଣ ମଣ୍ଡପ ଜୟପୁର ଠାରେ ମହା ଆଡମ୍ବରରେ ଅନୁଷ୍ଠିତ ହୋଇ ସାରିଛି। ପୂର୍ବାହ୍ଣ ୯ଟା ସମୟରେ ଜୟପୁର ସ୍ଥିତ ମା ଜଗତଜନନୀଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରୀଫଳ ଭଗ୍ନ ପୂର୍ବକ ପୂଜାର୍ଚ୍ଚନା ସମାପନ କରାଯାଇଥିଲା। ତା'ପରେ ଗୀତାଞ୍ଜଳି କଲ୍ୟାଣ ମଣ୍ଡପରେ ଜଳପାନ ସମାପ୍ତ କରି ଆରମ୍ଭ କରାଯାଇଥିଲା 'ତାରା' କ୍ଷୁଦ୍ର ଚଳଚ୍ଚିତ୍ରର ଶୁଭ ଉନ୍ମୋଚନ ପର୍ବ। ଏଠାରେ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ ବରେଣ୍ୟ ସିନେ କଳାକାର ତଥା ଗୀତିକାର ଶ୍ରୀକାନ୍ତ ଗୌତମ, ନାଟ୍ୟକାର ନରେନ୍ଦ୍ର ମିଶ୍ର ଏବଂ ଆକାଶବାଣୀର ସହକାରୀ କେନ୍ଦ୍ର ନିର୍ଦ୍ଦେଶକ ନରେନ୍ଦ୍ର ପଟ୍ଟନାୟକ। ଅତିଥି ଏବଂ 'ତାରା' ଚଳଚ୍ଚିତ୍ରର ସମସ୍ତ କଳାକାର ଏବଂ ସହଯୋଗୀଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଅତିଥିମାନଙ୍କର ଅଭିଭାଷଣରୁ ସ୍ପଷ୍ଟ ହେଉଥିଲା ଯେ, ଜୟପୁର ତଥା କୋରାପୁଟରେ ଏମିତି ଅନେକ କଳାକାର ଅଛନ୍ତି ଯେଉଁମାନେ ନିଜକୁ ପ୍ରତିଷ୍ଠିତ କରିପାରିବେ ଏବଂ ଏ ଅଂଚଳର ଗାରିମା ବୃଦ୍ଧି କରାଇ ପାରିବେ।

କାର୍ଯ୍ୟକ୍ରମଟିକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ଉମେଶ ଚନ୍ଦ୍ର ସାମନ୍ତରାୟ ଏବଂ ନିରଞ୍ଜନ ପାଣିଗ୍ରାହି। ଚଳଚ୍ଚିତ୍ରର କାହାଣୀ ଓ ନିର୍ଦ୍ଦେଶନାରେ ଅଛନ୍ତି ଜିତୁମିଶ୍ର ପରିକଳ୍ପନା ଓ ଗୀତ ରଚନାରେ ପ୍ରଦୀପ ସାହୁ। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ବିଜୟଲକ୍ଷ୍ମୀ ପାଣିଗ୍ରାହି, ପ୍ରଜ୍ଞା ପଣ୍ଡା, ଜିତୁ ମିଶ୍ର, ପ୍ରଦୀପ ସାହୁ, ବୈଷ୍ଣବୀ ବେହେରା ଏବଂ କୁନି କଳାକାର ଦିବ୍ୟାଂଶ। ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନାରେ ନିହାର ରଂଜନ ମହାନ୍ତି ଥିଲା ବେଳେ ସ୍ୱର ଦେଉଛନ୍ତି ପ୍ରଦୀପ ସାହୁ ଏବଂ ସଂଜୀବନୀ ପଣ୍ଡା। ଆର୍ଟ ଓ ମେକପରେ ନରସିଂହ ଷଡଙ୍ଗୀ ରହିଥିବା ବେଳେ ଟେକ୍ନିକାଲ ମୁଖ୍ୟ ଭାବରେ ସମସ୍ତ ଦାୟିତ୍ୱ ବହନ କରିଛନ୍ତି ଅମର ମିଶ୍ର।। ଚିତ୍ର, ନାଟ୍ୟ ସଂଳାପରେ ଅଛନ୍ତି ଜିତୁମିଶ୍ର ଏବଂ ଶ୍ରୀ ସନ୍ତୋଷ ଦାସ ଏବଂ କ୍ୟାମେରା ଓ ଏଡିଟିଙ୍ଗରେ ଅଛନ୍ତି ଇଂ. ବ୍ୟୋମକେଶ ମହାନ୍ତି। ଚଳଚ୍ଚିତ୍ରର ପ୍ରଯୋଜିକା ହେଉଛନ୍ତି ସୁଶ୍ରୀ ଶାଶ୍ୱତୀ। ଏହି ଅବସରରେ ଜୟପୁରର ଅନେକ କଳାକାର ଉପସ୍ଥିତ ଥିଲେ। ହୃଦୟସ୍ପର୍ଶୀ କାହାଣୀ ଏବଂ ଆତ୍ମହରା ସଙ୍ଗୀତ ମୂର୍ଚ୍ଛନାର ଏହି ନିଆରା କ୍ଷୁଦ୍ର ଚଳଚିତ୍ର 'ତାରା' ଅତିଶୀଘ୍ର ଶୁଭ ମୁକ୍ତିଲାଭ କରିବ ବୋଲି ଅବିଭକ୍ତ କୋରାପୁଟର କଳାକାର ଆଶା ପୋଷଣ କରିଛନ୍ତି।

# ବନବାସୀ କଲ୍ୟାଣ ଆଶ୍ରମର ଜିଲ୍ଲାସ୍ତରୀୟ ବୈଠକ

ଜୟପୁର, ୧୦/୬ (ନି.ପ୍ର): ଜୟପୁର ପଂଚବଟୀ କଲ୍ୟାଣ ମଣ୍ଡପସ୍ଥିତ ବିଭାଗ କାର୍ଯ୍ୟାଳୟ ଠାରେ ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ଶଶୀଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ଭାଗ ସଙ୍ଗଠନ ମନ୍ତ୍ରୀ ରତିକାନ୍ତ ସାହୁ ଆଗାମୀ ଜୁଲାଇ ୧ ରୁ ୪ ତାରିଖ ପର୍ଯ୍ୟନ୍ତ ଜୟପୁରଠାରେ ଅନୁଷ୍ଠିତ ହ୍ୱୋକୁ ଥିବା ପ୍ରାନ୍ତ ସ୍ତରୀୟ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତା ସମ୍ମିଳନୀ ସମ୍ବନ୍ଧରେ ଏବଂ ଏଥିରେ କେନ୍ଦ୍ରୀୟ ଅଧିକାରୀ ମାନେ ଯୋଗଦେବା ସମ୍ବନ୍ଧରେ ସୂଚିତ କରାଇଥିଲେ। ନଗର ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ସମ୍ମିଳନୀର ସଫଳତା ପାଇଁ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବା ସହ ଦାୟିତ୍ୱ ବଣ୍ଟନ କରିଥିଲେ। ଜୟପୁର କାର୍ଯ୍ୟକର୍ତାଙ୍କ ପାଇଁ ପ୍ରଦତ ଯେକୌଣସି ସମ୍ମିଳନୀକୁ ସଫଳ କରିବା ନିମନ୍ତେ ଆମ କାର୍ଯ୍ୟକର୍ତା ଶତତ ଚେଷ୍ଟିତ ଏବଂ ଆମେ 'ଅତିଥି ଦେବୋ ଭ୍ୱଃ' ନୀତିରେ ନିଶ୍ଚିତ ସଫଳ କରିବୁ ବୋଲି ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ପ୍ରକାଶ କରିଥିଲେ। ଉପ ସଭାପତି ପ୍ରତାପ ପଟ୍ଟନାୟକ ପରିଚୟ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଭିକେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସମ୍ପାଦକ ପ୍ରଭୁଦାନ ପରଜା ଓ ଜିଲ୍ଲା ଉପ ସଭାପତି ବାଲାଜୀ ବ୍ୱେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉତ୍କଳିକା ପକ୍ଷରୁ ସମ୍ବଲପୁରରେ ହସ୍ତତନ୍ତ ପ୍ରଦର୍ଶନୀ

ସମ୍ବଲପୁର, ୧୦/୬ (ନି.ପ୍ର): ଓଡ଼ିଶା ରାଜ୍ୟ ହସ୍ତଶିଳ୍ପ ନିଗମ ଲିମିଟେଡ୍ - ଉତ୍କଳିକା, ଭୁବନେଶ୍ୱର ଆନୁକୂଲ୍ୟରେ ସମ୍ବଲପୁର ସ୍ଥିତ ବୀର ସୁରେନ୍ଦ୍ର ସାଏ ମାର୍ଗର ଜୁଏଲେରୀ ୱାର୍ଲଡ ଠାରେ ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ ଆରମ୍ଭ ହୋଇଛି। ଆସନ୍ତା ବୁଧବାର ପର୍ଯ୍ୟନ୍ତ ଶୀତଳଷଷ୍ଠୀ ଅବସରରେ ଆୟୋଜନ କରାଯାଉଥିବା ଏହି ପ୍ରଦର୍ଶନୀକୁ ଭାରତ ସରକାରଙ୍କ ହସ୍ତଶିଳ୍ପ ବିଭାଗର ସହ ନିର୍ଦ୍ଦେଶିକା କୁମାରୀ ଶୈଳଜା ଉଦ୍‌ଘାଟନ କରିଥିଲେ। ଉତ୍କଳିକା, ସମ୍ବଲପୁରର ପରିଚାଳକ ଦୀନବନ୍ଧୁ ପଣ୍ଡା, ପ୍ରଦର୍ଶନୀ ସଂଯୋଜକ ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀରେ ହସ୍ତଶିଳ୍ପ ସାମଗ୍ରୀ ଉପରେ ୧୦ ପ୍ରତିଶତ ଓ ହସ୍ତତନ୍ତ ବସ୍ତ୍ର ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ରଖାଯାଇଛି। ସମ୍ବଲପୁରୀ ବାନ୍ଧ, ଖଣ୍ଡୁଆ, ବମ୍‌କେଇ ଶାଢ଼ୀ ଓ ପାଟ ସହିତ ଆଭୂଷଣ, ଚାନ୍ଦୁଆ, ପଥର କାମ, କାଠ ଖୋଦେଇ କୃତି, ପଟ୍ଟଚିତ୍ର, ତାଳପତ୍ର ଆର୍ଟ, ଧୋକରା, ଗୋଲଡ଼େନ୍ ଗ୍ରାସ୍, ଆଧୁନିକ କୃତି ପ୍ରଭୃତି ଏଥିରେ ସ୍ଥାନ ପାଇଛି।

# ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ଅଦାର ଉଚିତ୍ ମୂଲ୍ୟ ପାଇବାରୁ ଚାଷୀ ବଂଚିତ

ମାଲକାନଗିରି, ୧୦/୬ (ନି.ପ୍ର): ଚାହିଦା ଓ ଯୋଗାଣ ଭିତରେ ସମନ୍ୱୟ ରଖା ନଗଲେ ଚାଷୀ ଅଭାବୀ ବିକ୍ରିର ସାମ୍ନା କରୁଥିବା ବେଳେ ଖାଉଟିଙ୍କୁ ଅସ୍ୱାଭାବିକ ଦାମ୍ ରେ ସାମଗ୍ରୀ କିଣିବାକୁ ପଡିଥାଏ । ଜିଲ୍ଲା ପ୍ରଶାସନର କଟକଣା ନଥିବାରୁ ଏବେ ମାଲକାନଗିରିରେ ଅଦା କିଣାବିକାରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି । ଗତ କିଛି ବର୍ଷ ହେଲା ଅଦା ପାଇଁ ପ୍ରସିଦ୍ଧ ସ୍ୱାଭିମାନ ଅଂଚଳ ଚିତ୍ରକୋଣ୍ଡାରୁ ବେପାରୀମାନେ ଚାଷୀଙ୍କ ପାଖରୁ ଅଦା କେଜି ୬୦ରୁ ୭୦ ଟଙ୍କାରେ କିଣି ନେଇ ଜିଲ୍ଲା ସଦର ବଜାରରେ ୨୫୦ରୁ ୩୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଗୋଟେ ପଟେ ଚାଷୀ ଅଭାବୀ ବିକ୍ରୀର ଶିକାର ହେଉଥିବା ବେଳେ ସାଧାରଣ ଖାଉଟି ତ୍ରାହି ତ୍ରାହି ଡାକୁଛନ୍ତି । ଅଦା ସଂରକ୍ଷଣ ବ୍ୟବସ୍ଥା ସହିତ ପକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କରାଗଲେ ଉପକୃତ ହୋଇପାରିବେ ବୋଲି ଚାଷୀମାନେ କହିଛନ୍ତି । ଚିତ୍ରକୋଣ୍ଡା ଅଂଚଳର ଅଦାଚାଷୀ ରାମ ପାଙ୍ଗି, ରଘୁ ଗୋଲନା, ଘନଶ୍ୟାମ ମୁଦୁଲି ପ୍ରମୁଖ କହିଛନ୍ତି, ଗତ କିଛିବର୍ଷ ହେଲା ସେମାନଙ୍କ ଅଂଚଳ ଅଦା ର ବେଶ୍ ଚାହିଦା ରହିଆସୁଛି । ଜୈବିକ ପଦ୍ଧତିରେ କରାଯାଉଥିବାରୁ ଆନ୍ଧ୍ର ବେପାରୀମାନେ ଅମଳ ବେଳେ ଏଠାକୁ ଆସି ଚାଷୀଙ୍କ ପାଖରୁ ଅଦା କିଣି ନେଉଛନ୍ତି ଓ ଚାଷୀଙ୍କ ପାଖରୁ କେଜି ପ୍ରତି ସର୍ବାଧିକ ୭୦ ଟଙ୍କାରେ ମାଲ୍ ନେଉଛନ୍ତି। ହେଲେ ଖୋଲାବଜାରରେ ସେହି ଅଦାକୁ ସେମାନେ ୩୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରି ମାଲାମାଲ୍ ହେଉଛନ୍ତି । ଫଳରେ ସାଧାରଣ ଖାଉଟିଙ୍କୁ ହଇରାଣ ହେବାକୁ ପଡୁଛି। ସ୍ୱାଭିମାନ ଅଂଚଳର ଉତ୍ପାଦିତ ଅଦା ସବୁ ଆନ୍ଧ୍ରକୁ ଚାଲି ଯାଉଛି । ଚିତ୍ରକୋଣ୍ଡା ବ୍ଲକର ବଡ଼ପଡ଼ା, ପାପରମେଟଲା, ଯୋଡାମ୍ବ, ପଣସପୁଟ, ବଡପଦର ପଂଚାୟତରେ ସେତୁ ଯୋଜନାରେ ପ୍ରାୟ ୧୦୦ ଏକରରୁ ଅଧିକ ଜମିରେ ଏଥର ଅଦା ଚାଷ କରାଯାଇଛି । ସରକାରଙ୍କ ତରଫରୁ ଏଥିପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ଏଥର ଅଧିକ ଅମଳ ହୋଇଥିବା ବେଳେ ସ୍ଥାନୀୟ ବଜାରରେ ତାହାର ଦେଖା ନାହିଁ । ଉଭୟ ଚାଷୀ ଓ ଖାଉଟି ଲୁଟ୍ ର ଶିକାର ହେଉଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାରେ ଉଚ୍ଚ କ୍ଷମତାସମ୍ପନ୍ନ ଶୀତଳଭଣ୍ଡାର ହୋଇପାରୁ ନଥିବାରୁ ଚାଷୀମାନେ ଅଦା ଅମଳ ହେବା ମାତ୍ରେ କମ୍ ମୂଲ୍ୟରେ ବାହାର ବେପାରୀଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି । ଚଳିତ ବର୍ଷ ଆନ୍ଧ୍ରରେ ଅଦା ଅମଳ ବାଧାପ୍ରାପ୍ତ ଥିବାରୁ ମାଲକାନଗିରି ଅଦାକୁ ଆନ୍ଧ୍ର ବେପାରୀମାନେ ନେଇ ଯାଉଛନ୍ତି । ଅଦା ଦର ଆକାଶଛୁଆଁ ହୋଇଛି ବୋଲି ସ୍ଥାନୀୟ ଅଂଚଳର ବ୍ୟବସାୟୀମାନେ କହିଛନ୍ତି । ଉଦ୍ୟାନ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ମହେନ୍ଦ୍ର କୁମାର ମାଝୀ କହିଛନ୍ତି, ସ୍ୱାଭିମାନ ଅଂଚଳର ଶୀତଳ ଜଳବାୟୁ ଓ ପାହାଡ଼ିଆ ମାଳଭୂମି ଅଦା ଚାଷ ପାଇଁ ଅନୁକୂଳ ହୋଇଥିବାରୁ ଚାଷୀମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ତେଣୁ ଚଳିତବର୍ଷ ପ୍ରଥମ ଥର ପାଇଁ ୧୬ ଜଣ ଚାଷୀଙ୍କୁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ତାଲିମ୍ ଦିଆଯାଇ ଉନ୍ନତ ମାନର ଅଦା ବିହନ ଯୋଗାଇ ଦିଆଯାଇଥିଲା । ୫ ଏକରରୁ ଅଧିକ ଜମିରେ ସେମାନେ ଉନ୍ନତମାନର ଅଦା ଚାଷ କରିଛନ୍ତି । ଏକର ପିଛା ୧୫ କ୍ୱିଂଟାଲ ଲେଖାଏଁ ଅମଳ କରୁଛନ୍ତି । ପରବର୍ତୀ ସମୟରେ ଅଧିକ ଚାଷୀଙ୍କୁ ଅଦା ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । ତେବେ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ଅନେକ ସମୟରେ ଅଦାର ଉଚିତ୍ ମୂଲ୍ୟ ପାଇବାରୁ ଚାଷୀ ବଂଚିତ ହେଉଥିବା ସେ ସ୍ୱୀକାର କରିଛନ୍ତି ।

# ଯାଜପୁର ଜିଲ୍ଲାରେ ନକଲି ପାଣି ପାଉଚର ବହୁଳ ବ୍ୟବହାର: ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି

ଧର୍ମଶାଳା, ୧୦/୬ (ନି.ପ୍ର): ପ୍ରଶାସନ ପକ୍ଷରୁ ବାରମ୍ବାର ପାଣି ପାଉଚ ର ବ୍ୟବହାରକୁ ନିସିଦ୍ଧ କରାଯାଉଥିଲେ ସୁଦ୍ଧା ଯାଜପୁର ଜିଲା ରସୁଲପୁର ବ୍ଲକରେ ଏହାର ବହୁଳ ଭାବେ ବିକ୍ରୀ ଚାଲିଛି । ପ୍ରତିଦିନ ବିଭିନ୍ନ ଭୋଜି, ଛୋଟ ମୋଟ କାର୍ଯ୍ୟକ୍ରମ, ସରକାରୀ କାର୍ଯ୍ୟକ୍ରମ ଏବଂ ଭୋଜିମାନଙ୍କରେ ମଧ ବହୁଳ ବ୍ୟବହାର ଦେଖିବାକୁ ମିଳିଛି । ବହୁଦିନ ପୂର୍ବରୁ କିଛି ଆଖି ଦୃଶିଆ ଭାବେ କାଁ ଭାଁ ସ୍ଥାନରେ ଛୋଟଛୋଟ ଦୋକାନମାନଙ୍କରେ ଚଢଉ ହୋଇଥିଲା । କିନ୍ତୁ, ପରବର୍ତି ପର୍ଯ୍ୟାୟରେ ଏହି ବ୍ୟବସାୟ କ୍ରମଶଃ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଏବେ ଏହାର ବ୍ୟବହାର ଆଶାଠୁ ଅଧିକ ଖୁଲମ ଖୁଲା ବିକ୍ରୀ ବୃଦ୍ଧି ପାଇଛି । ଫଳରେ ଏହି କାର୍ଯ୍ୟାନୁଷ୍ଠାନ ପାଣିରଗାର ସଦୃଶ ହୋଇଛି । ଜିଲା ବାହାରୁ କିଛି ବେଆଇନ ଏବଂ ବିନା ଲାଇସେନ୍ସରେ ପାଣି ପାଉଚ କାରଖାନା ଖୋଲୁଛି । ପାଉଚ ପାଣି ପ୍ୟାକେଟ ଓ ନିମ୍ନମାନର ବୋତଲରେ କୌଣସି ଅବଧି ନ ଥିବା ବେଳେ ଆଇଏସଆଇ ମାର୍କ ମଧ ରହୁନାହିଁ । କିନ୍ତୁ ଏହାର ମାନ୍ୟତା ଯାଂଚ୍ କରାଯାଉ ନାହିଁ । ଏଣେ ଲୋକମାନଙ୍କୁ ବାରମ୍ବାର ସଚେତନ କରାଗଲେ ମଧ ସଚେତନତା ଅଭାବରୁ ଦିନକୁ ଦିନ ପାଣି କାରଖାନା ବୃଦ୍ଧି ପାଉଛି । କମ୍ପାନୀମାନେ ଏହି ପାଣିକୁ ବ୍ଲକର କୁଆଖିଆ, ହରିପୁର, ବରୁଆଁ, ବ୍ରହ୍ମବରଦା ଆଦି ଗୁରୁତ୍ୱପୂର୍ଣ୍ଣ ଅଂଚଳରେ ବଡବଡ ଦୋକାନୀମାନଙ୍କୁ ବେଧଡକ ଭାବେ ଯୋଗାଇ ଦେଇଥାଆନ୍ତି । କିଛି ମାସ ତଳେ ପାଉଚ ପାଣିରେ ଇବୋଲା ଭାଇରସକୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା । କିଛିଦିନ ସଚେତନ ଲୋକେ ଏହାର ବ୍ୟବହାର କରିନଥିଲେ, କିନ୍ତୁ ପରବର୍ତି ପର୍ଯ୍ୟାୟରେ ପାଉଚର ବ୍ୟବହାର ଦିନକୁ ଦିନ ବଢୁଛି । ଏହା ଏକ ଲଜ୍ଜାଜନକ ବ୍ୟବସାୟ ହୋଇଥିବାରୁ କିଛି ଅସାଧୁ ଅଧିକାରୀଙ୍କୁ ବ୍ୟବସାୟୀମାନେ ହାତ ବାରିସି କରି ବ୍ୟବସାୟ ବଢାଇବାରେ ଲାଗିଛନ୍ତି । ପ୍ରଶାସନ ତରଫରୁ ବେଆଇନ କାରଖାନା ପ୍ରତି କୌଣସି ପଦକ୍ଷେପ ନେବା ତ ଦୂର କଥା ପାଣିର ମାନ୍ୟତାକୁ ମଧ ଯାଂଚ୍ କରାଯାଉନାହିଁ । ଏହି ବ୍ୟବସାୟୀମାନେ ଖୋଲାପାଣିକୁ ପ୍ୟାକେଟ କରି ବିଭିନ୍ନ କମ୍ପାନୀର ନାମ ଦେଇ ବଜାରରେ ଅବାଧରେ ବିକ୍ରୀ ଚାଲାଇଥିବାର ସାଧାରଣରେ ଅଭିଯୋଗ ହୋଇଛି । ବଜାରରେ ଦୋକାନୀମାନଙ୍କୁ କମ ଦରରେ ଏହି ପାଣିକୁ ବିକି ଚାଲିଯାଇଥାଆନ୍ତି । ଲାଭଖୋର ଦୋକାନୀମାନେ ଅଧିକ ଲାଭ ଆଶାରେ ସାଧାରଣ ଜନତାଙ୍କୁ ଠକିବାରେ ଦିନ ରାତି ଲାଗି ପଡିଛନ୍ତି । ପ୍ରଶାସନ ଏଥିପ୍ରତି ସଚେତନ ନ ଥିବା ବେଳେ ଜନସାଧାରଣ କିଭଳି ସଚେତନ ହେବେ ? ସେହିଭଳି ସ୍ୱଚ୍ଛ ଭାରତ ଅଭିଯାନରେ ଭାରତକୁ ସ୍ୱଚ୍ଛ ଏବଂ ସୁନ୍ଦର କରିବା ପାଇଁ ପ୍ରୟାସ କରାଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ପାଣିପାଉଚ କୁଢକୁଢ ଜମା ହୋଇଥିବା ଦେଖିବାକୁ ମିଳୁଛି ।

# ପ୍ରଶାସନିକ ଅଧିକାରୀଙ୍କ ଅନୁରୋଧ କ୍ରମେ ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ଧାରଣା ସାମୟିକ ସ୍ଥଗିତ

ଜୟପୁର, ୧୦/୬ (ନି.ପ୍ର): ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଏକ ଏକ ଜରୁରୀ ବୈଠକ ସ୍ଥାନୀୟ ଯାଦବ ଭବନ ଠାରେ ଭି. ରବି କୁମାରଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ହୋଇଯାଇଛି। ତା ୦୮.୦୬.୨୦୨୪ରିଖ ଦିନ ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପ୍ରତିନିଧି ମାନେ ଏକ ବୈଠକର ଯୋଗ ଦେବା ପାଇଁ ନିର୍ଦ୍ଦେଶ ଆସିଥିଲା । ଜୟପୁର ଉପ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜଏଂଟ ଲେବର କମିଶନର, ଏସ୍ ଡି ପି ଓ, ଆଇ.ଆଇ.ସି. ସଦର, ଡିଏଲଓ, ମ୍ୟାନେଜମେଂଟ ପକ୍ଷରୁ ୟୁନିଟ୍ ହେଡ୍ ଏସ୍ ଏସ୍ ପାଲ୍, ଏଚ୍ ଆର୍ ହେଡ୍ ରମେଶ ଯାଦବ ଏବଂ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପକ୍ଷରୁ ସର୍ବଶ୍ରୀ ଭି. ରବି କୁମାର, ସୁଦର୍ଶନ ବିଷୋୟୀ, ନାରାୟଣ ଦାଶ, ବସନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକ ଆବାହକ ପ୍ରମୋଦ କୁମାର ମହାନ୍ତି ୦୩.୦୬.୨୦୨୪ ରେ ଏକ ଚିଠି ଦେଇ ଆସନ୍ତା ୧୦ ତାରିଖରୁ ପି ଏଫ୍, ପେନସନ, ଗ୍ରାଚ୍ୟୁଇଟି ବକେୟା ପାଉଣା ଦାବି କରି କାରଖାନା ମୁଖ୍ୟ ଫାଟକ ପାର୍ଶ୍ୱରେ ଧାରଣା ଆରମ୍ଭ କରିବାକୁ ଦେଇଥିବା ଚିଠି ଉପରେ ଆଲୋଚନା ପାଇଁ ଡ଼କାଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ମ୍ୟାନେଜମେଂଟକୁ ନିର୍ଦ୍ଦେଶ ଦେଇଥିଲେ ଯେ, ତୁରନ୍ତ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ କର ଏବଂ ଶ୍ରମିକ ପ୍ରତିନିଧି ମାନଙ୍କୁ ଅନୁରୋଧ କରିଥିଲେ ଯେ, ଯେହେତୁ ନୂଆ ସରକାର ଶପଥ ଗ୍ରହଣ କରିବ ଏଣୁ ଧାରଣା ସ୍ଥଗିତ ରଖନ୍ତୁ, ସମସ୍ୟା ସମାଧାନ ନହେଲେ ପ୍ରଶାସନ ପଦକ୍ଷେପ ନେବ । ଏ ସମସ୍ତ ବିଷୟ ବିଶଦ ଆଲୋଚନା ପରେ ସ୍ଥିର କରାଗଲା ଯେ, ପ୍ରଶାସନର ଅନୁରୋଧ ରକ୍ଷାକରି ଧାରଣା ସାମୟିକ ସ୍ଥଗିତ ରଖିଥିବ ଏବଂ ଜିଲ୍ଲାପାଳଙ୍କୁ ଉପ ଜିଲ୍ଲାପାଳଙ୍କ ଜରିଆରେ ଏକ ପତ୍ର ଦିଆଯିବ । ଯଦି ତୁରନ୍ତ ସମସ୍ୟାର ସମାଧାନ ନହୁଏ ତେବେ ସପ୍ତାହ ପରେ ପୁଣି ଆନ୍ଦୋଳନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଆଜିର ବୈଠକରେ ନିଷ୍ପତି ନିଆଗଲା । ଆଜିର ବୈଠକରେ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି, ନାରାୟଣ ଦାଶ, ସୁଦର୍ଶନ ବିଷୋୟୀ, ବସନ୍ତ ବେହେରା, ଦୁର୍ଯୋଧନ ପଲେଇ, ପ୍ରହଲ୍ଲାଦ ମଲ୍ଲିକ,ପି. ପ୍ରଭାକର ରାଓ , ରବିନ୍ଦ୍ର କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ ।

# ମୌସୁମୀ ଆସିଲା: ମରାମତି ହେଲାନି ବ୍ରାହ୍ମଣୀ ନଦୀ ବନ୍ଧ

ଧର୍ମଶାଳା, ୧୦/୬ (ନି.ପ୍ର): ମୌସୁମୀ ସକ୍ରିୟ ହୋଇ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଉଛି । ରାଜ୍ୟରେ ଲଗାଣ ବର୍ଷା ଲାଗି ରହିବ । ଏଥି ସହ ଆଗକୁ ନଦୀରେ ବନ୍ୟା ଜଳ ପ୍ରବେଶ କରିବା ସମ୍ଭାବନା ରହିଛି । ଦୁର୍ବଳ ନଦୀ ବନ୍ଧକୁ ମରାମତି ପାଇଁ ଜଳସମ୍ପଦ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲେ ମଧ ନଦୀ ବନ୍ଧ ମରାମତି ହୋଇପାରିଲା ନାହିଁ । ବିଗତ ବର୍ଷ ମାନଙ୍କରେ ବନ୍ୟାରେ ପୀଡିତଙ୍କ ଆଖିରୁ ଲୁହ ଶୁଖି ନ ଥିବା ବେଳେ ପୁଣି ଆଗକୁ ଆସିବ ବନ୍ୟା । ଯାହାକୁ ନେଇ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇପଡିଲେଣି । ଏଭଳି ଦୁର୍ବଳ ନଦୀ ବନ୍ଧ ଦେଖିବାକୁ ମିଳିଛି ଯାଜପୁର ଜିଲା ଜାରକା ଜଳସମ୍ପଦ ବିଭାଗ ଅଧିନରେ ଥିବା ଦେଓଦା, ମଙ୍ଗଳପୁର ଓ ବ୍ରହ୍ମବରଦା ଅଂଚଳରେ । ଏହି ଅଂଚଳରେ ବ୍ରାହ୍ମଣୀ ଓ ତାର ଶାଖା କେଲୁଅ ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି ହେଲେ ମରାମତିର ନାଁ ଧରୁ ନାହିଁ ବିଭାଗ, ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଅଗଷ୍ଟ ମାସ ୨୦୨୦ ମସିହାରେ ବିଭିନ୍ନ ସ୍ଥାନରେ ନଦୀ ବନ୍ଧ ଭାଙ୍ଗି ଯାଇ ଜଳମଗ୍ନ ହେବା ସହ ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଥିଲା । ହେଲେ ପ୍ରଶାସନ ଚେତିବା ତ ଦୂରର କଥା ଏହି ଅଂଚଳ ପ୍ରତି ବୈମାତୃକ ମନୋଭାବ ଯୋଗୁଁ ଆଗାମୀ ଦିନରେ ଉଚିତ ଜବାବ ଦିଆଯିବ ବୋଲି ନଦୀ କୂଳିଆ ଲୋକେ ପ୍ରକାଶ କରିଛନ୍ତି । ଜାରକା ଜଳସେଚନ ବିଭାଗ ଅଧିନରେ ଥିବା ବ୍ରାହ୍ମଣୀ ନଦୀ ବନ୍ଧ ଦେଓଦା, ମଙ୍ଗଳପୁର, ବାସୁଦେବପୁର, କୋଠଡିହ ନଦୀ ବନ୍ଧ ରାସ୍ତା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସ୍ଥାନୀୟ ଲୋକେ ଦୈନନ୍ଦିନ ବିପଦର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଦେଓଦା ଓ ମଙ୍ଗଳପୁର ପଂଚାୟତର ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ବଡ ବଡ ଖାଲଖମା ହୋଇ ଏବେ ଏହି ନଦୀ ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି ।ଏହି ରାସ୍ତା ଖାଲଖମାରେ ଭର୍ତି ହୋଇଛି । ପ୍ରତିଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଛି । ସମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମୁଛି । ଏହି ରାସ୍ତା କୁଣ୍ଡପାଟଣା ଠାରୁ ଦେଓଦା ଓ ମଙ୍ଗଳପୁର ପଂଚାୟତର ଦେଓଦା, ସେରପୁର, କୋଠିଡିହ, ଚାନ୍ଦପୁର ଓ ମହେଶ୍ୱରପୁର ପ୍ରମୁଖ ଗାଁ ଏବେ ବନ୍ୟା ମୁହଁରେ । ବିଭିନ୍ନ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବାରୁ ଏହି ନଦୀ ବନ୍ଧ ରାସ୍ତାରେ ପ୍ରତ୍ୟେକ ଦିନ ଶହଶହ ଗାଡି ମୋଟର ସହିତ ବିଭିନ୍ନ ଅଂଚଳର ଶହସ୍ରାଧିକ ଲୋକେ ବ୍ରହ୍ମବରଦା ବଜାର, ସ୍କୁଲ, କଲେଜ, ମେଡିକାଲ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଯାଇଥାନ୍ତି ।

ଅନ୍ୟପକ୍ଷରେ ବନ୍ଧଡିହସ୍ଥ ମେଣ୍ଟ-ବ୍ରହ୍ମବରଦା ନଦୀ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଏହି ରାସ୍ତା ମରାମତି କାର୍ଯ୍ୟ ଚାଲିଥିଲେ ମଧ ଶୋଚନୀୟ ହୋଇ ପଡିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଯାହାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉ ନାହାନ୍ତି । ଫଳରେ ଏହି ବନ୍ଧର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ହେଲେ ଏବେ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ ସେମାନେ କିଛି ଶୁଣୁ ନ ଥବାରୁ ଗ୍ରାମବାସୀ ଏବେ ପ୍ରଶାସନ ଉପରେ ଭରସା ତୁଟାଇ ସାରିଲେଣି ବୋଲି ସେମାନଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି ।

# ଓଡିଶା ଇଂଟର କ୍ଲବ ଭାରୋତ୍ତଳନ ପ୍ରତିଯୋଗିତାରେ ସବ୍ ଜୁନିୟର ଓ ଜୁନିୟର ବିଭାଗରେ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଲେ ସୁନେନା

ବଲାଙ୍ଗିର, ୧୦/୬ (ନି.ପ୍ର): ଓଡିଶା ଇଂଟର କ୍ଲବ ଭାରୋତଳନ ପ୍ରତିଯୋଗିତାରେ ପୁଣିଥରେ ବଲାଙ୍ଗିର ପ୍ରତିଯୋଗୀ ସୁନେନା ବେହେରା ସବ୍ ଜୁନିୟର ଓ ଜୁନିୟର ବିଭାଗରେ ଗୋଟିଏ ରୌପ୍ୟ ପଦକ ଓ ଗୋଟିଏ ବ୍ରୋଞ୍ଜ ପଦକ ପାଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଭୁବନେଶ୍ୱର କଳିଙ୍ଗ ପରିସରରେ ଗତ ୫ରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲାର ହେଲ୍ଥ କ୍ଲବ ତରଫରୁ ୪ ଜଣ ଝିଅ ଓ ୮ ଜଣ ପୁଅ ଭାଗ ନେଇଥିଲେ । ବଲାଙ୍ଗିର ପ୍ରତିଯୋଗି ସୁନେନା ବେହେରା ନିଜ ବୟସ ବର୍ଗ ସବ୍ ଜୁନିୟରରେ ବ୍ରୋଞ୍ଜ ପଦକ ଓ ଜୁନିୟର ବିଭାଗରେ ଏକ ରୌପ୍ୟ ପଦକ ପାଇ ତାଙ୍କ ଗତ ବର୍ଷ ପ୍ରଦର୍ଶନକୁ ଦୋହରାଇବା ସହ ଆଉ ଗୋଟିଏ ଅଧିକ ପଦକ ପାଇଛନ୍ତି । କୋଚ ବିନୟ ପାଣ୍ଡେ, ସଂଘ ସଭାପତି ସୁଦାମ ବେହେରା, ଟିମ୍ ପ୍ରବନ୍ଧକ ନେପାଲ ବାଗଙ୍କ ନେତୃତ୍ୱରେ କ୍ଲବ ତରଫରୁ ସୁନେନା ବେହେରା, ରୁତିକା ପୋଡ, ପ୍ରତ୍ୟାସା ପାଣିଗ୍ରାହି, ଲିଜା ବାଗ, ପ୍ରିୟମ ବେହେରା, ପ୍ରତ୍ୟୁଷ ବେହେରା, ହିମାଂଶୁ ବାଗ, ଯୋଗେଶ୍ୱର ବାଗ, ରୁଦ୍ର ମେହେର, ଅଙ୍କିତ ବେହେରା, ମୋହିତ ରୋହିଦାସ ଏବଂ ଅଂଶୁମାନ ବେହେରା ପ୍ରମୁଖ ପ୍ରତିଯୋଗିତାରେ ଭାଗ ନେଇଥିଲେ । ବଲାଙ୍ଗିରର ପ୍ରାୟତଃ ଖେଳାଳି ଉଚ୍ଚ କୋଟିର ପ୍ରଦର୍ଶନ କରିଥିବା ବେଳେ ସୁନେନା ବେହେରା ଦୁଇଟି ପଦକ ପାଇଛନ୍ତି । ଚୂଡାନ୍ତ ଦିବସରେ ରାଜ୍ୟ ଭାରୋତଳନ ସଭାପତି ଚିତରଂଜନ ସ୍ୱାଇଁ ଏବଂ ରାଜ୍ୟ ସଂପାଦକ ତଥା ଆନ୍ତର୍ଜାତି ସମ୍ପନ୍ନ ଭାରତୋଳକ କେ. ରବି କୁମାର ସୁନେନା ବେହେରାଙ୍କୁ ପଦକ ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ । ସୁନେନାଙ୍କ ଲଗାତାର ଉଚ୍ଚକୋଟିର ପ୍ରଦର୍ଶନ ନିଶ୍ଚିତ ଭାବରେ ବଲାଙ୍ଗିର ଭାରୋତଳନ ଖେଳ ପାଇଁ ଏକ ଆଶିର୍ବାଦ ହେବ ଏବଂ ଆଗାମୀ ଦିନରେ ଜିଲ୍ଲାର ଅନେକ ଛୋଟ ଛୋଟ କ୍ରୀଡାବିତ୍ ଏହି ଖେଳ ପ୍ରତି ଆଗ୍ରହୀ ହେବେ ବୋଲି ସଂଘ ସଭାପତି ସୁଦାମ ବେହେରା କହିଛନ୍ତି ।

# ଅନ୍ତର୍ଜାତୀୟ ସିଟୋ ରିୟୁ କରାଟେ ଅନୁଷ୍ଠାନ ତରଫରୁ କୃତି ଖେଳାଳି ସମ୍ମାନିତ

ଜୟପୁର, ୧୦/୬ (ନି.ପ୍ର): କୋରାପୁଟ ସହରରେ ରହିଥିବା ଅନ୍ତର୍ଜାତୀୟ ସିଟୋ ରିୟୁ କରାଟେ ତରଫରୁ କୃତି ଖେଳାଳିଙ୍କୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠି, ଯୁବ ସମାଜସେବୀ ଦମ୍ବୁରୁ ନାୟକ, କୋରାପୁଟ ଟାଉନ ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅନୁଷ୍ଠାନରୁ ଅନେକ ପ୍ରତିଭାବାନ ଖେଳାଳି ରାଜ୍ୟ ତଥା ରାଜ୍ୟ ବାହାରେ ନିଜର ଖେଳ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏହି ଅନୁଷ୍ଠାନ ୧୯୮୨ ମସିହା ଠାରୁ କାର୍ଯ୍ୟ କରି ଆସୁଛି। ଏହି ଅନୁଷ୍ଠାନରେ ଏବେ ୩୦୦ ରୁ ଉର୍ଦ୍ଧ୍ୱ ଖେଳାଳି ପ୍ରଶିକ୍ଷଣ ନେଉଛନ୍ତି। ଖେଳାଳି ମାନେ ଏବେ ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଯୋଗିତା ପ୍ରଦର୍ଶନ କରିବା ପାଇଁ ଯାଉଛନ୍ତି। କୋରାପୁଟ ଭଳି ଏକ ଆଦିବାସୀ ବହୁଳ ଜିଲ୍ଲାରୁ ଖେଳାଳି ମାନେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରସ୍ତୁତ ହେଉଥିବାରୁ ଅଭିଭାବକ ମାନଙ୍କ ମଧ୍ୟରେ ଆନନ୍ଦ ଦେଖା ଦେଇଛି। ଏହି ଅନୁଷ୍ଠାନରେ ପ୍ରଶିକ୍ଷଣ ନେଉଥିବା ପ୍ରତିଯୋଗୀ ମାନେ ସାଧାରଣତଃ ଗରିବ ପରିବାରରୁ ଆସିଥିବା ଯୋଗୁ ଏତେ ଗୁଡ଼ିଏ ଟଙ୍କା ଖର୍ଚ୍ଚ କରି ରାଜ୍ୟ ତଥା ରାଜ୍ୟ ବାହାରେ ନିଜର କଳା ପରିବେଷଣ କରିବା ସମ୍ଭବପର ହେଉନାହିଁ।

# ମୋଦୀଙ୍କ ମନ୍ତ୍ରୀମଣ୍ଡଳରେ ବିଭାଗ ବଣ୍ଟନ: ଜାଣନ୍ତୁ କାହାକୁ ମିଳିଲା କେଉଁ ବିଭାଗ ?

## କ୍ୟାବିନେଟ ମନ୍ତ୍ରୀ

୧- ରାଜନାଥ ସିଂହ(ବିଜେପି)- ପ୍ରତିରକ୍ଷା
୨- ଅମିତ ଶାହ(ବିଜେପି)- ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ
୩- ନୀତୀନ ଗଡ଼କରୀ(ବିଜେପି) - ସଡ଼କ ଓ ପରିବହନ ମନ୍ତ୍ରଣାଳାୟ
୪- ଜେପି ନଡ୍ଡା (ବିଜେପି)- ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ
୫- ଶିବରାଜ ସିଂହ ଚୌହାନ(ବିଜେପି)- କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଓ ପଞ୍ଚାୟତିରାଜ ମନ୍ତ୍ରଣାଳୟ
୬- ନିର୍ମଳା ସୀତାରମଣ(ବିଜେପି)- ଅର୍ଥ ମନ୍ତ୍ରଣାଳୟ
୭- ଏସ ଜୟଶଙ୍କର(ବିଜେପି)- ବୈଦେଶିକ ବ୍ୟାପାର
୮- ଧର୍ମେନ୍ଦ୍ର ପ୍ରଧାନ(ବିଜେପି)- ଶିକ୍ଷା ମନ୍ତ୍ରଣାଳୟ
୯- ମନୋହର ଲାଲ ଖଟ୍ଟର (ବିଜେପି)- ଶକ୍ତି, ସହରାଞ୍ଚଳ ବିକାଶ ଓ ଗୃହ ନିର୍ମାଣ
୧୦- ଏଚଡି କୁମାରସ୍ୱାମୀ(ଜେଡିଏସ୍ ?)- ଇସ୍ପାତ ଓ ଭାରୀ ଶିଳ୍ପ ମନ୍ତ୍ରଣାଳୟ
୧୧- ପୀୟୂଷ ଗୋଏଲ(ବିଜେପି)- ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ
୧୨- ଜିତନ ରାମ ମଞ୍ଝୀ (ହିନ୍ଦୁସ୍ତାନ ଆବାମ ମୋର୍ଚ୍ଚା)- ଏମଏସ୍ଏମଇ
୧୩- ଲଲନ ସିଂହ (ଜେଡିୟୁ)- ପଞ୍ଚାୟତି ରାଜ, ମତ୍ସ୍ୟ ଓ ପଶୁ ସମ୍ପଦ
୧୪- ସର୍ବାନନ୍ଦ ସୋନୋୱାଲ (ବିଜେପି)- ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରଣାଳୟ
୧୫- ବୀରେନ୍ଦ୍ର କୁମାର(ବିଜେପି)- ସମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ
୧୬- ରାମ ମୋହନ ନାଇଡୁ କିଞ୍ଜରାପ୍ପୁ (ଟିଡିପି) - ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ
୧୭- ପ୍ରହ୍ଲାଦ ଯୋଶୀ(ବିଜେପି)- ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ
୧୮- ଜୁଏଲ ଓରାମ(ବିଜେପି)- ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ
୧୯- ଗିରିରାଜ ସିଂହ(ବିଜେପି)- ବୟନ ଶିଳ୍ପ ମନ୍ତ୍ରଣାଳୟ
୨୦- ଅଶ୍ୱିନୀ ବୈଷ୍ଣବ(ବିଜେପି)- ରେଳ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ଆଇଟି
୨୧- ଜ୍ୟୋତିରାଦିତ୍ୟ ସିନ୍ଧିଆ(ବିଜେପି) - ଟେଲିକମ ଓ ଉତ୍ତର ପୂବଆ ରାଜ୍ୟ ବିକାଶ ମନ୍ତ୍ରଣାଳୟ
୨୨- ଭୂପେନ୍ଦ୍ର ଯାଦବ(ବିଜେପି)- ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ
୨୩- ଗଜେନ୍ଦ୍ର ସିଂହ ଶିଖାୱତ(ବିଜେପି)- ପର୍ଯ୍ୟଟନ ଓ ସଂସ୍କୃତି
୨୪- ଅନପୂର୍ଣ୍ଣା ଦେବୀ(ବିଜେପି) - ମହିଳା ଓ ଶିଶୁ ବିକାଶ
୨୫- କିରଣ ରିଜିଜୁ(ବିଜେପି)- ସଂସଦୀୟ ବ୍ୟାପାର ଓ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ
୨୬- ହରଦୀପ ସିଂହ ପୁରୀ(ବିଜେପି)- ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ
୨୭- ମନସୁଖ ମାଣ୍ଡଭୀୟ(ବିଜେପି)- ଶ୍ରମ ଓ ନିଯୁକ୍ତି ସହ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ
୨୮- ଜି କିଶନ ରେଡ୍ଡୀ(ବିଜେପି)- କୋଇଲା ଓ ଖଣି ମନ୍ତ୍ରଣାଳୟ
୨୯- ଚିରାର ପାଶୱାନ(ରାମ ବିଲାଶ)- ଖାଦ୍ୟ ପ୍ରକ୍ରିୟା କରଣ ଶିଳ୍ପ ମନ୍ତ୍ରଣାଳୟ
୩୦- ସିଆର ପାଟିଲ(ବିଜେପି) - ଜଳ ଶକ୍ତି ମନ୍ତ୍ରଣାଳୟ

## ୫ ଜଣ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ)

୧- ରାଓ ଇନ୍ଦରଜିତ(ବିଜେପି)- ପରିସଂଖ୍ୟନ ଓ କାର୍ଯ୍ୟକ୍ରମ ସ୍ୱାଧୀନ ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ
୨-ଜିତେନ୍ଦ୍ର ସିଂହ (ବିଜେପି)- ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଆଟୋମିକ ଓ ସ୍ପେଶ୍ ?, ପିଏମଓ
୩- ଅର୍ଜୁନ ରାମ ମେଘୱାଲ(ବିଜେପି)- ଆଇନ ଓ ନ୍ୟାୟ(ସ୍ୱାଧୀନ ଦାୟିତ୍ୱ) ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ
୪- ପ୍ରତାପ ରାଓ ଗଣପତି ରାଓ ଯାଦବ(ଶିବସେନା)- ଆୟୁଷ ମନ୍ତ୍ରଣାଳୟର ସ୍ୱାଧୀନ ଦାୟିତ୍ୱ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ
୫- ଜୟନ୍ତ ଚୌଧୁରୀ(ଆରଏଲଡି)- ଏମଏସଏମଇ ସ୍ୱାଧୀନ ଦାୟିତ୍ୱ ଓ ଶିକ୍ଷା ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ

## ରାଷ୍ଟ୍ରମନ୍ତ୍ରୀଙ୍କ ତାଲିକା

୧- ଜିତିନ ପ୍ରସାଦ(ବିଜେପି)- ବାଣିଜ୍ୟ ଓ ଶିଳ୍ପ, ସୂଚନା ପ୍ରଯୁକ୍ତି ବିଦ୍ୟା
୨- ଶ୍ରୀପଦ ନାଏକ(ବିଜେପି)- ଶକ୍ତି ଓ ପୁନଃନବୀକରଣ ଯୋଗ୍ୟ
୩- ପଙ୍କଜ ଚୌଧୁରୀ(ବିଜେପି)- ଅର୍ଥ ରାଷ୍ଟ୍ରମନ୍ତ୍ରୀ
୪- କ୍ରିଷ୍ଣ ପଲ ଗୁରଜାର (ବିଜେପି)- କର୍ପୋରେସନ ରାଷ୍ଟ୍ରମନ୍ତ୍ରୀ
୫- ରାମଦାସ ଅଠାୱାଲେ(ରିପବ୍ଲିକାନ ପାର୍ଟି ଅଫ ଇଣ୍ଡିଆ)- ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ
୬- ନିତ୍ୟାନନ୍ଦ ରାଏ(ବିଜେପି)- ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ
୭- ଅନୁପ୍ରିୟା ପଟେଲ(ଆପନା ଦଳ)- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ
୮- ଭି ସୋମନ୍ନା(ବିଜେପି)- ଜଳ ଶକ୍ତି ଓ ରେଳ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ
୯- ଚନ୍ଦ୍ର ଶେଖର ପେମ୍ମାସାନି(ଟିଡିପି)- ଗ୍ରାମୀଣ ବିକାଶ ଓ ଯୋଗାଯୋଗ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ
୧୦- ଏସ୍ ?ପି ସିଂହ ବଘେଲ(ବିଜେପି)- ମତ୍ସ୍ୟ ସମ୍ପଦ ଓ ପଞ୍ଚାୟତିରାଜ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ
୧୧- ଶୋଭା କରନ୍ଦାଲାଜେ(ବିଜେପି)- ଏମଏସଏମଇ, ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ
୧୨- ବିଏଲ ବର୍ମା(ବିଜେପି)- ଖାଦ୍ୟ, ଖାଉଟି ବ୍ୟାପାର, ସାଧାରଣ ବଣ୍ଟନ,
ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ
୧୩- ଶାନ୍ତନୁ ଠାକୁର(ବିଜେପି)- ବନ୍ଦର, ଜାହାଜ ଚଳାଚଳ ଓ ୱାଟରୱେଜ ରାଷ୍ଟ୍ରମନ୍ତ୍ରୀ
୧୪-ସୁରେଶ ଗୋପି(ବିଜେପି)- ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ, ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ
୧୫- ଏଲ ମୁରଗାନ(ବିଜେପି)- ସୂଚନା ଓ ପ୍ରାସରଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ
୧୬- ଅଜୟ ଟାମଟା(ବିଜେପି)- ସଡ଼କ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ
୧୭- ବନ୍ଦି ସଞ୍ଜୟ କୁମାର(ବିଜେପି)- ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ
୧୮-କମଲେଶ ପାଶ୍ୱାନ(ବିଜେପି)- ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ
୧୯- ଭାଗୀରଥ ଚୌଧୁରୀ (ବିଜେପି)- କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ
୨୦- ସତୀଶ ଦୁବେ (ବିଜେପି)- କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ
୨୧- ସଞ୍ଜୟ ସେଠ(ବିଜେପି)- ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ
୨୨-ରବନୀତ ସିଂହ ବିଟ୍ଟୁ(ବିଜେପି)- ଖାଦ୍ୟ ପ୍ରକ୍ରିୟାକରଣ, ରେଳବାଇ ରାଷ୍ଟ୍ରମନ୍ତ୍ରୀ
୨୩- ଦୁର୍ଗାଦାସ ଉଇକି(ବିଜେପି)- ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ
୨୪- ରକ୍ଷା ଖଡସେ(ବିଜେପି)- ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ
୨୫- ଶୁକାନ୍ତ ମଜମୁଦର(ବିଜେପି)- ଶିକ୍ଷା ରାଷ୍ଟ୍ରମନ୍ତ୍ରୀ
୨୬- ସାବିତ୍ରୀ ଠାକୁର(ବିଜେପି)- ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ
୨୭- ତୋଖନ ସାହୁ(ବିଜେପି) - ଗୃହ ଓ ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ
୨୮- ରାଜଭୂଷଣ ଚୌଧୁରୀ (ବିଜେପି)- ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ
୨୯- ଭୂପତି ରାଜୁ ଶ୍ରୀନିବାସ ବର୍ମା(ବିଜେପି)- ଭାରୀ ଶିଳ୍ପ ଓ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ
୩୦- ହର୍ଷ ମାଲହୋତ୍ରା(ବିଜେପି)- ସଡ଼କ ଓ ପରିବହନ, କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ
୩୧- ନିମୁବେନ ବାମଭାଣିୟା (ବିଜେପି) - ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ରାଷ୍ଟ୍ରମନ୍ତ୍ରୀ
୩୨- ମରୁଲୀଧର ମୋହର(ବିଜେପି)- ବେସାମାରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ
୩୩- ଜର୍ଜ କୁରିୟନ(ବିଜେପି)- ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ
୩୪- ପବିତ୍ର ମାର୍ଗେରିଟା (ବିଜେପି)- ବୈଦେଶିକ ଓ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ
୩୫- ରାମନାଥ ଠାକୁର (ଜେଡିୟୁ)- କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟାର ରାଷ୍ଟ୍ରମନ୍ତ୍ରୀ
୩୬- କୀର୍ତ୍ତି ବର୍ଦ୍ଧନ ସିଂହ(ବିଜେପି)- ପରିବେଶ, ଜଙ୍ଗଲ ଓ ଜୟବାୟୁ ପରିବର୍ତ୍ତନ, ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

# ପାରାଦୀପ ବାଡମିନ ଆସୋସିଏସନ୍ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଂଟ



ପାରାଦୀପ, ୧୦/୬ (ନି.ପ୍ର): ରବିବାର ଦିନ ପାରାଦୀପ ବାଡମିନ ଆସୋସିଏସନ୍ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ଆମନ୍ତ୍ରଣ କପ୍ ବାଡମିନ ଟୁର୍ଣ୍ଣାମେ ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ଆୟୋଜିତ ହୋଇଯାଇଛି । ୪ ଗୋଟି ଗ୍ରୁପ ରେ ୩୪ଜଣ ଖେଳାଳୀ ଏହି ଟୁର୍ଣ୍ଣାମେ ରେ ଅଂଶଗ୍ରହଣ କରିଥିଲେ। ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ସେଲ୍ ଅଫିସ୍ ସମେତ ପାରାଦୀପ ବ୍ୟାଡମିଟନ ଆସୋସିଏସନ୍ର ଖେଳାଳୀମାନେ ଏହି ଖେଳରେ ଭାଗ ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ରେ ସେଲର ନିର୍ବାହୀ ନିର୍ଦ୍ଦେଶକ(ଲଜିଷ୍ଟିକ୍ସ) ସୁବାସ କୁମାର ଦାସ, ପାରାଦୀପ ବନ୍ଦର ଟ୍ରାଫିକ୍ ଉପଦେଷ୍ଟା ଏ.କେ.ବୋଷ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କୃତି ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ତିମ ମ୍ୟାଚ୍ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ ଟିମ୍ ଓ ପାରାଦୀପ ମଧ୍ୟରେ ହୋଇଥିଲା। ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ ଓଭରଅଲ ବିଜେତା ହୋଇଥିଲେ।

# କେନ୍ଦୁଝର : ରାଜ୍ୟସ୍ତରୀୟ ୩୭ତମ ମହିଳା ଓ ପୁରୁଷ ହ୍ୟାଣ୍ଡବଲ ଚମ୍ପିଆନସିପ୍ ଉଦ୍‌ଯାପିତ

କେନ୍ଦୁଝର, ୧୦/୬ (ନି.ପ୍ର): କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମ ଠାରେ ଶୁକ୍ରବାର ସଂଧ୍ୟାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ହ୍ୟାଣ୍ଡବଲ ଚମ୍ପିଆନସିପ୍ ର ରବିବାର ରାତ୍ରୀରେ ଉଦ୍‌ଯାପିତ ହୋଇଛି । ପ୍ରଥମ ଦିନରେ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଥିବା କାରଣରୁ ଶନିବାର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଖେଳ ହୋଇଥିଲା ।ଏହି ଖେଳରେ କେନ୍ଦୁଝର ବୌଦ୍ଧ ଓ ଅନୁଗୁଳକୁ ୨୪-୦ ଗେଲମାରି କ୍ୱାଟର ଫାଇନାଲରେ ପହଁଚିଥିଲା । ସେହିପରି ଅନ୍ୟ ଖେଳ ଗୁଡିକରେ ଗଜଂାମ ଜିଲ୍ଲା ଢେଙ୍କାନାଳକୁ ୧୭-୧୨ ଗୋଲରେ, ପୁରୀ – ବଲାଙ୍ଗିର କୁ ୧୭-୮ ଗୋଲରେ, ଯାଜପୁର- କଟକକୁ ୧୮-୮ ଗୋଲରେ ପରାସ୍ତ କରି କ୍ୱଟର ଫାଇନାଲକୁ ଉନ୍ନିତ ହୋଇଥିଲେ । କ୍ୱାଟର ଫାଇନାଲରେ କେନ୍ଦୁଝର ଜଗତସିଂହପୁର କୁ ୨୧-୭ ଗୋଲ ରେ ଗଞ୍ଜାମ – କଟକକୁ ୨୪-୧୬ ଗୋଲ ରେ ଯାଜପର ଜିଲ୍ଲା ଢେଙ୍କାନାଳ କୁ ୧୬-୮ ଗୋଲରେ , ପୁରୀ ଜିଲ୍ଲା ଭବନେଶ୍ୱର କୁ ୧୮-୧୨ ଗୋଲରେ ପରାସ୍ତ କରି ସେମି- ଫାଇନାଲକୁ ଯାଇଥିଲେ । ଯେଉଁଥିରେ କେନ୍ଦୁଝର ଜିଲ୍ଲା ଗଞ୍ଜାମ ଜିଲ୍ଲାକୁ ୪୩-୨୭ ଗୋଲରେ ଓ ଯାଜପୁର ଜିଲ୍ଲା ପୁରୀ କୁ ୩୪-୧୬ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲରେ କେନ୍ଦୁଝର ଜିଲ୍ଲା ଯାଜପୁରକୁ ୨୫-୨୦ ପରାସ୍ତ କରି ଚମ୍ପିଆନ ହୋଇଛି । ଅନୁରୂପ ଭାବେ ମହିଳା ବର୍ଗରେ ଯାଜପୁର ଜିଲ୍ଲା ଜଗତସଂିହପୁର କୁ ୧୭-୮ ଗୋଲରେ, ଗଞ୍ଜାମ ଜିଲ୍ଲା କେନ୍ଦୁଝରକୁ ୧୬-୧୨ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲରେ ଯାଜପୁର ଜିଲ୍ଲା ଗଜଂାମ କୁ ୧୪-୧୩ ଗୋଲରେ ପାରାସ୍ତ କରି ଚମ୍ପିୟାନ ହୋଇଛି ।

ଏହି ମ୍ୟାଚ କୁ ସନ୍ଦିପ ପାତ୍ର, ଦୀପକ ମହାନ୍ତି, ରାହିଲ ଖାନ, ରଶ୍ମି ରଞ୍ଜନ ଓଝା, ମନୋଜ କୁମାର ସାହୁ, ମନୋଜ କୁମାର ଜେନା, ପ୍ରକାଶ ପ୍ରଧାନ, ଜିତେନ୍ଦ୍ର ସାହୁ, ପ୍ରମୋଦ ପଟ୍ଟନାୟକ, ଆକାଶ ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର ମୁଖ୍ୟ ଅତିଥି ଭାବେ ଓ କେନ୍ଦୁଝରଗଡ଼ ପୌରପାଳିକାର ଚେୟାରମ୍ୟାନ ନିକୁ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେବା ସହ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।

# ବଲାଙ୍ଗିର ଜିଲ୍ଲା ଓଷ୍ଟା ସମ୍ପାଦକଙ୍କ ନକଲି ହିନ୍ଦୀଶିକ୍ଷକ ସାର୍ଟିଫିକେଟ ସନ୍ଦେହଘେରରେ

ବଲାଙ୍ଗୀର, ୧୦/୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମାଧ୍ୟମିକ ଶିକ୍ଷକ ସଂଘ ଓଷ୍ଟା ସମ୍ପାଦକ କୁଶଧ୍ୱଜ ସାହୁ (ବାବା) ପାଟଣାଗଡ ନିକଟ ବଥଲ୍ଲା ହାଇସ୍କୁଲରେ ହିନ୍ଦୀ ଶିକ୍ଷକ ଭାବେ ଚାକିରି କରୁଛନ୍ତି । ଜଣେ ଆଲୁମନି କମିଟି ସଭ୍ୟଙ୍କ ଅଭିଯୋଗ ଅନୁଯାୟୀ, ଶ୍ରୀ ସାହୁ ସେହି ସ୍କୁଲରେ ପ୍ରଥମେ ପିଅନ ଭାବରେ ଚାକିରି କରୁଥିଲେ, ପରେ କୌଣସି ଉପାୟରେ ଏକ ହିନ୍ଦୀ ସାର୍ଟିଫିକେଟ ଯୋଗାଡ କରି ବର୍ତମାନ ହିନ୍ଦୀ ଶିକ୍ଷକ ଭାବରେ ଆଜି ପର୍ଯ୍ୟନ୍ତ କାମ କରୁଛନ୍ତି । ଏ ବିଷୟରେ ଉକ୍ତ ଆଲୁମିନି ସଭ୍ୟ ବଲାଙ୍ଗିର ଡିଇଓ ଙ୍କ ପାଖରେ ବହୁତ ଦିନ ହେଲା ଏ ବିଷୟରେ ଅଭିଯୋଗ କରିଥିଲେ । ବର୍ତମାନ ସେହି ହିନ୍ଦୀ ଶିକ୍ଷକଙ୍କ ଦରମା ବନ୍ଦ କରି ଉକ୍ତ ସାର୍ଟିଫିକେଟ ର ସତ୍ୟତା ଉପରେ ବିଭାଗିୟ ଅନୁସନ୍ଧାନ ଜାରି ରଖିଛନ୍ତି । ପୁଣି ଅଭିଯୋଗ ହେଉଛି ଯେ, ଉକ୍ତ ଶିକ୍ଷକ କୁଶ ସାହୁଙ୍କ ସ୍ତ୍ରୀ ସ୍ଥାନୀୟ ସରପଂଚ ହୋଇଛନ୍ତି ତେଣୁ ଶ୍ରୀ ସାହୁ ବେନାମୀ ଠିକାରେ ବ୍ୟସ୍ତ କରି ଅଧିକାଂଶ ଦିନ ସ୍କୁଲ ଯାଉନାହାନ୍ତି । ନିକଟରେ ବିଡିଓ ସ୍କୁଲ ପରିଦର୍ଶନ କଲା ସମୟରେ ସେ ବିନା କାରଣରେ ସ୍କୁଲରେ ଅନୁପସ୍ଥିତ ଥିଲେ, ଯାହା ଫଳରେ ଜିଲ୍ଲାପାଳ ପୂର୍ବରୁ ଚାରିଦିନ ଦରମା ବନ୍ଦ କରିଛନ୍ତି । ବର୍ତମାନ ଶ୍ରୀ ସାହୁଙ୍କ ଚାକିରି ଅନୁସନ୍ଧାନ ଫଳାଫଳ ଉପରେ ନିର୍ଭର କରେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମୋଦି ୩.୦ ସରକାରର....

୩ କୋଟି ଗୃହ ନିର୍ମାଣ ହେବ। ଏହି ଯୋଜନାରେ ନିର୍ମାଣ ହେଉଥିବା ପ୍ରତଟି ଘରେ ଟଏଲେଟ, ଏଲପିଜି ସଂଯୋଗ, ବିଜୁଳି ସଂଯୋଗ ଓ ପାଣି ବାହାରୁଥିବା ଟ୍ୟାପ୍ ଲଗାଯାଥାଏ। ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସହ ମିଳିତ ଭାବେ ଏପରି ଘର ନିର୍ମାଣ କରାଯାଇ ହିତାଧିକାରୀଙ୍କୁ ହସ୍ତାନ୍ତର କରାଯାଏ। ମୋଦି ୩.୦ ସରକାର ୩ କୋଟି ଘର ନିର୍ମାଣ କରିବା ନିଷ୍ପତ୍ତି ନେବା ପୂର୍ବରୁ ଆଜି ସକେଳେ ଚାଷୀଙ୍କ କଲ୍ୟାଣ ପାଇଁ ବଡ଼ ପଦକ୍ଷେପ ନେଇଥିଲେ। କିଷାନ ନିଧି ଯୋଜନାରେ ଚାଷୀଙ୍କୁ ୨୦ ହଜାର କୋଟି ଟଙ୍କା ପଠାଇବାକୁ ପ୍ରସ୍ତୁତ ଫାଇଲରେ ଆଜି ପ୍ରଧାନମନ୍ତ୍ରୀ ଦସ୍ତଖତ କରିଥିଲେ।

## ଅପରିବର୍ତ୍ତିତ ରହିଲା ...

ଗତ ପାଳିରେ ଶିକ୍ଷା ମନ୍ତାଳୟ ପାଇଥିଲେ । ଦେଶର ସବୁଠୁ ଦୀର୍ଘ କାଳ କାର୍ଯ୍ୟ କରିଥିବା ପେଟ୍ରୋଲିୟମ ଓ ଗ୍ୟାସ ମନ୍ତ୍ରୀ ହେବାର ରେକର୍ଡ ମଧ୍ୟ ଧର୍ମେନ୍ଦ୍ରଙ୍କ ନାଁରେ ଅଛି। ଏହାବାଦ୍ ସେ ଇସ୍ପାତ, ଶିକ୍ଷା, ଦକ୍ଷତାବିକାଶ ମନ୍ତ୍ରୀ ଭାବେ କାର୍ଯ୍ୟ କରି ନିଜର ଦକ୍ଷତା ଦେଖାଇଥିଲେ। ତେଣୁ ଏଥର ବି ଧର୍ମେନ୍ଦ୍ରଙ୍କୁ ଶିକ୍ଷା ମନ୍ତାଳୟ ମିଳିଛି । ସେହିପରି ଅଶ୍ୱିନୀ ବୈଷ୍ଣବ ୨୦୧୯ରେ ଓଡ଼ିଶାରୁ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହେଲା ପରେ ୨୦୨୧ରେ ତାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦିଆଯାଇଥିଲା। ୫-ଜି ସ୍ପେକ୍ଟ୍ରମ ନିଲାମ , ଡାକଘରର ଉନ୍ନତୀକରଣ ଦିଗରେ ସେ ବହୁତ ଆଖିଦୃଶିଆ ପଦକ୍ଷେପ ନେଇଥିଲେ । ବାହାନଗା ରେଳ ଦୁର୍ଘଟଣା, ଭାରତ ଇତିହାସର ଅନ୍ୟତମ ମର୍ମନ୍ତୁଦ ରେଳ ଦୁର୍ଘଟଣା ଜୁନ୍, ୨୦୨୩ରେ ହୋଇଥିଲା। ହେଲେ ଶ୍ରୀ ବୈଷ୍ଣବ ଯେପରି ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କଲେ, ରେଳ ଧାରଣା ପୁନରୁଦ୍ଧାର କାର୍ଯ୍ୟ ତଦାରଖ କଲେ ତାହା ପ୍ରଶଂସନୀୟ ଥିଲା ।ଆଉ ସେଥିପାଇଁ ଏବେ ବି ତାଙ୍କୁ ରେଳ ମନ୍ତାଳୟ ମିଳିଛି ।

## କିଏ ହେବେ ବିରୋଧୀ ...

ନାଁ ସୁପାରିସ କରୁଥିବା ବେଳେ ଏହାକୁ କାଉଣ୍ଟର କରିଛନ୍ତି ତାରା। ଉଭୟ ତାରା ଓ ଉଲାକା ଏବେ ଦିଲ୍ଲୀରେ ହାଇକମାଣ୍ଡଙ୍କ ପାଖରେ ଲବି ଚଳାଇଛନ୍ତି। ସେପଟେ ବିଜେପି କହିଛି, ବିଧାନସଭାରେ ବିରୋଧୀଙ୍କ ପାଖରେ ପ୍ରସଙ୍ଗ ରହିବନି। ଆମେ ତାଙ୍କୁ ହିସାବ ଦେବୁ ସେମାନଙ୍କ ବିଫଳତା ସଂପର୍କରେ। ବିଜେଡି ବିରୋଧୀ ଦଳ ନେତା ଭାବେ ନବୀନଙ୍କ ନାଁ ନେଉଥିବା ବେଳେ ପ୍ରକୃତ ପକ୍ଷେ ଏହାର ବାସ୍ତବିକତା କେତେ। ରାଜନୈତିକ ସମୀକ୍ଷକଙ୍କ ମତ ହେଲା ବିଧାନସଭାରେ ବିରୋଧୀ ଦଳ ନେତାଙ୍କ ଗୁରୁତ୍ୱ ବେଶ ଅଧିକ। ପ୍ରତିଦିନ ତାଙ୍କର ଉପସ୍ଥାନ ରହିବା ଆବଶ୍ୟକତା ଅଛି। ଯେହେତୁ ନବୀନ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଗୃହକୁ ନିୟମିତ ଆସୁନଥିଲେ, ସେଦୃଷ୍ଟିରୁ ବିରୋଧୀ ଦଳ ନେତା ଦାୟିତ୍ୱ ଆଉ କାହାକୁ ଦେଇପାରନ୍ତି। ଦୁଇ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ମଧ୍ୟରୁ ଜଣକୁ ନବୀନ ବିରୋଧୀ ଦଳ ନେତା କରିପାରନ୍ତି। ଏସବୁ ବାଦ୍ କିନ୍ତୁ ବିଧାନସଭାରେ ବହୁ ବର୍ଷ ବ୍ୟବଧାନରେ ଶକ୍ତିଶାଳୀ ବିରୋଧୀଙ୍କୁ ସାମନା କରିବାକୁ ଯାଉଛି ସରକାରୀ ଦଳ। ବିଜେଡି ପାଖରେ ବିଧାୟକ ଅଛନ୍ତି ୫୧ ଜଣ। କଂଗ୍ରେସ ବିଧାୟକଙ୍କ ସଂଖ୍ୟା ହେଲା ୧୪। ସମୁଦାୟ ୬୫ ଜଣ ବିରୋଧୀ ବିଧାୟକଙ୍କୁ ବିଜେପି କିପରି ସାମନା କରୁଛି, ବିଧାନସଭାର ପ୍ରଥମ ଅଧିବେଶନରେ ତା' ଉପରେ ରହିବ ସମସ୍ତଙ୍କ ନଜର।

## ରଜରେ ଅଥୟ କରିବ ....

ଶୁକ୍ରବାର (ପହିଲି ରଜ) ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ,ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ହେବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମୌସୁମୀ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକ ମନୋରମା ମହାନ୍ତି କହିଛନ୍ତି, ମୌସୁମୀ କେବଳ ମାଲକାନଗିରି ଜିଲ୍ଲା ପର୍ଯ୍ୟନ୍ତ ଆସିଛି। ଏବେ ସ୍ଥିତି ଅନୁକୂଳ ନଥିବାରୁ ଅନ୍ୟ ଜିଲ୍ଲାକୁ ଅଗ୍ରସର ହୋଇପାରିନି। ଆଗାମୀ ୩ରୁ ୪ ଦିନ ପର୍ଯ୍ୟନ୍ତ ମୌସୁମୀ ଆଗକୁ ବଢ଼ିବାର କିଛି ସମ୍ଭାବନା ନାହିଁ ବୋଲି ମନୋରମା ମହାନ୍ତି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଆଗାମୀ ୫ ଦିନ କମ୍ ବର୍ଷା ହେବ। କାଁଭାଁ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହୋଇପାରେ। ବର୍ଷା ସମୟରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିବ। ଏଥିପାଇଁ ସତର୍କସୂଚନା ଜାରି କରାଯାଇଛି। ମଙ୍ଗଳବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ,ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ଅଞ୍ଚଳରେ ବର୍ଷା ସହ ଘଡ଼ଘଡ଼ି ଓ ବିଜୁଳି ମାରିବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ବୁଧବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, କନ୍ଧମାଳ, ବଲାଙ୍ଗିର, କଳାହାଣ୍ଡି, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ କେତେକ ଅଞ୍ଚଳରେ ବର୍ଷା ସହ ଘଡ଼ଘଡ଼ି ଓ ବିଜୁଳି ମାରିବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଗୁରୁବାର ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୋନପୁର,ବଲାଙ୍ଗିର, ବୌଦ୍ଧ, ବଲାଙ୍ଗିର, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଗଜପତି,ଗଞ୍ଜାମ ଓ ପୁରୀ ଜିଲ୍ଲାରେ କେତେକ ଅଞ୍ଚଳରେ ବର୍ଷା ସହ ଘଡ଼ଘଡ଼ି ଓ ବିଜୁଳି ମାରିବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## କାୟା ମେଲାଇଲାଣି ...

କଟକରୁ ୧୯ ଜଣ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରିରୁ ୧୭ ଓ ପୁରୀରୁ ୧୩ ଜଣ ଚିହ୍ନଟ ହୋଇଛନ୍ତି। ଗତବର୍ଷ ଏହି ସମୟ ସୁଦ୍ଧା ରାଜ୍ୟରେ ୧୦୭ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ରଙ୍କ ସୂଚନା ଅନୁଯାୟୀ, ଚଳିତ ବର୍ଷ ଏ ଯାଏଁ କୌଣସି ଡେଙ୍ଗୁ ମୃତ୍ୟୁ ହୋଇନି। ସହରରେ ଡେଙ୍ଗୁ ଅଧିକ ହେଉ ଥିବାରୁ ସ୍ୱତନ୍ତ୍ର ଡ୍ରାଇଭ କରାଯାଉଛି। ଡେଙ୍ଗୁ ନେଇ ସତର୍କ ରହିବାକୁ ସଚେତନ କରାଇବା ସହ ଚିକିତ୍ସା ପାଇଁ ପଦକ୍ଷେପ ନେବାକୁ ସବୁ ଉଡଗଡଙ୍କୁ କୁହାଯାଇଛି। ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ଜିଲ୍ଲାକୁ ଆଲର୍ଟ କରାଯାଇଛି। ପ୍ଲେଟଲେଟ ଉପଲବ୍ଧ କରିବାକୁ କୁହାଯାଇଛି। ଏ ନେଇ ହସ୍ପିଟାଲଗୁଡିକୁ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି ବୋଲି ସେ କହିଛନ୍ତି।

## କାର ଧକ୍କାରେ...

ତାଙ୍କ ଭଉଣୀ ପାଲିଆ ସାହୁଙ୍କୁ ଗୁରୁତର ଅବସ୍ଥାରେ ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ଘଟିବା ପରେ ଭଟ୍ଟାରିକା ଛକରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ବଡ଼ମ୍ବା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଯାଇଥିବା ବେଳେ ଦୁର୍ଘଟଣା ଘଟାଇଥିବା କାର ସହିତ ବାଇକ୍‌ଟିକୁ ଜବତ କରି ଥାନାକୁ ଅଣାଯାଇଥିବା ବଡ଼ମ୍ବା ଥାନା ଅଧିକାରୀ ଶିବ ପ୍ରସାଦ ଭତ୍ରା କହିଛନ୍ତି।

## ବାଲେଶ୍ୱର ଜିଲ୍ଲା ମୁଖ୍ୟ ...

ଜଣକ ଅନୀତାଙ୍କ ଶାଶୁଙ୍କ ସହିତ ମିଶି ପିଲାକୁ ଧରି ମେଡ଼ିକାଲ୍ କ୍ୟାମ୍ପସରେ ଥିବା ଶିଶୁ ଭବନକୁ ଯାଇଥିଲେ। ହେଲେ ମଝିରେ ଅନୀତାଙ୍କ ଶାଶୁଙ୍କୁ ଚକ୍‌ମା ଦେଇ ମହିଳା ଜଣକ ପିଲାକୁ ଧରି ଚମ୍ପଟ ମାରିଥିଲେ। ଏ କଥା ଅନୀତା ଜାଣିବା ପରେ ତାଙ୍କ ଅଟକ ଗୁଡୁମ ହୋଇଯାଇଥିଲା। ଏନେଇ ସେ ମେଡ଼ିକାଲ୍ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ୱାର୍ଡରେ କାର୍ଯ୍ୟରତ ଜଣେ ଆଶା କର୍ମୀଙ୍କ ଉପରେ ସେ ସନ୍ଦେହ କରୁଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ପାଇଁ ୩ଟି ଟିମ୍ ଗଠନ କରିଥିଲା। ପୁଲିସ୍ ପ୍ରଥମେ ଆଶା କର୍ମୀଙ୍କୁ ଅଟକ ରଖିବା ସହିତ ମେଡ଼ିକାଲ୍ ସିସିଟିଭି ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ମହିଳାଙ୍କ ସମ୍ପର୍କରେ ପୂରା ସୂଚନା ପାଇଥିଲା। ତା'ପରେ ବାଲେଶ୍ୱର ଟାଉନ୍‌ର ଅଟୋ ଚାଳକଙ୍କ ସହଯୋଗରେ ପୁଲିସ୍ ଜଳେଶ୍ୱର ରାଜଘାଟରେ ପହଞ୍ଚି ଥିଲା। ସେଠାରେ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରିଥିଲା। ପୁଲିସ୍ ଶିଶୁ ପୁତ୍ରକୁ ଉଦ୍ଧାର କରି ତା' ମାଆଙ୍କୁ ହସ୍ତାନ୍ତର କରିଛି। ପିଲା ବର୍ତ୍ତମାନ ମେଡ଼ିକାଲ୍ ଏସ୍ଏନ୍‌ସିୟୁରେ ଚିକିତ୍ସିତ ହେଉଛି। ଏହି ମାମଲାରେ ଆଶା କର୍ମୀଙ୍କ ସମେତ ପିଲା ଚୋରି କରିଥିବା ମହିଳାଙ୍କୁ ପୁଲିସ୍ ଅଟକ ରଖି ପଚରାଉଚରା କରୁଛି। ଏଥିରେ ଆଉ କାହାର ହାତ ରହିଛି, ତାହା ଉପରେ ତଦନ୍ତ ଚାଲିଥିବା ବାଲେଶ୍ୱର ଏସ୍‌ପି ସାଗରିକା ନାଥ କହିଛନ୍ତି।

# କେନ୍ଦ୍ରାପଡ଼ାରେ ଜିଲ୍ଲାସ୍ତରୀୟ ପ୍ରଧାନ ଶିକ୍ଷକମାନଙ୍କ ବୈଠକ

କେନ୍ଦ୍ରାପଡ଼ା, ୧୦/୬ (ନି.ପ୍ର): କେନ୍ଦ୍ରାପଡ଼ାରେ ୬୦୮ ସ୍କିମ ଅନ୍ତର୍ଗତ ୩୮ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କର ବୈଠକ ଦୁହୁରିଆ ସ୍ଥିତ ଜିଲ୍ଲା ଶିକ୍ଷକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଓଷ୍ଟାର ଜିଲ୍ଲା ସଂପାଦକ ନିର୍ମଳ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଉକ୍ତ ଶିକ୍ଷକ ବର୍ଗର ସମସ୍ତ ଶିକ୍ଷକ, ଶିକ୍ଷା କର୍ମଚାରୀମାନଙ୍କର(ଏମ୍.ଏ.ସି.ପି.) ବାବଦରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇ ଥିଲା। ଏଥିସହିତ ଶିକ୍ଷକମାନଙ୍କର ଅନ୍ୟାନ୍ୟ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯିବା ସହ ସେଗୁଡିକର ସମାଧାନ କରିବାକୁ ଉଦ୍ୟମ କରାଯିବ ବୋଲି ବୈଠକରେ ଅଂଶଗ୍ରହଣ କରିଥିବା ବରିଷ୍ଠ ଶିକ୍ଷକ ତଥା ଓଷ୍ଟାର ଜିଲ୍ଲା ଉପ ସଭାପତି ଅଶୋକ କୁମାର ପରିଡା, ବଙ୍କିମ ବିହାରୀ ମହାନ୍ତି, ସଂଜୟ କୁମାର ସାମଲ, ଅଜୟ କୁମାର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ନିର୍ବାଚନ ପରବର୍ତ୍ତୀ ସମୀକ୍ଷା କଲେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ

ଧର୍ମଶାଳା, ୧୦/୬ (ନି.ପ୍ର): ସଫଳତାର ସହ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ ଶାସକ ବିଜେଡି ପରାଜୟ ବରଣ କରିଛି । ବିଜୟୀ ଆଶା ଧୂଳିସାତ ହୋଇଛି । ପରାଜୟ ପରେ ପରାଜୟର କାରଣ ଖୋଜୁଛି ଦଳ। ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳାକୁ ବିଜେଡିର ଗଡ କୁଆଯାଉଥିଲା । ଏହି ଆସନରେ ବିଜେଡି ପରାଜୟ ବରଣ କରିଛି । ଜାରକାସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୫୪ଗୋଟି ପଂଚାୟତର ସମସ୍ତ ବିଜୁ ଜନତା ଦଳର କର୍ମକର୍ତାମାନଙ୍କୁ ନେଇ ଏକ ନିର୍ବାଚନୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଦଳୀୟ ନେତୃବୃନ୍ଦମାନଙ୍କୁ ଆଶ୍ୱାସନା ଦେବାସହ କିଭଳି ଧର୍ମଶାଳାବାସୀଙ୍କ ସୁଖ, ଦୁଃଖର ସାଥୀ ହୋଇ ରହିବା ଓ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ଆହୁରି ମଜବୁତ କରିବା ପାଇଁ ଦୃଢ ସଂକଳ୍ପବଦ୍ଧ ହେବାକୁ କହିଥିଲେ । ନିର୍ବାଚନ ଏକ ପ୍ରକ୍ରିୟା, ଏଥିରେ ହାର ଜିତ୍ ରହିଥାଏ, ମୋତେ ଧର୍ମଶାଳାବାସୀ ବହୁତ ମାତ୍ରାରେ ଭୋଟ ଦେଇଥିବାରୁ ମୁଁ ସମସ୍ତଙ୍କ ପାଖରେ ଚିର ଋଣି । ପୂର୍ବରୁ ଧର୍ମଶାଳା ଯେପରି ଓଡିଶାରେ ୧ ନମ୍ବର ହୋଇ ରହିଛି, ଆଗାମି ଦିନରେ ଧର୍ମଶାଳାକୁ ଉଚ୍ଚ ଶିଖରକୁ ନେବାପାଇଁ ମୋର ପ୍ରୟାସ ଜାରି ରହିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ବଳବଳନ୍ତରାୟ କହିଥିଲେ । ଧର୍ମଶାଳା ବିଜୁ ଜନତା ଦଳର ବ୍ଲକ ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକକୁ ଧର୍ମଶାଳା ପଂଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ଣ୍ଣଚନ୍ଦ୍ର ଶତପଥୀ, କୃଷ୍ଣଚନ୍ଦ୍ର ସାହୁ, ପ୍ରଭୁ ରଞ୍ଜନ ସାମଲ, ମମତା ଦଣ୍ଡପାଟ, ରେଣୁବାଳା ଶତପଥୀ, ଫକୀର ନାରାୟଣ ମିଶ୍ରଙ୍କ ସମେତ ୨ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତା ଉପସ୍ଥିତ ଥିଲେ ।

ମଙ୍ଗଳବାର, ଜୁନ୍ ୧୧, ୨୦୨୪
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଶପଥ ପୂର୍ବରୁ ଦମ୍ ଦେଖାଇଲେ ସନ୍ତୋଷ

ନୀଳଗିରି , ୧୦/୬ (ନି.ପ୍ର): ଶପଥ ଗ୍ରହଣ ପୂର୍ବରୁ ଲୋକଙ୍କ ସମସ୍ୟା ସହିତ ଜଡିତ ହୋଇ ପ୍ରାଥମିକତା ଭିତ୍ତିରେ ସ୍ୱାସ୍ଥ୍ୟସେବା ପ୍ରତି ଗୁରୁତ୍ୱ ଦେଉଛନ୍ତି ନୀଳଗିରିର ନବନିର୍ବାଚିତ ବିଜେପି ବିଧାୟକ ସନ୍ତୋଷ କୁମାର ଖଟୁଆ। ୮ ତାରିଖରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନରେ ଯାଇ ରୋଗୀଙ୍କ ସମସ୍ୟା ବୁଝିବା ସହିତ ହସ୍ପିଟାଲର ଡାକ୍ତର, ପାରାମେଡିକାଲ ଷ୍ଟାଫ୍, ବିଭିନ୍ନ ପରୀକ୍ଷା ସ୍ୱାସ୍ଥ୍ୟ ପରୀକ୍ଷା ଉପକରଣର ଅଭାବ ଆଦି ବିଷୟରେ ଅଧିକାରୀଙ୍କ ସହିତ ଆଲୋଚନା କରି ତୁରନ୍ତ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ସୋମବାର ସଜନାଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥାପିତ ଏଲୋପାଥିକ ଡାକ୍ତର ନିୟମିତ ଆସୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଥିବା ବେଳେ ଜଣେ ଆୟୁଷ ଡାକ୍ତର ନିଯୁକ୍ତ ଅଛନ୍ତି। ମାତ୍ର ତୁରନ୍ତ ରୋଗର ସମାଧାନ ପାଇଁ ଲୋକମାନେ ଏଲୋପାଥିକ ଚିକିତ୍ସା ଉପରେ ନିର୍ଭର କରୁଥିବାରୁ ଡାକ୍ତରଙ୍କ ଅନୁପସ୍ଥିତିରେ ଲୋକମାନେ ନାହିଁନଥିବା ହଇରାଣ ହେଉଛନ୍ତି। ଏଥିସହିତ ଲାଇଟ୍, ପାଣି ଆଦି ଛୋଟମୋଟ ସମସ୍ୟା ବିଷୟରେ ଅବଗତ ହେବା ପରେ ତୁରନ୍ତ ଜିଲ୍ଲାପାଳଙ୍କ ସହିତ ଟେଲିଫୋନ ଯୋଗେ କଥାହୋଇ ସମାଧାନ କରିବାକୁ କହିଥିଲେ। ତେବେ ଶ୍ରୀ ଖଟୁଆ ବିଧାୟକ ଭାବେ ଶପଥ ନେବା ପୂର୍ବରୁ ଲୋକଙ୍କର ମୌଳିକ ସମସ୍ୟା ପ୍ରତି ଧ୍ୟାନଦେଇ ସମସ୍ୟା ସମାଧାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ତାଙ୍କର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।



## ଅବକାରୀ ବିଭାଗର ଚଢ଼ାଉ : ଦୁଇଜଣ ଗିରଫ

ବେତନଟୀ , ୧୦/୬ (ନି.ପ୍ର): ବେତନଟୀ ଅବକାରୀ ଥାନା ଅଧୀନ ବେତନଟୀ ଓ ବୈଶିଙ୍ଗା ଅଞ୍ଚଳ ରେ ଆଜି ଅବକାରୀ ବିଭାଗ ଚଢାଉ କରି ଦେଶୀ ମଦ ଜବତ କରି ଦୁଇ ଜଣ ଙ୍କୁ ଗିରଫ କରିଛି ଅବକାରୀ ପୁଲିସ। ଅଭିଯୁକ୍ତ ମାନେ ହେଲେ ବେତନଟୀ ଥାନା ଅଧୀନ ଏସଏସ ମହୁଲିଆ ଗ୍ରାମର ସୀତା ମୁର୍ମୁ ଓ ବୈଶିଙ୍ଗା ଥାନା ଅଞ୍ଚଳର ତିଳଦା ଗ୍ରାମର ଅମୁଲ୍ୟ କୁମାର ଦଣ୍ଡପାଟ ବୋଲି ଜଣାପଡିଛି। ଚଢ଼ାଉ ସମୟରେ ମୋଟ ତାଙ୍କ ପାଖରୁ ମୋଟ ୩୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଚଢାଉ ରେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, ଏସ.ଆଇ ସୁଧାଂଶୁ କୁମାର ବେହେରା, ଲିଜା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ଛାତ୍ରମାନଙ୍କ ସଫଳତା: ଜେ.ଏନ.ୟୁ, ନୂଆଦିଲ୍ଲୀରୁ ପୁରସ୍କୃତ

ନୀଳଗିରି, ୧୦/୬ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସଫଳତାର ତାଲିକାରେ ଆଉ ଦୁଇଛାତ୍ରଙ୍କ ନାମ ଯୋଡିହୋଇ ଯାଇଛି। ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସ ଅବସରରେ ପରିବେଶ ସୂଚନା, ସଚେତନତା, ଦକ୍ଷତା ବୃଦ୍ଧି ଏବଂ ଜୀବିକା କାର୍ଯ୍ୟକ୍ରମ ଓ ପରିବେଶ ବିଜ୍ଞାନ ବିଦ୍ୟାଳୟ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ଦ୍ୱାରା 'ଜୈବ ବିବିଧତା ଏବଂ ପରିବେଶ ଉପରେ ପ୍ରଭାବ' ପ୍ରସଙ୍ଗ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ଦ୍ୱିତୀୟ ସେମିଷ୍ଟାର ର ଛାତ୍ର ସୌରଭ କୁମାର ନାୟକ ଡିଜିଟାଲ୍ କଳା/ ଚିତ୍ରାଙ୍କନରେ ତୃତୀୟ ସ୍ଥାନ ଓ କ୍ଷୁଦ୍ର ପ୍ରବନ୍ଧ ରଚନାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି



ପ୍ରବନ୍ଧର ବିଷୟ ରହିଥିଲା 'ଭୂମି ପୁନରୁଦ୍ଧାର, ମରୁଭୂମି ଏବଂ ମରୁଡ଼ି ସ୍ଥିରତା: ଏକ ସ୍ଥାୟୀ ଭବିଷ୍ୟତ ଆଡକୁ ' । ଏଥିସହିତ ଉକ୍ତ କାର୍ଯ୍ୟକ୍ରମ ଅନ୍ତର୍ଗତ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ସଞ୍ଜିତ କୁମାର ସାହୁ, ବିଶ୍ୱ ପରିବେଶ ଦିବସ-୨୦୨୪ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ଜଣେ ପି.ଏଚ୍.ଡି ସ୍କଲାର / ବରିଷ୍ଠ ଗବେଷଣାରତ ଛାତ୍ର । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଏହି ଛାତ୍ର ଦ୍ୱୟ ଙ୍କ ସଫଳତା ହାସଲ ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ବାଲେଶ୍ୱର ଜିଲ୍ଲା ସଦର ମହକୁମାରେ ଜୁଡିସିଆଲ ହବ୍ ନିର୍ମାଣ ପାଇଁ ଓକିଲ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୧୦/୬ (ନି.ପ୍ର): ଜିଲ୍ଲାବାସୀଙ୍କ ସୁବିଧା ପାଇଁ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଜୁଡିସିଆଲ ହବ (ଜିଲ୍ଲା ଜଜ୍‌କୋର୍ଟ କ୍ୟାମ୍ପସ) ଜିଲ୍ଲା ସଦର ମହକୁମାରେ ସ୍ଥାପନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓକିଲ ସଂଘର ସଭାପତି ରଘୁନାଥ ପ୍ରଧାନଙ୍କ ସଭାପତିତ୍ୱ ବାର ହଲ ନଂ-୫ରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଂପାଦକ ସମ୍ବିତ୍ କୁମାର ନନ୍ଦ, ପ୍ରାରମ୍ଭିକ ସୂଚନା ଦେବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ବୈଠକରେ ସଂଘର ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସଂଘ ଦ୍ୱାରା ଗଠିତ ଉଚ୍ଚକ୍ଷମତା ସମ୍ପନ୍ନ କମିଟି (ହାଏ ପାୱାର କମିଟି)ର ସମସ୍ତ ସଦସ୍ୟମାନେ ନିଜ ନିଜର ମତାମତ ପ୍ରଦାନ କରିଥିଲେ । ବର୍ତ୍ତମାନ ଜିଲ୍ଲା ଜଜ୍‌ଙ୍କ କୋର୍ଟ କ୍ୟାମ୍ପସ୍ ସହ କଚେରୀ ହତାରେ ଥିବା ସ୍ଥାନରେ ଆଧୁନିକ ଜ୍ଞାନ କୌଶଳ ଉପଯୋଗ କରି ନୂତନ ଜୁଡିସିଆଲ ହବ୍ ନିର୍ମାଣ ପାଇଁ ପୁନର୍ବାର ଦାବୀ ପ୍ରଶାସନିକ ଏବଂ ବିଚାର ବିଭାଗ ସ୍ତରରେ କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହେଲା । ତତ୍‌ପରେ କମିଟି ପକ୍ଷରୁ ଆଶୁ ପଦକ୍ଷେପ ନେବା ସଂପର୍କରେ ବରିଷ୍ଠ ଆଇନଜୀବୀନୀ, ଉପଦେଷ୍ଟା ହରେକୃଷ୍ଣ ଦାଶ, ଉପଦେଷ୍ଟା କମଲ ଜାଫର, ବରିଷ୍ଠ ଆଇନୀଜୀବି ରବିନ ରାୟ, ଲକ୍ଷ୍ମୀଧର ବେହେରା, ମନୋଜ କୁମାର ନାୟକ, ଦୀପକ ଦାଶ, ଲମ୍ବୋଧର ନାୟକ, ଜୟନାରାୟଣ ପଣ୍ଡା, ସହ ସଂପାଦକ ଜିତେନ୍ଦ୍ର କୁମାର ଉପାଧ୍ୟାୟ, ସଭ୍ୟ ପ୍ରଭାତ ଦାସ, ଶକ୍ତିଧର ସାନ୍ତରା, ପ୍ରବୀର ବେହେରା, ସଂଜୟ କୁମାର ଚୌଧୁରୀ, ବାସନ୍ତୁ ସାହୁ, ବରେନ୍ଦ୍ର ସେଠୀ, ଦିଗମ୍ବର ମିଶ୍ର, ପିନାକୀଧୀର (ସହସଂଯୋଜକ), କେଶବ



ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ଶିବବ୍ରତ ପଣ୍ଡା, ସଭ୍ୟା ମମତା ବେହେରା, ସୌରୀ ଶଙ୍କର ପରିଡ଼ା ପ୍ରମୁଖ କଚେରୀ ହତାରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ନୂତନ ଜୁଡିସିଆଲ ହବ ନିର୍ମାଣ ପାଇଁ ଆବଶ୍ୟକୀୟ ଦାବୀ ଉପସ୍ଥାପନ କରିବା ପାଇଁ ମତପ୍ରଦାନ କରିଥିଲେ । ଏହି ଉଚ୍ଚକ୍ଷମତା ସଂପନ୍ନ କମିଟିରେ ବାର୍ କାଉନ୍‌ସିଲ ସଦସ୍ୟ ପ୍ରସନ୍ନ କୁମାର ପାଢ଼ୀ ଓ ନୃସିଂହ ଚରଣ ନାୟକଙ୍କୁ ମଧ୍ୟ ସାମିଲ କରି ଏହି ଦାବୀ ଉଭୟ ପ୍ରଶାସନିକ ଓ ବିଚାର ବିଭାଗ ସ୍ତରରେ ଉପସ୍ଥାପିତ କରି କାର୍ଯ୍ୟ ହାସଲ ପାଇଁ ମତ ପ୍ରକାଶ ପାଇଥିଲା । ଜନସାଧାରଣ , ଓକିଲ ଓ ମହକିଲ ମାନଙ୍କ ସ୍ୱାର୍ଥ ପାଇଁ ସଦର ମହକୁମା ଅର୍ଥାତ୍ ପୂର୍ବ ଜିଲ୍ଲା ଜର୍ଜ କୋର୍ଟ କ୍ୟାମ୍ପସର ହବନିର୍ମାଣ ପାଇଁ ଦାବୀ ହୋଇଥିଲା । ଶେଷରେ ସଂଘର ଉପସଭାପତି ରଂଜିତ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଜୁନ ୧୨ରେ ଏନ୍ ପିଏ ସମାଧାନ ଦିବସ ପାଳନ ହେବ

ବାରିପଦା, ୧୦/୬ (ନି.ପ୍ର): ଆସନ୍ତା ୧୨ ଜୁନ ରେ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷ ରୁ ଦେଶ ବ୍ୟାପି ଏହାର ସମସ୍ତ ଶାଖା ମାଧ୍ୟମ ରେ ସମାଧାନ ଦିବସ ହିସାବ ରେ ପାଳିତ ହେବାକୁ ଯାଉଅଛି। ଏହି ଅବସର ରେ ବ୍ୟାଙ୍କ ର ଏନ.ପି.ଏ ଗ୍ରାହକ ମାନଙ୍କୁ ଏକ କାଳୀନ ଋଣ ସମାଧାନ ର ସୁବର୍ଣ୍ଣ ସୁଯୋଗ ଦିଆଯିବ। ବ୍ୟାଙ୍କ ଅଫ

Bank of India
Relationship beyond banking

ଇଣ୍ଡିଆ ବାରିପଦା ଅଂଚଳ ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ ଜିଲ୍ଲା ର ନିଜ ର ସମସ୍ତ ୬୭ ଶାଖା ଜରିଆରେ ଗ୍ରାହକ ମାନଙ୍କୁ ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ ସେବା ଓ ସୁବିଧା ନିରବିଚ୍ଛିନ୍ନ ଭାବେ ପ୍ରଦାନ କରି ଆସୁଅଛି। ଉପରୋକ୍ତ ୩ ଟି ଜିଲ୍ଲା ର ଏନ.ପି.ଏ ଗ୍ରାହକ ମାନେ ଏହି ସମାଧାନ ଦିବସ ର ଫାଇଦା ଉଠାଇ ନିଜର ବକେୟା ଋଣ ରାଶି ସହଜ ଏବଂ ସରଳ ପ୍ରକ୍ରିୟା ରେ ଏକ କାଳୀନ ସମାଧାନ କରାଇପାରିବେ। ଏହି ସୁଯୋଗ ର ଲାଭ ଉଠାଇବା ପାଇଁ ଋଣ ଲାଭ କରିଥିବା ବ୍ୟାଙ୍କ ଅଫ ଇଣ୍ଡିଆ ର ଶାଖା ସହ ତୁରନ୍ତ ଯୋଗାଯୋଗ କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଙ୍କ ତରଫରୁ ନିବେଦନ କରାଯାଇଅଛି ।

## ନୀଳଗିରି ସଂକୀର୍ତ୍ତନ ବୈଠକରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଶାଖା ଗଠିତ



ଭଦ୍ରକ, ୧୦/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକସ୍ଥ ରାଜବ୍ରହ୍ମପୁର ଗ୍ରାମସ୍ଥ ଝାଲୁକ ପୋଷି ଠାରେ ସାଇଶକ୍ତି ସଂକୀର୍ତ୍ତନ ମଣ୍ଡଳୀର ବାର୍ଷିକ ସମାରୋହ ଶ୍ରୀଯୁକ୍ତ ଉପେନ୍ଦ୍ର କୁମାର ପାଥାଳ ଅଧ୍ୟକ୍ଷତାରେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଂକୀର୍ତ୍ତନ ମଣ୍ଡଳୀର ଆହ୍ୱାନକ୍ରମେ ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକର ମୁଖ୍ୟ ଆବାହକ ସେବକ ଶ୍ରୀ ଶରତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଚାର ସମିତୀର ପ୍ରବେଶକ ସୁଶ୍ରୀ ତପସ୍ୱିନୀ ପାଢ଼ୀ, ବାଲେଶ୍ୱର ଜିଲ୍ଲା ଆବାହକ ଶ୍ରୀ ଲକ୍ଷ୍ମୀକାନ୍ତ ଶତପଥି ଓ ଶ୍ରୀକ୍ଷେତ୍ର ବାସିନୀ ମହାଲକ୍ଷ୍ମୀ ସଂକୀର୍ତ୍ତନ ମଣ୍ଡଳୀର ପ୍ରଶିକ୍ଷକ ଶ୍ରୀ ସୁରେନ୍ଦ୍ର କୁମାର ଜେନା ପ୍ରମୁଖ ସେବକ ଯୋଗଦାନ କରି ଶ୍ରୀ ଜଗନ୍ନାଥଙ୍କ ତଥ୍ୟ ତତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏଠାରେ ପ୍ରଚାର ସମିତିର ଏକ ଶାଖା ଗଠନ କରାଯାଇ ସମିତିର ଲକ୍ଷ୍ୟ ଉଦ୍ଦେଶ୍ୟକୁ ଲୋକାଭିମୁଖୀ କରିବା ପାଇଁ ସ୍ଥିର କରାଯାଇଥିଲା। ଉକ୍ତଶାଖା ସମିତିର ମୁଖ୍ୟ ଶ୍ରୀମତୀ କନକଲତା ପୋଥାଳ, ରଶ୍ମିତା ବିନ୍ଧାଣୀଙ୍କୁ ଆବାହକ ଓ ସଂଯୋଜକ ଭାବରେ ଦାୟୀତ୍ୱ ପ୍ରଦାନ କରାଗଲା। ଏହି ବୈଠକରେ ଶ୍ରୀ କମଳାକାନ୍ତ ପୋଥାଳ, ବନଲତା ଗିରି, ପ୍ରଭାତୀ ନାୟକ, ଶାନ୍ତିଲତା ଖିଲାର, ପାର୍ବତୀ ବିନ୍ଧାଣୀ, ଜୟନ୍ତୀ ପୋଥାଳ, ରୁନୁ ପୋଥାଳ, ସୁବର୍ଣ୍ଣ ପୋଥାଳ, ରଞ୍ଜିତା ଖିଲାର, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଗିରି, ତ୍ରିଲୋଚନ ବିନ୍ଧାଣୀ ପ୍ରମୁଖ ବହୁ ସଂକୀର୍ତ୍ତନ କଳାକାର ସମେତ ଗ୍ରାମବାସୀ ଯୋଗଦାନ କରିଥିଲେ।

## ହଷ୍ଟେଲରେ ରହି ପଢ଼ିବାକୁ ଚାହୁଁଛନ୍ତି ବାପା-ମା' ଛେଉଣ୍ଡ ଭାଇ ଭଉଣୀ

ଉଦଳା , ୧୦/୬ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ ଅନନ୍ତପୁର ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଲାଲମୋହନ ହେମ୍ବ୍ରମ ଓ ତାଙ୍କର ସହଧର୍ମିଣି ଫୁଲ ହେମ୍ବ୍ରମଙ୍କର ଦେହାନ୍ତ ହୋଇଯିବା ଫଳରେ ତାଙ୍କର ୮ ବର୍ଷ ବୟସର ପୁତ୍ର 'ଦାସ' ଓ ୭ ବର୍ଷ ବୟସର କନ୍ୟା 'ଦୁଲାରି' ବାପା-ମା' ଛେଉଣ୍ଡ ହୋଇଯାଇଛନ୍ତି । ବର୍ତ୍ତମାନ ଏହି ଦୁଇ ଭାଇ ଭଉଣୀ ତାଙ୍କର ବଡ଼ବାପା ଭୁତାଳ ହେମ୍ବ୍ରମଙ୍କ ପାଖରେ ରହୁଛନ୍ତି । ଭୁତାଳଙ୍କ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ଏହି ଦୁଇ ଭାଇ ଭଉଣୀଙ୍କୁ କୌଣସି ହଷ୍ଟେଲରେ



ରଖିଦେବାକୁ ଗୁହାରି ଜଣାଇଛନ୍ତି । ଉକ୍ତ ଦୁଇ ଭାଇ ଭଉଣୀଙ୍କର ଆଧାର କାର୍ଡ଼ ନଥିବାରୁ ସେମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା ମଧ୍ୟ ଭୁତାଳ କହିଛନ୍ତି । ପୁତ୍ର 'ଦାସ' ବର୍ତ୍ତମାନ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ୨ୟ ଶ୍ରେଣୀରେ ପଢୁଥିବା ବେଳେ କନ୍ୟା 'ଦୁଲାରି' ଅଙ୍ଗନୱାଡ଼ି ପାସ କରିବା ପରେ ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବାର ଜଣାଯାଇଛି । ବିଭାଗିୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ଜମ୍ମୁକଶ୍ମୀରର ରିୟାସୀରେ ସେନାର ତଲାସୀ ଅଭିଯାନ ଆରମ୍ଭ

ଜମ୍ମୁ, ୧୦/୬ (ନି.ପ୍ର): ଜମ୍ମୁ-କଶ୍ମୀରର ରିୟାସୀ ଜିଲ୍ଲାରେ କାଲି ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ସେନା ପକ୍ଷରୁ ତଲାସୀ ଅଭିଯାନ ଆରମ୍ଭ ହୋଇଛି । ଆତଙ୍କବାଦୀମାନେ ଘଂଚ ବଣ ଭିତରେ ଲୁଚି ରହିଥିବା ଆଶଙ୍କାକୁ ଦୃଷ୍ଟିରେ ରଖି ଡ୍ରୋନ ବ୍ୟବହାର କରାଯାଉଛି । ଏଠାରେ ସୂଚନାଯୋଗ୍ୟ, ରିୟାସୀରେ ଉତ୍ତର ପ୍ରଦେଶର ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ବସ ଉପରେ କରାଯାଇଥିବା ଆକ୍ରମଣରେ ୧୦ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୩ଜଣ ଆହତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ସ୍ଥିତି ଉପରେ ଲଗାତର ଦୃଷ୍ଟି ରଖିବା ଏବଂ ପ୍ରଭାବିତ ପରିବାରକୁ ଯଥାସମ୍ଭବ ସହାୟତା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉପରାଜ୍ୟପାଳ କହିଛନ୍ତି ଯେ, ସୁରକ୍ଷାବଳ ଆତଙ୍କବାଦୀଙ୍କ ତଲାସୀ ପାଇଁ ମିଳିତ ଅଭିଯାନ ଆରମ୍ଭ କରିଛନ୍ତି । ଆକ୍ରମଣ ପଛରେ ଥିବା ଲୋକଙ୍କୁ ଛଡାଯିବ ନାହିଁ ।

## ଶ୍ରୀଜଗନ୍ନାଥ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ



ବେତନଟୀ, ୧୦/୬ (ନି.ପ୍ର): ବୈଶିଙ୍ଗା ଉପକଣ୍ଠ ବିଦ୍ୟୁତ ସେକସନ୍ କାର୍ଯ୍ୟାଳୟ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଆଜି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଚାରି ବେଦର ବ୍ରାହ୍ମଣଙ୍କୁ ନେଇ ମନ୍ଦିର ପରିସରରେ ହୋମଯଜ୍ଞ କରାଯିବା ସହିତ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ଯଜ୍ଞ ଓ ଅନ୍ନ ଯଜ୍ଞ ଭାବେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ପାଖ ଆଖ ଆଠ ଦଶ ଖଣ୍ଡ ଗ୍ରାମର ଶହସ୍ରାଧିକ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରସାଦ ସେବନରେ ଅଂଶ ଗ୍ରହଣ କରିଥିଲେ । ଅନ୍ୟ ପକ୍ଷରେ ଚଳିତ ବର୍ଷ ଏହି ବାର୍ଷିକ ଉତ୍ସବ ଉପଲକ୍ଷେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ବୈଶିଙ୍ଗା ଥାନାଧିକାରୀ ତପନ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଟାଟା ପାୱାର ଜେଇ ପ୍ରଶାନ୍ତ ନାୟକ, ଆଞ୍ଚଳିକ ବିକାଶ ପରିଷଦର ବିବେକାନନ୍ଦ ପଣ୍ଡା ପ୍ରମୁଖ ଯୋଗଦାନ କରି ମନ୍ଦିର ପରିସରରେ ଆମ୍ବ, ବଉଳ ଭଳି ବିଭିନ୍ନ କିସମର ଚାରା ରୋପଣ କରିଥିଲେ । ଜଗନ୍ନାଥ ମନ୍ଦିର କମିଟିର ମଦନ ମହାନ୍ତ, କୈଳାସ ମହାନ୍ତ, ସୂରିଆ ଦେହୁରୀ, ଅଭିଲାଷ ସିଂହ, ସୁବ୍ରତ ମହାନ୍ତ, କଳ୍ପତରୁ ଜେନା, ମାନସ ପୁହାଣ, ଛତିଶ ପ୍ରଧାନ, ବାବୁଲି ଜେନା, ନିଶିତ ରାଉତ, କୁନା ଦାସ, ନରସିଂହ ଚରଣ ଭୂୟାଁ, ଜୟନ୍ତ ଦାସ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଏହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୦ ଡଲାର ଛୁଇଁଲା

ନୂଆଦିଲ୍ଲୀ, ୧୦/୬ (ନି.ପ୍ର): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଂଟ ମୂଲ୍ୟ ବ୍ୟାରେଲ ପିଛା ୮୦ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୭୬ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ଟଙ୍କା ଥିବା ବେଳେ ଡିଜେଲ ୯୨.୨୭ଟଙ୍କା ରହିଛି ।

## ସମ୍ବଲପୁର ସମେତ ଓଡ଼ିଶାବାସୀଙ୍କୁ 'ଶୀତଳଷଷ୍ଠୀ'ର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୦/୬ (ନି.ପ୍ର): ସମ୍ବଲପୁର ଲୋକସଭା ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏକ ଭିଡିଓ ଜାରି କରି ସମ୍ବଲପୁରୀ ଭାଷାରେ 'ଶୀତଳଷଷ୍ଠୀ'ର ଶୁଭେଚ୍ଛା ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଜି ଠାରୁ ଶୀତଳଷଷ୍ଠୀ ପର୍ବ ଆରମ୍ଭ ହେବା ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ବିଷୟ । ଶୀତଳଷଷ୍ଠୀ ହେଉଛି ଓଡ଼ିଶାର ଅନନ୍ୟ ସାଂସ୍କୃତିକ ଐତିହ୍ୟର ଭବ୍ୟ ସ୍ୱରୂପ । ଦେବଦମ୍ପତି ପ୍ରଭୁ ଶିବ ଆଉ ମାଆ ପାର୍ବତୀଙ୍କର ବିବାହ ଲୋକ-ପରମ୍ପରା ଅନୁସାରେ କରିବା ପରେ ଭଗବାନଙ୍କ ଆଶୀର୍ବାଦ ନେବାର ମହାନ ପର୍ବ ହେଉଛି ଶୀତଳଷଷ୍ଠୀ । ଏହି ପର୍ବ ଲୋକସଂସ୍କୃତି ଓ ଭାଇଚାରାକୁ ବ୍ୟାପକ କରିବାର ପର୍ବ । କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି,



ଶୀତଳଷଷ୍ଠୀ ହେଉଛି, ବର୍ଷା ପାଇଁ ଭଗବାନଙ୍କ ପାଖରେ ଆଶୀର୍ବାଦ ଭିକ୍ଷା କରିବାର ପବିତ୍ର ଅବସର । ଶୀତଳଷଷ୍ଠୀ ବେଳେ ସମସ୍ତେ ମିଳିମିଶି ଆମ ସମାଜରେ ଭାଇଚାରା ବଢାଇବା ଏବଂ ଭଲ ବର୍ଷା ପାଇଁ ଦେବଦମ୍ପତି ପ୍ରଭୁ ଶିବ ଓ ମାତା ପାର୍ବତୀଙ୍କ ନିକଟରେ ଗୁହାରି କରିବା । ଭଗବାନ ଶିବ ଏବଂ ମା' ପାର୍ବତୀଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଏବଂ ପ୍ରଗତି ଆଣିଦେବା ନେଇ କେନ୍ଦ୍ରମନ୍ତ୍ରୀ କାମନା କରିଛନ୍ତି । ଏହାବ୍ୟତିତ ସେ କହିଛନ୍ତି ଯେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ମୋଦୀ ସରକାରର ତୃତୀୟ ପାଳିର ପ୍ରଥମ କ୍ୟାବିନେଟ୍ ଅନୁଷ୍ଠିତ ହେଉଛି । ମହାପ୍ରଭୁ ଓ ମାଆ ସମଲେଇଙ୍କ ଆଶୀର୍ବାଦରୁ ପ୍ରଧାନମନ୍ତ୍ରୀ ମୋତେ କ୍ୟାବିନେଟରେ ସ୍ଥାନ ଦେଇଛନ୍ତି । ପ୍ରଥମ କ୍ୟାବିନେଟ୍ ଅନୁଷ୍ଠିତ ହେଉଥିବା ଯୋଗୁଁ ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହୋଇପାରୁନାହିଁ । ଏଥିପାଇଁ ସମ୍ବଲପୁରବାସୀଙ୍କ ପାଖରେ କେନ୍ଦ୍ରମନ୍ତ୍ରୀ କ୍ଷମା ପ୍ରାର୍ଥନା କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo